

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୮ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 28 JANUARY 2022
Vol.No. 33 ■ No. 26 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଟାଟା ପାଖକୁ ଫେରିଲା ଏୟାର ଇଣ୍ଡିଆ



ନୂଆଦିଲ୍ଲୀ, ୨୭/୦୧ (ନି.ପ୍ର): ଶେଷରେ ଆଜି ବିଧିବଦ୍ଧ ଭାବେ ଟାଟା ପାଖକୁ ଫେରିଛି ଏୟାର ଇଣ୍ଡିଆ। ଗୁରୁବାର ସରକାର ଔପଚାରିକ ଭାବେ ଟାଟା ଗ୍ରୁପକୁ ହସ୍ତାନ୍ତ କରିଛନ୍ତି। ଏବେ ଏୟାର ଇଣ୍ଡିଆର ସମସ୍ତ ପରିଚାଳନା ଦାୟିତ୍ୱ ତାର ନୂଆ ମହାରାଜା ଟାଟା ଗ୍ରୁପ ଅଧିନକୁ ଆସିଛି। କେନ୍ଦ୍ର ସରକାରଙ୍କ ଘରୋଇକରଣ ଯୋଜନା ଅଧୀନରେ ଏୟାର ଇଣ୍ଡିଆକୁ ସାମିଲ କରାଯାଇ ଏହାର ସଫଳ ନିଲାମ କରାଯାଇଛି। ଆଜି ସରକାରୀ ଭାବେ ହସ୍ତାନ୍ତର ପୂର୍ବରୁ ଟାଟା ସନ୍ ଅଧକ୍ଷ ଏନ୍ ଚନ୍ଦ୍ରଶେଖରନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଟାଟା ଗ୍ରୁପକୁ ଏୟାର ଇଣ୍ଡିଆ ଫେରିବା ପରେ ଆମେ ଅତ୍ୟନ୍ତ ଖୁସି ବୋଲି ଏନ୍ ଚନ୍ଦ୍ରଶେଖରନ୍ କହିଛନ୍ତି। ଏହାକୁ ବିଶ୍ୱସ୍ତରୀୟ ଏୟାର ଲାଇନ୍ସ ତିଆରି କରିବାରେ ଟାଟା ଗ୍ରୁପ ଉଦ୍ୟମ କରିବ ବୋଲି ସେ କହିଛନ୍ତି। ଗତ ବର୍ଷ ଅକ୍ଟୋବରରେ ନିଲାମି ପ୍ରକ୍ରିୟାରେ ଟାଟା ଗ୍ରୁପ୍ ସବୁଠୁ ଅଧିକ ଟଙ୍କା ୧୮,୦୦୦ କୋଟି ଟଙ୍କା ଦେଇ ଏହାକୁ କିଣିଥିଲା। କେନ୍ଦ୍ର ସରକାର ପୁଞ୍ଜି ପ୍ରତ୍ୟାହାର କରିବା ପରେ ଏୟାର ଇଣ୍ଡିଆର ମାଲିକାନା ଟାଟା ଗ୍ରୁପ୍ ହାତକୁ ଫେରିଛି। କେନ୍ଦ୍ର ସରକାର ଅକ୍ଟୋବର ୨୫ରେ ୧୮,୦୦୦ କୋଟି ଟଙ୍କାରେ ଏୟାର ଇଣ୍ଡିଆର ବିକ୍ରି ପାଇଁ ଟାଟା ସନ୍ସ ସହ ରାଜିନାମା କରିଥିଲେ। ସରକାରଙ୍କୁ ୨୭୦୦ କୋଟି ଟଙ୍କା ନଗଦ ଦେବ ଏବଂ ଏୟାର ଲାଇନ୍ ଉପରେ ଥିବା ୧୫,୩୦୦ କୋଟି ଟଙ୍କା ବକେୟା ପରିଶୋଧ କରିବା ନେଇ ଚୁକ୍ତି ହୋଇଥିଲା। ଏୟାର ଇଣ୍ଡିଆ ୨୦୦୭-୦୮ରେ ଇଣ୍ଡିଆନ ଏୟାରଲାଇନ୍ସ ସହିତ ବିଲୟ ପରଠୁ କ୍ରମାଗତ ଘାଟାରେ ଚାଲିଥିଲା।

# ଦିଲ୍ଲୀରେ କଟକଣା କୋହଳ କଲେ କେଜ୍ରିୱାଲ ସରକାର

## ହଟିଲା ସପ୍ତାହାନ୍ତ କର୍ଫ୍ୟୁ, ୫୦ ପ୍ରତିଶତ କ୍ଷମତାରେ ଖୋଲିବ ହଲ



ନୂଆଦିଲ୍ଲୀ,୨୭/୦୧: କରୋନା ସଂକ୍ରମଣ ପାଇଁ ରାଜଧାନୀ ଦିଲ୍ଲୀରେ ଲାଗୁ ହୋଇଥିବା କଟକଣାକୁ କୋହଳ କରାଯାଇଛି । ଦିଲ୍ଲୀରେ ସଂକ୍ରମଣ ହାର କମୁଥିବାରୁ କଟକଣାକୁ କୋହଳ କରିବାକୁ ନିଷ୍ପତି ନେଇଛନ୍ତି ଦିଲ୍ଲୀ ସରକାର । ବୁଧବାର ଦିଲ୍ଲୀ ଡିଜାଷ୍ଟର ମାନେଜମେଂଟ୍ର ହୋଇଥିବା ବୈଠକରେ ଏହି ନିଷ୍ପତି ହୋଇଛି । ସେପଟେ ଦେଶରେ ଦୈନିକ ସଂକ୍ରମଣ ଗୁରୁବାର ତୁଳନାରେ ସାମାନ୍ୟ ବୃଦ୍ଧି ପାଇଛି । ଗତ ୨୪ ଘଂଟାରେ ୨ ଲକ୍ଷ ୮୬ ହଜାର ୩୮୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଦିଲ୍ଲୀରେ କରୋନା ସଂକ୍ରମଣ ସାମାନ୍ୟ କମିବା ପରେ କୋଭିଡ କଟକଣା କୋହଳ କରିଛନ୍ତି କେଜ୍ରିୱାଲ ସରକାର । ଗତ ୨୪ଘଂଟାରେ ଦିଲ୍ଲୀରେ ୭ହଜାର ୪୯୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏହାସହ ୨୯ଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ବୁଧବାର ଦିନ ୫ହଜାର ୭୬୦ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୩୦ଜଣଙ୍କର ମୃତ୍ୟୁ ହୋଇଥିଲା । ସଂକ୍ରମଣ ସାମାନ୍ୟ କମିବା ପରେ କୋଭିଡ କଟକଣା ସାମାନ୍ୟ କୋହଳ କରାଯାଇଛି । ସପ୍ତାହାନ୍ତ କର୍ଫ୍ୟୁ ହଟାଇଛନ୍ତି କେଜ୍ରିୱାଲ ସରକାର, ୫୦% କ୍ଷମତାରେ ସିନେମା ହଲ ଖୋଲିବାକୁ ନିଷ୍ପତ୍ତି, ୫୦% କ୍ଷମତାରେ ରେଷ୍ଟୁରାଂଟ୍ ଖୋଲିବାକୁ ବି ନିଷ୍ପତ୍ତି ନିଆଯାଇଛି, ରାତି ୧୦ଟାରୁ ସକାଳ ୫ଯାଏଁ ବଳବତ୍ତର ରହିବ ନାଇଟ କର୍ଫ୍ୟୁ, ଦୋକାନ ବଜାର ଖୋଲିବାରେ ଲାଗୁ ହୋଇଥିବା ଯୁଗ୍ମ-ଅଯୁଗ୍ମ କଟକଣା ବି ହଟାଯାଇଛି, ବିବାହ ସମାରୋହ ପାଇଁ ଲୋକସଂଖ୍ୟା ୧୫ରୁ ବଢାଯାଇ ୨୦୦ ସ୍ଥିର କରାଯାଇଛି, ସେପଟେ ଦେଶରେ ପୁଣି ବଢ଼ିଲା କରୋନାର ଦୈନିକ ସଂକ୍ରମଣ । ଦେଶରେ ଓମିକ୍ରନ୍ ଆତଙ୍କ ଭିତରେ ହାଇଦ୍ରାବାଦରେ ଡେଲ୍ଟା ଭାରିଆଂଟ୍ରେ ସଂକ୍ରମଣ ବଢ଼ିବାରେ ଲାଗିଛି । କରୋନାର ଡେଲ୍ଟା ଭାରିଆଂଟ୍ରେ ସଂକ୍ରମିତ ହୋଇ ଅନେକ ରୋଗୀ ଡାକ୍ତରଖାନାରେ ଭର୍ତି ହେଉଛନ୍ତି । ଏହାରି ଭିତରେ ଭାରତରେ ତୃତୀୟ ଲହର ପିକ୍ ଛୁଇଁବାର ଆଶଙ୍କାକୁ ଏଡାଇ ଦିଆଯାଇପାରିବନି ।

## ସଂଶୟ ଦୂର କଲା କେନ୍ଦ୍ର, ୨୦୦୭ରେ ଜନ୍ମିତଙ୍କୁ ମିଳିବ ଟିକା

ନୂଆଦିଲ୍ଲୀ,୨୭/୦୧: କରୋନା ବିରୋଧରେ ଜାରି ରହିଥିବା ଲଢ଼େଇ ଭିତରେ କେନ୍ଦ୍ର ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି । କିଶୋରଙ୍କୁ ଟିକା ନେଇ ଜନ୍ମବର୍ଷ ସଂଶୟକୁ ଦୂର କରିଛନ୍ତି କେନ୍ଦ୍ର ସରକାର। ୨୦୦୭ରେ ଜନ୍ମିତ ପିଲାଙ୍କୁ କରୋନା ଟିକା ଦିଆଯିବ। ଏନେଇ ବିଭିନ୍ନ ରାଜ୍ୟମାନଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ (NHM) ନିର୍ଦ୍ଦେଶକ ବିକାଶ ସିଲ୍ ଚିଠି ଲେଖି ସ୍ପଷ୍ଟ କରିଛନ୍ତି। ଏଥିରେ ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି ଯେ, ୨୦୦୭ରେ ଯେଉଁ ପିଲା ଜନ୍ମ ହୋଇଥିବେ, ସେହି ପିଲାମାନେ କରୋନା ଟିକା ନେଇପାରିବେ। କେବଳ ୨୦୦୭ ନୁହଁନ୍ତି, ୨୦୦୫ ଏବଂ ୨୦୦୬ ମସିହାରେ ଜନ୍ମିତ ପିଲାଙ୍କୁ ମିଳିବ ଟିକା। ଯାହାଙ୍କୁ ୧୫ ବର୍ଷ ହୋଇଯାଇଛି କିମ୍ବା ୨୦୨୩ ଜାନୁଆରୀ ୧ ସୁଦ୍ଧା ୧୫ ବର୍ଷ ବୟସ ହେବ, ତାଙ୍କୁ ବି ଟିକା ଦିଆଯାଇପାରିବ ବୋଲି ଚିଠିରେ ଦର୍ଶାଇଛନ୍ତି NHM ମିଶନ ନିର୍ଦ୍ଦେଶକ। ପବିତ୍ର ଖ୍ରୀଷ୍ଟମାସ ଓ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁଆରୀ ୩ ତାରିଖରୁ ଦେଶରେ ୧୫ରୁ ୧୮ ବର୍ଷ ବୟସ୍କଙ୍କ ଟିକାକରଣ ଆରମ୍ଭ ହେବା ନେଇ ଘୋଷଣା କରିଥିଲେ। ▶▶ପୃଷ୍ଠା ୭

# ନିର୍ବାଚନ ଇସ୍ତାହାର ଜାରି କଲା ବିଜେପି

ଭୁବନେଶ୍ୱର, ୨୭/୦୧ (ନି.ପ୍ର): ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନ ଲାଗି ଇସ୍ତାହାର ଓ ଅଭିଯୋଗ ପତ୍ର ଜାରି କରିଛି ବିଜେପି। ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟାଳୟଠାରେ ଇସ୍ତାହାର ଉନ୍ମୋଚିତ ହୋଇଥିଲା। ଏହି ଇସ୍ତାହାରରେ ୨୨ଟି ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ସେ ମଧ୍ୟରେ ପଂଚାୟତରେ ଗ୍ରାମସଭା ଓ ପଲ୍ଲୀସଭା କରାଯିବା ପ୍ରତିଶ୍ରୁତି ରହିଛି। ଏଥିରେ ଦୁର୍ନୀତି ଦୂରୀକରଣକୁ ଗୁରୁତ୍ୱ ଦିଆଯାଇଛି ଓ କେନ୍ଦ୍ରୀୟ ଯୋଜନାରେ ପ୍ରଧାନମନ୍ତ୍ରୀ ମୋଦୀ ପଠାଉଥିବା ଟଙ୍କାର ବିନିଯୋଗକୁ ଜଗୁଆଳି ଭଳି ଦଳ ଜଗିବ ବୋଲି କୁହାଯାଇଛି। ପଂଚାୟତ ସ୍ତରରେ ବ୍ୟାପକ ଅର୍ଥ ଲୁଟ ହେଉଛି ଓ ବିଜେଡି ନେତା ଲୁଟ କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି । ବିକାଶ ନାମରେ ଜେଇ ଠିକାଦାର ସାଜି ଅର୍ଥ ଲୁଟ କରୁଛନ୍ତି ତେଣୁ ତାକୁ ବିଜେପି ଆଉ ହେବାକୁ ଦେବନାହିଁ । ନିର୍ବାଚନ ଇସ୍ତାହାର ସମ୍ପର୍କରେ ସଭାପତି ସମୀର ମହାନ୍ତି କହିଛନ୍ତି ମଣ୍ଡି ବ୍ୟବସ୍ଥାକୁ ସୁଦୃଢ କରାଯିବ, ମହିଳା ଶସକ୍ତିକରଣ କରାଯିବ, ପ୍ରତେକ ପଂଚାୟତରେ ମହିଳାଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ଜିନିଷକୁ ବଜାରରେ ବିକ୍ରି କରାଯିବ । ଷ୍ଟ୍ରିଟ ଲାଇଟ, ବର୍ଜ୍ୟ ବସ୍ତୁ ପରିଚାଳନା ଉପରେ ନିର୍ବାଚନୀ ଇସ୍ତାହାରରେ ବିଜେପି ଜୋର ଦେଇଛି।

# ୭୩ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ



ଭୁବନେଶ୍ୱର,୨୭/୦୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରର ମହାତ୍ମାଗାନ୍ଧୀ ମାର୍ଗରେ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । କୋଭିଡ୍ ମାର୍ଗଦର୍ଶିକାର ସମୁଚିତ ଅନୁପାଳନ ଅନୁଯାୟୀ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଏହି ସମାରୋହରେ ଉପସ୍ଥିତ ଥିଲେ । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସକାଳ ୮.୨୮ ରେ ମହାତ୍ମା ଗାନ୍ଧୀ ମାର୍ଗରେ ପହଂଚିବା ପରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, କଟକ-ଭୁବନେଶ୍ୱର ଦ୍ୱୈର୍ତନଗରୀ ▶▶ପୃଷ୍ଠା ୭

# ଭାରତରେ ଅଧିକ ସଂଖ୍ୟାରେ ବି.ଏ. ୨ ଭାରିଏଣ୍ଟ



ନୂଆଦିଲ୍ଲୀ,୨୭/୦୧: ଦେଶରେ ବଢୁଛି କରୋନା ସଂକ୍ରମଣ । ଏନେଇ ଚିନ୍ତା ପ୍ରକଟ କଲେ କେନ୍ଦ୍ର ସରକାର । ଦେଶରେ ଓମିକ୍ରନ ସଂକ୍ରମଣ ଏବେବି ଚିନ୍ତା ଜନକ ରହିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଲଭ ଅଗଓ୍ୱାଲ ସୂଚନା ଦେଇଛନ୍ତି । ଓମିକ୍ରନ ଭୁତାଣୁର ସବ ଭାରିଆଂଟ ବି.ଏ.୨ ଭାରତରେ ଅଧିକ ସଂଖ୍ୟାରେ ରହିଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଲବ ଅଗ୍ରଓ୍ୱାଲ । ଏହା ପୂର୍ବରୁ ଓମିକ୍ରନର ସବ ଭାରିଆଂଟ ବି.ଏ.୨ ଅନ୍ତର୍ଜାତୀୟ ଯାତ୍ରୀଙ୍କ ନମୁନାରେ ମିଳୁଥିଲା । ହେଲେ ଏବେ ଅଧିକ ସଂଖ୍ୟାରେ ଏହି ଭୂତାଣୁ ମିଳୁଥିବା ଅନୁଧାନରୁ ଜଣାପଡିଥିବା କହିଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ । ଅନ୍ୟପଟେ ତୃତୀୟ ଲହରରେ କରୋନା ସଂକ୍ରମଣ ଏକ ପ୍ରକାର ସ୍ଥିର ବା ପ୍ଲାଟିୟୁ ହୋଇ ଯାଇଥିବା ସୂଚନା ଦେଇଛି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ।

# ମୁହଁ ଖୋଲିଲେ ପ୍ରସାଦ, ଦଳରେ ଥିଲି ରହିବି

ଭୁବନେଶ୍ୱର, ୨୭/୦୧ (ନି.ପ୍ର): 'ମୁଁ ବେପାରୀ ନୁହେଁ ଯେ ଡିଲ୍ କରିବି। ମୁଁ ଦଳରେ ରହିବି, ଦଳ ପାଇଁ କାମ କରିବି ଓ ପ୍ରଚାର କରିବି। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନ ମୁଁ ଲଢ଼ିବି ନାହିଁ। ଯେଉଁମାନେ ମୋତେ ଆକ୍ଷେପ କରି କହିଛନ୍ତି ଯେ ମୁଁ କ୍ଷମତା ପାଇଁ ବିଜେଡିକୁ ଯିବି ,ସେମାନଙ୍କୁ ଏହା ହିଁ ମୋ ଜବାବ ବୋଲି ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି କହିଛନ୍ତି ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ବିଧାୟକ ହୋଇଥିବା ପ୍ରସାଦ ହରିଚନ୍ଦନ। ସାମ୍ବାଦିକ ସମ୍ମିଳନୀ ଭାବବିହ୍ୱଳ ହୋଇ ପ୍ରସାଦ କହିଛନ୍ତି ସରକାରଙ୍କଠାରୁ ଫାଇଦା ପାଇଁ ବେପାରୀମାନେ ଡିଲ୍ କରନ୍ତି। କିନ୍ତୁ ରାଜ୍ୟ ସରକାର ହୁଅନ୍ତୁ ବା କେନ୍ଦ୍ର ସରକାର, ମୁଁ କାହାଠୁ ସାମାନ୍ୟତମ ଫାଇଦା ନେଇ ନାହିଁ। ମୁଁ କାହା ସହିତ ଡିଲ୍ କରି ନାହିଁ କି କରିବି ନାହିଁ। ମୁଁ ଦୁର୍ନୀତିରେ ନାହିଁ। ମୁଁ ଖଣି ହେଉକି ପାଣି, କୌଣସି ଦୁର୍ନୀତିରେ ନାହିଁ। ଆଜି ପର୍ଯ୍ୟନ୍ତ ମୋ ବିରୋଧରେ କୌଣସି ସ୍କାମ୍ ଓ ସ୍କାଣ୍ଡାଲର ଅଭିଯୋଗ ଆସିନି। ଏହା ସେମାନଙ୍କୁ ଅସହ୍ୟ କରୁଛି। ସେମାନଙ୍କୁ ଅସହ୍ୟ କରୁଛି ମୋ ନୀରବତା। ମୁଁ ଦଳର ଓ ଲୋକଙ୍କ ସ୍ୱାର୍ଥ ପାଇଁ ନୀରବ ରହୁଛି। ନହେଲେ ବହୁତ ଲୋକଙ୍କର ବହୁତ ଗୁମର ଖୋଲି ଯାନ୍ତା। ମୋ ପାଖରେ ସେ ନେଇ ଦସ୍ତାବିଜ୍ ବି ଅଛି। ନିର୍ବାଚନ ପରେ ଏହାର ଖୁଲାସା କରିବି। ସେ କହିଥିଲେ, ଯେଉଁମାନେ କହୁଛନ୍ତି ମୁଁ ୩ ବର୍ଷ ହେଲାଣି ଘରୁ ବାହାରୁନି, ଆଜି ସେମାନଙ୍କ ଉଦ୍ଦେଶ୍ୟରେ ମୁଁ କହୁଛି ୩ ବର୍ଷ ନୁହେଁ, ୩୩ ବର୍ଷ ହେଲାଣି ମୁଁ ଘରୁ ବାହାରିନି। ମୋର ଗୋଟିଏ ଘର ଓ ଗୋଟିଏ ଠିକଣା। ଆଉ ତାହା ହେଉଛି କଂଗ୍ରେସ। ସେ କହିଥିଲେ, କିଛି ଲୋକ କହୁଛନ୍ତି ମୁଁ ପୁରୀ ଲୋକସଭା ଆସନରୁ ପ୍ରାର୍ଥୀ ହେବାକୁ ଚାହୁଁଛି, ତେଣୁ ବିଜେଡି ଯିବି। କିନ୍ତୁ ମୁଁ ଘୋଷଣା କରୁଛି ଯେ ମୁଁ ୨୦୨୪ ସାଧାରଣ ନିର୍ବାଚନ ଲଢ଼ିବି ନାହିଁ। ତେଣୁ ଯେଉଁମାନେ ମୋ ବିରୋଧରେ ଅପପ୍ରଚାର କରୁଛନ୍ତି, ସେମାନେ ଏଥରୁ ବୁଝନ୍ତୁ ଯେ ମୋର କ'ଣ ଇଚ୍ଛା ଅଛି ? ଏହା ସହିତ କଂଗ୍ରେସ ଏକ ସଙ୍ଗିନ ସ୍ଥିତି ଦେଇ ଯାଉଥିବା କହିଥିଲେ ପ୍ରସାଦ ହରିଚନ୍ଦନ। ସେ କହିଥିଲେ, କଂଗ୍ରେସ କର୍ମୀମାନେ ତଳିତଳାନ୍ତ। ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୮ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୭/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୮ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୫୫୦ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ୩ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେହିପରି ବାଲେଶ୍ୱର, କେନ୍ଦୁଝର, ଖୋର୍ଧା.କୋରାପୁଟ ଓ ରାୟଗଡା ଜିଲ୍ଲାରେ ଜଣେ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ଜେଲ ଗଲେ କୋଟିପତି କିରାଣି

ବଲାଙ୍ଗିର, ୨୭/୦୧ (ନି.ପ୍ର): ଜେଲ ଗଲେ କୋଟିପତି କିରାଣି। ନିଜ ଆୟଠାରୁ ଠୁଳ କରିଥିବା ଅଧିକ ସମ୍ପତ୍ତିର ହିସାବ ଦେଇ ନପାରି ଶେଷରେ ଗତକାଲି ବନ୍ଧା ହୋଇଥିଲେ ଆଗଲପୁର ବ୍ଲକର ମୁଖ୍ୟ କିରାଣି ପ୍ରଫୁଲ୍ଲ କୁମାର ସା। ବିଭିନ୍ନ ଯୋଜନାରେ ଅର୍ଥ ଲୁଟ୍ କରିବା ସହିତ ପିସି କାରବାର କରି ମାଲେମାଲ ହୋଇଥିବା କୋଟିପତି କିରାଣି ପ୍ରଫୁଲ୍ଲଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଥିଲା। ପ୍ରଫୁଲ୍ଲଙ୍କ ବଲାଙ୍ଗିର ଗାନ୍ଧି ନଗରପଡ଼ାରେ ଥିବା ଦୁଇ ମହଲା କୋଠା, ହାଟପଦା ପଡ଼ାରେ ଥିବା ଦୁଇ ମହଲା କୋଠା ▶▶ପୃଷ୍ଠା ୭

# ପରୀକ୍ଷା ବାତିଲ ଦାବିରେ ରାସ୍ତାରେ ଯୁକ୍ତଦୁଇ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨୭/୦୧ (ନି.ପ୍ର): ପରୀକ୍ଷା ବାତିଲ ଦାବିରେ ରାଜଧାନୀ ରାଜରାସ୍ତାରେ ଗର୍ଜିଲେ ଯୁକ୍ତଦୁଇ ଛାତ୍ରଛାତ୍ରୀ। ମାର୍ଚ୍ଚରେ ହେବାକୁ ଥିବା ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ବାତିଲ କରିବାକୁ ଦାବି କରି ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରଛାତ୍ରୀ ମାଷ୍ଟରକ୍ୟାଂଟିନ୍ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ଚଳିତ ଶିକ୍ଷା ବର୍ଷରେ ମାତ୍ର ୫ ମାସର ଅଫଲାଇନ ପାଠପଢାରେ ଗୋଟିଏ ତ୍ରୟ ମାସିକ ଟେଷ୍ଟ ସରିଛି । ଏବେ ସୁଦ୍ଧା ୭୦ ପ୍ରତିଶତ ସିଲାବସ ମଧ୍ୟ ସରିନାହିଁ । ଅନ୍ୟପଟେ ୟୁଟ୍ୟୁବ ପାଠପଢ଼ା ସହ ଅନଲାଇନ ପାଠପଢ଼ା ବି ଠିକ୍ ଭାବେ ହୋଇପାରିନି। ଏଭଳି ସ୍ଥିତିରେ ପରୀକ୍ଷା ବାତିଲ କରାଯାଇ ତ୍ରୟ ମାସିକ ପରୀକ୍ଷାର ମାର୍କ ଅନୁସାରେ ବୋର୍ଡ ପରୀକ୍ଷାର ମାର୍କ ଦିଆଯାଉ ବୋଲି ଛାତ୍ରଛାତ୍ରୀ ଦାବି କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ କୋଭିଡ ସମୀକ୍ଷା



ଭୁବନେଶ୍ୱର, ୨୭/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍ଫରେନ୍ସିଂ ଜରିଆରେ କୋଭିଡ-୧୯ ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ସତର୍କ ରହିବା ସହିତ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ତା ସହିତ ବରିଷ୍ଠ ନାଗରିକ ଓ ସମ୍ମୁଖ ଯୋଦ୍ଧା ମାନଙ୍କୁ ବୁଷ୍ଟର ଡୋଜ ଦେବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ବର୍ତ୍ତମାନ ସକ୍ରିୟ କୋଭିଡ ରୋଗୀ ସଂଖ୍ୟା ସ୍ଥିର ରହିଥିବା ବେଳେ ନୂଆ ପଜିଟିଭ କେସ୍ ରେ ମଧ୍ୟ ହ୍ରାସ ଘଟିଛି । ତୃତୀୟ ଲହରରେ ଡାକ୍ତରଖାନା ଉପରେ ବିଶେଷ ଚାପ ପଡିନାହିଁ । କିନ୍ତୁ ଏଥିରେ ଆତ୍ମସନ୍ତୋଷର ସ୍ଥାନ ନାହିଁ। ସଂପୂର୍ଣ୍ଣ ପ୍ରସ୍ତୁତ ରହି ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ତା ସହିତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ସକ୍ରିୟ ସହଯୋଗରେ ସାରା ରାଜ୍ୟରେ ▶▶ପୃଷ୍ଠା ୭


GOVERNMENT OF INDIA
MINISTRY OF RAILWAYS
*Railway Recruitment Board: Kolkata*
R.G.Kar Road, Kolkata-700 037.

Ongoing recruitments by RRBs - **REDRESSAL OF CANDIDATE'S GRIEVANCES**

A committee is looking into the concerns and doubts raised by candidates in regard to results of Computer Based Test (CBT-1) of Centralized Employment Notification CEN 01/2019 of Non Technical Popular Categories (NTPC) and introduction of 2nd Stage CBT in CEN RRC-01/2019 (Level-1 of 7th CPC Pay Matrix).

Candidates can lodge their concerns and suggestions to the committee at following email id

**rrbcommittee@railnet.gov.in**
**or**
**kolrrb@gmail.com**

Candidates can also lodge their grievances in person upto **16.02.2022** by visiting the office of **RRB/Kolkata** or the office of either **Sr. Divisional Personnel Officer/ Sealdah** or **Howrah** or **Kharagpur** or **Extended Camp at Balasore**/Kharagpur Division during working days.

**Date: 27.01.2022**

**Chairperson**
**Railway Recruitment Board/Kolkata**



ରାଜ୍ୟରେ ଆଉ ୮ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୭/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୮ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୫୫୦ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ୩ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେହିପରି ବାଲେଶ୍ୱର, କେନ୍ଦୁଝର, ଖୋର୍ଧା.କୋରାପୁଟ ଓ ରାୟଗଡା ଜିଲ୍ଲାରେ ଜଣେ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ : ଚାଳକ ଫେରାର

ବଡ଼କେରା,୨୭/୧ (ନି.ପ୍ର): ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ। ଅନୁଗୁଳ ବ୍ଲକ୍ ମୂଷାପାପୁଲି ଡେରଜାଙ୍ଗ ରୋଡ ନିକଟ ଜାତୀୟ ରାଜପଥ ୫୫ରେ ଘଟିଛି ଏହି ଦୁର୍ଘଟଣା। ଏହି ସଡ଼କ ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ମୃତକ ୨ ଯୁବକ ଟାଟା ପାୱାର କମ୍ପାନିର ମିଟର ଖଞ୍ଜା କାମରେ ନିୟୋଜିତ ଥିଲେ। ତେବେ ଦୁର୍ଘଟଣା ଘଟିବା ପରେ ଗିରଫ ଭୟରେ ଟ୍ରକ ଚାଳକ ପଞ୍ଚମହଲା ନିକଟରେ ଟ୍ରକ ଛାଡି ଫେରାର ହୋଇ ଯାଇଥିବା ଜଣାପଡିଛି ।

# କଣିହାଁ ବ୍ଲକ୍‌ର ଉପାନ୍ତ ଅଞ୍ଚଳରେ ରାତିରେ ବିଦ୍ୟୁତ୍ କାଟ ଯୋଗୁଁ ଅନ୍ଧାରରେ ବଢୁଛି ହାତୀ ଭୟ : ହନ୍ତସନ୍ତ ହେଉଛନ୍ତି ଲୋକେ

କଣିହାଁ ,୨୭/୧ (ନି.ପ୍ର): କଣିହାଁ ବ୍ଲକ୍‌ର ଉପାନ୍ତ ଅଞ୍ଚଳ କୁଲୁମା ଓ ବାଲିପଶି ପଞ୍ଚାୟତରେ ହାତୀ ଉପଦ୍ରବ ଲାଗିରହିଛି। ଏ ପରିସ୍ଥିତିରେ ଅଧିକାଂଶ ରାତିରେ ଅଞ୍ଚଳରେ ବିଦ୍ୟୁତ୍ କାଟ କରାଯାଉଥିବାରୁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଫଳରେ ବନ୍ୟପ୍ରାଣୀଙ୍କଠାରୁ ବିପଦ ଆଶଙ୍କା ବୃଦ୍ଧି ପାଇଛି। ସୂଚନା ଅନୁଯାୟୀ, ଅଞ୍ଚଳରେ ହାତୀଙ୍କ ଚଳାଚଳ ଲାଗିରହିଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ରାତି ୧୦ଟାରୁ ଭୋର ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଉଛି। ଏଥିଯୋଗୁଁ ଅଞ୍ଚଳର ଲୋକେ କମ୍ ହଇରାଣ ହେଉନାହାନ୍ତି। ଅନ୍ଧାରରେ ହାତୀସହ ମୁହାଁମୁହିଁ ହୋଇଯିବା ଆଶଙ୍କା ଥିବାରୁ ରାସ୍ତାରେ ଯାତାୟାତ ଠପ୍ ହୋଇଯାଉଛି। ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। କେବଳ ଏତିକି ନୁହେଁ, ବିଦ୍ୟୁତ୍ ଅଭାବରୁ ପିଲାମାନେ ରାତିରେ ପାଠ ପଢ଼ିପାରୁନାହାନ୍ତି। ଦିନେ କି ଦୁଇଦିନ ନୁହେଁ, ମାସର ଅଧିକାଂଶ ଦିନ ଏ ଅଞ୍ଚଳର ଲୋକମାନେ ଅନ୍ଧାରରେ ରହୁଛନ୍ତି। ବର୍ଷକରେ ପ୍ରାୟ ୮ ମାସ କଣିହାଁ ବ୍ଲକର କୁଲୁମା, ବାଲିପଶି ଓ ରେଙ୍ଗାଳି ନିକଟ ଜଙ୍ଗଲରେ ହାତୀ ରହୁଛନ୍ତି। ସଂଧ୍ୟାପରେ ସେମାନେ ଗ୍ରାମାଞ୍ଚଳକୁ ମୁହାଁଉଛନ୍ତି। ଜମି ଓ ବାଡ଼ିବଗିଚାରୁ ଫସଲ ଉଜାଡୁଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ କାଟ କରୁଥିବାବେଳେ କେତେକ ଦୁର୍ବୃତ୍ତ ବନ୍ୟପ୍ରାଣୀ ଶିକାର ପାଇଁ ବିଦ୍ୟୁତ୍ ଲାଇନରେ ହୁକ ପକାଉଛନ୍ତି। ଏଥିଯୋଗୁଁ ମଧ୍ୟ ବିଦ୍ୟୁତ୍ କାଟ ହେଉଛି। ହାତୀଙ୍କ ସୁରକ୍ଷା ପାଇଁ ବନ ବିଭାଗ କର୍ମଚାରୀ ବିଦ୍ୟୁତ ବିଭାଗକୁ ଧରି ବିଦ୍ୟୁତ ଲାଇନ କାଟି ଦେଉଥିବା ଅଭିଯୋଗ ହୋଇଛି। କୁଲୁମା ପଞ୍ଚାୟତର କୁଲୁମା, ଓଳନ୍ଦା, ଖଣ୍ଡୋ, ନୀଳାପଶି, ଲକ୍ଷ୍ମଣପୁର, ଖାଲପାଳ, ବାଲିପଶି ପଞ୍ଚାୟତର ବାଲିପଶି, ସଂସାମରା, ନିଆଲୁ, ଅନ୍ଧାରୀ, କାଳିଆଦମା, ବଳରାମପୁର, ପଳସାବାହାଳି, କୁଆଧରା, ଲୋଧାଝରୀ, ନାକଟିଦେଉଳ, ଶୁଆଝରୀ, ବରପଦା ପ୍ରଭୃତି ଗାଁରେ ରାତିରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଉଛି। ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ରଦୃଷ୍ଟି ଦେବା ସହ ବିଦ୍ୟୁତ୍ ନକାଟିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# କୋଳରେ ମାସକର ଛୁଆ ଧରି ନିର୍ବାଚନ ମଇଦାନରେ ପ୍ରାର୍ଥୀ



କେନ୍ଦ୍ରାପଡ଼ା,୨୭/୧ (ନି.ପ୍ର): କୋଳରେ ମାସକର ଛୁଆ। ତଥାପି ନିର୍ବାଚନ ବୈତରଣୀ ପାର ହେବା ଆଶାରେ ଜଟିଳ ଗୋଟି ଚାଳନା କରିବାକୁ ମଇଦାନକୁ ଓହ୍ଲାଇଛନ୍ତି ସଦ୍ୟ ମା' ହୋଇଥିବା ପ୍ରାର୍ଥିନୀ । ଏପରିକି କୋଳରେ ଛୁଆକୁ ଧରି କରୁଛନ୍ତି ଘନ ଘନ ପ୍ରଚାର। ଘର ଘର ବୁଲି ଲୋକଙ୍କ ସହ କଥା ହେବା ସହ ଭୋଟ ଭିକ୍ଷା ମଧ କରୁଛନ୍ତି ଦୁର୍ଗାବତୀ ପ୍ରଧାନ ନାମ୍ନୀ ପ୍ରାର୍ଥୀ। ଏପରି ନିଆରା ଚିତ୍ର ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍‌ର ଦଶିପୁର ପଂଚାୟତରେ ।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୫ ନମ୍ବର ଜୋନ୍‌ରୁ ବିଜେଡିର ଜିଲ୍ଲା ପରିଷଦ ପ୍ରାର୍ଥୀ ଅଛନ୍ତି ଦୁର୍ଗାବତୀ ପ୍ରଧାନ ।ପ୍ରଚାର ଆରମ୍ଭର ପ୍ରଥମ ଦିନରେ ଦେଖିବାକୁ ମିଳିଛି ଏକ ନିଆରା ଘଟଣା। ମା' ଗୋଜବାୟାଣୀଙ୍କ ନିକଟରୁ ଆର୍ଶିବାଦ ନେଇ ନିଜର ସମର୍ଥକଙ୍କ ସହିତ ପଂଚାୟତରେ ପ୍ରଚାର ଆରମ୍ଭ କରିଛନ୍ତି ଦୁର୍ଗାବତୀ । ଏପରିକି କୋଳରେ ଛୁଆକୁ ଧରି ଅନାୟସରେ ସମର୍ଥକଙ୍କ ସହ ପାଦ ଆଗକୁ ବଢ଼ାଇ ଘରକୁ ଘର ବୁଲୁଛନ୍ତି । ଲୋକଙ୍କ ସମସ୍ୟା ବୁଝୁଛନ୍ତି ଓ ସମାଧାନର ପ୍ରତିଶ୍ରୁତି ଦେଉଛନ୍ତି।

କୋଳରେ ଛୁଆ ଧରି ପ୍ରଚାର କରୁଛନ୍ତି ଦୁର୍ଗାବତୀ।

ସୂଚନାଯୋଗ୍ୟ, ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ନିମନ୍ତେ ଗାଁ ଗାଁରେ ଜମିଛି ନିର୍ବାଚନୀ ମାହୋଲ । ବିଜେଡି, ବିଜେପି ଏବଂ କଂଗ୍ରେସ ପ୍ରମୁଖ ତିନିଦଳର ପ୍ରାର୍ଥୀ ଆରମ୍ଭ କରିଛନ୍ତି ନିର୍ବାଚନୀ ପ୍ରଚାର । ଏପରି ସମୟରେ କୋଳରେ ଛୁଆକୁ ଧରି ପ୍ରାର୍ଥିନୀଙ୍କ ପ୍ରଚାର ଭୋଟରଙ୍କୁ ବେଶ୍ ଆକୃଷ୍ଟ କରୁଛି।

# ପଂଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ : ଶିକ୍ଷିତ ପ୍ରାର୍ଥୀ ଓ ନୂଆ ମୁହଁକୁ ପସନ୍ଦ



ଢେଙ୍କାନାଳ,୨୭/୧ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ସଂପ୍ରତି ଗାଁ ରାଜନୀତି ସରଗରମ ହୋଇଉଠିଛି । ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସରିଯାଇଥିବା ବେଳେ ଏବେ ଉପଯୁକ୍ତ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶେଷକରି ଗାଁର ଉନ୍ନତିରେ ସରପଞ୍ଚଙ୍କ ଭୂମିକା ଅଧିକ ରହୁଥିବାରୁ ଶିକ୍ଷିତ ଓ ନୂଆମୁହଁକୁ ବେଶି ଗୁରୁତ୍ୱ ଦିଆଯିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଗ୍ରାମାଞ୍ଚଳ ଏବଂ ପଞ୍ଚାୟତର ଉନ୍ନତି ଏବଂ ବିଭିନ୍ନ କାର୍ଯ୍ୟକ୍ରମ ସରପଞ୍ଚଙ୍କ ମାଧମରେ ହେବ। ଏଥିପାଇଁ ପ୍ରଶାସନ ତଥା ସରକାରଙ୍କ ସହ କାଗଜପତ୍ର ମାଧମରେ ସଂପର୍କ ଯୋଡି ଅନୁଦାନ ଆଣିବା ବିଶେଷ ଗୁରୁତ୍ୱ ବହନ କରୁଛି। ଏହାର ସଫଳ ରୂପାୟନ ପାଇଁ ଜଣେ ଶିକ୍ଷିତ ପ୍ରାର୍ଥୀର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ମହିଳାଙ୍କୁ ଗୁରୁତ୍ୱ ଦେଇ ସରକାର ଅଧିକାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖିଥିବାରୁ ସରପଞ୍ଚ ପଦ ପାଇଁ ଗାଁ ଗାଁରେ ମହିଳା ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧରେ ମାଇନର ପାସ୍ ? କରିନଥିବା ଅଧିକାଂଶ ପ୍ରାର୍ଥୀ ରହିଛନ୍ତି। ସଂପୃକ୍ତ ମହିଳାମାନେ କ୍ଷମତାସୀନ ହେବା ପରେ ସେମାନଙ୍କ ପାଇଁ "କା"ର ଆବଶ୍ୟକତା ରହିଥିବା ବେଳେ ତାରି ମଧରେ କ୍ଷମତାକୁ ଅନ୍ୟଜଣେ ଦୁରୁପଯୋଗ କରିବାର ନଜିର୍ ରହିଆସିଛି। ଏଥିପାଇଁ ଭୋଟରମାନେ ଏବେ ସଚେତନ ହୋଇ ସରପଞ୍ଚ ପାଇଁ ଶିକ୍ଷିତ ପ୍ରାର୍ଥୀ ଖୋଜୁଥିବା ଗାଁମାନଙ୍କରେ ଆଲୋଚନା ହେଉଛି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଏବେ ୱାର୍ଡ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ପଦ ହାତେଇବା ପାଇଁ ପ୍ରାର୍ଥୀମାନେ ଯେତିକି ବ୍ୟଗ୍ର, ଭୋଟରଙ୍କ ମଧରେ ସେତିକି ଉତ୍ସାହ ଦେଖାଦେଇଛି। ତେବେ ପ୍ରାର୍ଥୀ ତାଲିକାରେ ଲମ୍ବା ଧାଡି ସବୁକ୍ଷେତ୍ରରେ ଅଡୁଆ ସୃଷ୍ଟି କରିଛି। ତା' ଭିତରେ ଭୋଟରମାନେ କାହାକୁ ଭୋଟ ଦେଇ ନିଜର ସରପଂଚ, ସମିତି ସଭ୍ୟ, ଏବଂ ୱାର୍ଡ ସଭ୍ୟ ବାଛିବେ , କିଏ ସହଯୋଗ କରିବ, ଗାଁର ଉନ୍ନତି ପାଇଁ କିଏ ଉଦ୍ୟମ କରିବ ସେ ନେଇ ଗାଁମାନଙ୍କରେ ଆଲୋଚନା ପର୍ଯ୍ୟାଲୋଚନା ଜୋର୍ ଧରିଛି। ସରକାର ମହିଳାଙ୍କ ପାଇଁ ଅଧିକ ସଂରକ୍ଷଣ ବ୍ୟବସ୍ଥା ରଖିଥିବାରୁ ଉକ୍ତ ପଦବିକୁ ହାତେଇବା ପାଇଁ ଅସନ୍ତୁଷ୍ଟମାନେ ନିଜର ସଂପର୍କୀୟ ମହିଳାଙ୍କୁ ନିର୍ବାଚନ ମଇଦାନକୁ ଛାଡିଛନ୍ତି। ସେମାନଙ୍କ ମଧରେ କେତେକ ମହିଳା ସରପଂଚ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକତା ଠାରୁ ବହୁ କମ୍ ରହିଛି।

ଅନ୍ୟପକ୍ଷରେ ସରକାରୀ ଚିଠି ଓ ପ୍ରଶାସନିକ କାଗଜପତ୍ର ଆଦି ଓଡିଆରେ କରାଯିବାକୁ ଦୀର୍ଘବର୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲେ ମଧ ତାହା ସଠିକ୍ କାର୍ଯ୍ୟକାରୀ ହୋଇନାହିଁ। ସଂପ୍ରତି ପରୋକ୍ଷରେ ଅମଲାତନ୍ତ୍ର ଶାସନ ଚାଲିଥିବାରୁ ସବୁ କିଛି ସରକାରୀ ନିର୍ଦ୍ଦେଶାନାମା ଜନିତ ଚିଠି ଓ ଯୋଜନା ସଂପର୍କିତ କାଗଜପତ୍ର ଇଂରାଜୀରେ ଚାଲିଛି। ଶିକ୍ଷାଗତ ଯୋଗ୍ୟତାନଥିବା ମହିଳାମାନେ କ୍ଷମତାସୀନ ହେବା ପରେ ତାଙ୍କ ପଦବିକୁ ସେମାନଙ୍କ ସଂପର୍କୀୟ ପୁରୁଷମାନେ ଅତୀତରେ ଉପଭୋଗ କରିବା ସହ ଦୁରୁପଯୋଗ କରିଆସୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଶିକ୍ଷାଗତ ଯୋଗ୍ୟତା କମ୍ ରହୁଥିବାରୁ ମହିଳା ପ୍ରାର୍ଥୀମାନେ ସରକାରୀ ଚିଠିପତ୍ର ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ସଂପର୍କରେ ଅବଗତ ହେବା ପାଇଁ ଅନ୍ୟର ସହଯୋଗ ନେବା ପାଇଁ ବାଧ ହୋଇଥାନ୍ତି । ସେହିପରି କୌଣସି କାର୍ଯ୍ୟପାଇଁ ସଠକ୍ ନିଷ୍ପତ୍ତି ନେଇ ନିଜସ୍ୱ ମତ ଦେବା ପରିବର୍ତ୍ତେ ଅନ୍ୟଦ୍ୱାରା ପରିଚାଳିତ ହୋଇଥାନ୍ତି। ଏହାକୁ ଗ୍ରାମାଂଚଳର ଲୋକମାନେ ଅନୁଭବ କରି ଏବେ ଶିକ୍ଷିତ ପ୍ରାର୍ଥୀ ଓ ନୂଆ ମୁହାଁ ଖୋଜୁଥିବା ନେଇ ଆଲୋଚନା ଜୋର୍ ଧରିଛି।

## ସାତକୋଶିଆକୁ ଆସିଲା ସଫାରି ଗାଡ଼ି : ଅଭୟାରଣ୍ୟରେ ବୁଲିବା ସହ ବନ୍ୟପ୍ରାଣୀଙ୍କୁ ନିକଟରୁ ଦେଖିପାରିବେ ପର୍ଯ୍ୟଟକ




ବନ୍ତଳା ,୨୭/୧ (ନି.ପ୍ର): ଅନୁଗୁଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟକୁ ୧୫ ଦିନ ହେଲା ସଫାରି ଗାଡ଼ି ଆସିଲାଣି। ଏହି ଗାଡ଼ିରେ ବସି ପର୍ଯ୍ୟଟକମାନେ ଅଭୟାରଣ୍ୟରେ ବୁଲି ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ବନ୍ୟପ୍ରାଣୀଙ୍କୁ ନିକଟରୁ ଦେଖିପାରିବେ।

ସୂଚନା ଯୋଗ୍ୟ, ମହାନଦୀର ସାତକୋଶବ୍ୟାପୀ ଗଣ୍ଡକୁ ଲାଗି ଏହି ଅଭୟାରଣ୍ୟ ଅବସ୍ଥିତ। ଘଞ୍ଚ ଜଙ୍ଗଲ, ଆକାଶଛୁଆଁ ପାହାଡ଼, ଜୈବ ବିବିଧତାକୁ ନେଇ ସାତକୋଶିଆ ଯେଭଳି ସୁନ୍ଦର, ସେଭଳି ଦୁର୍ଗମ। ଦେଶ, ବିଦେଶରୁ ଏଠାକୁ ବହୁ ପର୍ଯ୍ୟଟକ ଆସୁଛନ୍ତି। କିନ୍ତୁ ସଫାରି ଗାଡ଼ି ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକମାନେ ଏଠାରେ ବୁଲିପାରୁନଥିଲେ। ତେବେ ୧୫ ଦିନ ହେଲା ସାତକୋଶିଆକୁ ୪ଟି ସଫାରି ଭ୍ୟାନ୍ ଅଣାଯାଇଛି। ପରିବହନ ବିଭାଗରେ ଏଗୁଡ଼ିକର ପଞ୍ଜୀକରଣ ହୋଇନାହିଁ। ଏହି ଗାଡ଼ିରେ ବସି ପର୍ଯ୍ୟଟକମାନେ ଅଭୟାରଣ୍ୟର କେଉଁ କେଉଁ ଅଞ୍ଚଳ ବୁଲିପାରିବେ, ଏଥିପାଇଁ କେତେଟଙ୍କା ଦେବାକୁ ପଡ଼ିବ, ତାହାମଧ ନିଷ୍ପତ୍ତି ହୋଇନାହିଁ। ଏହି ସମସ୍ୟାର ସମାଧାନ ହୋଇଗଲେ ସାତକୋଶିଆରେ ସଫାରି ବୁଲିବ ବୋଲି ଡିଏଫ୍‌ଓ ସରୋଜ ପଣ୍ଡା ପ୍ରକାଶ କରିଛନ୍ତି।

## ଅରଣ୍ଡୁଆ ଓ ବ୍ରାହ୍ମଣ ଗାଁ ଫଂଚାୟତରେ ଚାଲିଛି ନିର୍ବାଚନ ପ୍ରଚାର



ବାସୁଦେବପୁର,୨୭/୧ (ନି.ପ୍ର): ଚଳିତ ତ୍ରିସ୍ତରୀୟ ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରାର୍ଥୀ ମାନଙ୍କର ନିର୍ବାଚନ ପ୍ରଚାର ସେତିକି ସରଗରମ ହେଉଛି । ଅରଣ୍ଡୁଆ ପଂଚାୟତର ମିଳିତ ସାଖ୍ମଖ୍ୟ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ନିରୂପମା ନାୟକ ମାଛ ଚିହ୍ନରେ ଓ ସ୍ୱାଧୀନ ପ୍ରାର୍ଥୀ ସମିତି ସଭ୍ୟା ମିନତୀ ଲତା ପଣ୍ଡା ଷ୍ଟଲ ଚିହ୍ନରେ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ବରିଷ୍ଠ ନେତା ମୁକ୍ତିକାନ୍ତ ନାୟକ ମଧ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି । ସେହିପରି କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଉର୍ମିଳା ପଣ୍ଡା ଓ ସମିତି ସଭ୍ୟ ପ୍ରାର୍ଥୀ ମନୋଜ ପାଢ଼ୀ ପ୍ରଚାର ଚଳାଇଛନ୍ତି । ଭାରତୀୟ ଜନତା ପାର୍ଟି ପକ୍ଷରୁ ୧୭ ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରାର୍ଥୀ ସନ୍ଧ୍ୟା ରାଣୀ ଷଡଙ୍ଗୀ ବେତଡା ମଣ୍ଡଳରେ ପ୍ରଚାର କରୁଛନ୍ତି । ଏଥିରେ ସହଯୋଗ କରୁଛନ୍ତି ହିମାଂଶୁ ଷଡଙ୍ଗୀ ଓ କର୍ମୀ । ସେହିପରି ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ୧୭ ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରାର୍ଥୀ ଅନ୍ନପୂର୍ଣ୍ଣା ବାରିକ ପ୍ରଚାର ଚଳାଇଛନ୍ତି । ଏଥିରେ ସହଯୋଗ କରୁଛନ୍ତି ତାଙ୍କର ସ୍ୱାମୀ ବରିଷ୍ଠ ନେତା ପ୍ରଭାତ ବାରିକ । ବ୍ରାହ୍ମଣ ଗାଁ ଫଂଚାୟତର ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ହରପ୍ରିୟା ଶିଅଳ ଓ ସମିତି ସଭ୍ୟ ପ୍ରାର୍ଥୀ ମମତା ରାଣୀ ପଣ୍ଡା ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି । ଏଥିରେ ସହଯୋଗ କରୁଛନ୍ତି ହରିହର ଶିଅଳ ଓ ବ୍ରହ୍ମାନନ୍ଦ ସାହୁ। ବ୍ରାହ୍ମଣ ଗାଁ ପଞ୍ଚାୟତର କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଶୁଭଶ୍ରୀ ତ୍ରିପାଠୀ ଓ ସମିତି ସଭ୍ୟ ପ୍ରାର୍ଥୀ ପ୍ରମିଳା ମହାନ୍ତି ନିର୍ବାଚନ ପ୍ରଚାର ଚଳାଇଛନ୍ତି । ଏଥିରେ ସହଯୋଗ କରୁଛନ୍ତି ସନ୍ତୋଷ ଦୀକ୍ଷିତ । ଅରଣ୍ଡୁଆ ଫଂଚାୟତ ର ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ପଦ୍ମାବତୀ ମହାନ୍ତି ଓ ସମିତି ସଭ୍ୟ ପ୍ରାର୍ଥୀ ସହଦେବ ନାୟକ ର୍ନିାଚନ ପ୍ରଚାର ଚଳାଇଛନ୍ତି । ଏଥିରେ ସହଯୋଗ କରୁଛନ୍ତି ଅରୁଣ କୁମାର ମହାନ୍ତି । ରାସ୍ତାଘାଟ, ପ୍ରଧାନମନ୍ତ୍ରୀ ଆବାସ, ସ୍ୱାସ୍ଥ୍ୟ ସେବା ପ୍ରଭୃତିରେ ବିଭିନ୍ନ ସମସ୍ୟାକୁ ନେଇ ପ୍ରାର୍ଥୀ ମନେ ଭୋଟରଙ୍କୁ ବୁଝାଇବାରେ ଲାଗିପଡିଛନ୍ତି ।

# ୭୨ କୋଟିର ବସ୍‌ଷ୍ଟାଣ୍ଡ : ଭୁଷୁଡ଼ି ଗଲାଣି ଭିତ୍ତିଭୂମି, ସଞ୍ଜ ନଇଁଲେ ନିଶାଡ଼ିଙ୍କ ଆଡ଼ା





ପୁରୀ,୨୭/୧ (ନି.ପ୍ର): ନବକଳେବର ବେଳେ ପର୍ଯ୍ୟଟନ ସହର ପୁରୀର କଳେବର ବଦଳିଥିଲା। ୨୦୧୫ରେ ୭୨ କୋଟି ଟଙ୍କା ବ୍ୟୟରେ ମାଳତୀପାଟପୁରରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲା। ଅଥଚ ଯେଉଁ ଉଦ୍ଦେଶ୍ୟ ନେଇ ଏତେ ବଡ଼ ପରିକଳ୍ପନା କରାଗଲା ତାହା ସାଧିତ ହେଲା ନାହିଁ। ପ୍ରକଳ୍ପ ରୂପାୟନ କରିଥିବା ଅଧିକାରୀ ଓ ବସ୍ ମାଲିକମାନଙ୍କ ମଧରେ ସମନ୍ୱୟ ଅଭାବରୁ କୋଟିକୋଟି ଟଙ୍କାର ପ୍ରକଳ୍ପ ଅଲୋଡ଼ା ହୋଇଯାଇଛି। ଯାତ୍ରୀବାହୀ ବସ୍ ଚଳାଚଳ କରିବା ପରିବର୍ତ୍ତେ ଏବେ ଏହା କେବଳ ପର୍ଯ୍ୟଟକଙ୍କୁ ଆଣୁଥିବା ବସ୍‌ଗୁଡ଼ିକର ରହଣିସ୍ଥଳ ପାଲଟିଛି।

ଅଦୂରଦର୍ଶୀ ଯୋଜନା ଯୋଗୁ କୋଟି କୋଟି ଟଙ୍କାର ରାଜସ୍ୱ ପାଣିରେ ପଡ଼ିଛି ବୋଲି ସଚେତନ ନାଗରିକମାନେ ଅଭିଯୋଗ କରିଛନ୍ତି। ପୁରୀ ଭଳି ବାତ୍ୟା ପ୍ରବଣ ଅଞ୍ଚଳରେ ଏହା ନିର୍ମିତ ହୋଇଥିଲେ ହେଁ ଟିଣ ଛାତ ପକାଯାଇଛି। ପ୍ରତିଥର ବଡ଼ ବାତ୍ୟା ଆସିଲେ ଏଥିପାଇଁ ପୁଣି କୋଟିକୋଟି ଟଙ୍କାର ଅର୍ଥ ବରାଦ କରି ବାଟମାରଣା କରିବା ପାଇଁ ମସୁଧା ଖଞ୍ଜିଦିଆଯାଇଛି। ୨୦୧୯ ଫନି ବାତ୍ୟାରେ ଛିନ୍‌ଭିନ୍ ହୋଇଯାଇଥିବା ବସ୍‌ଷ୍ଟାଣ୍ଡର ଅବସ୍ଥା ହିଁ ଏହାର ପ୍ରକୃଷ୍ଟ ଉଦାହରଣ। ଅନ୍ୟପକ୍ଷରେ ଏହା ମଧରେ ୫ଶହ ବସ୍ ରହିବା ଭଳି ବ୍ୟବସ୍ଥା ହୋଇଥିବା ବେଳେ ଯାତ୍ରୀ ବିଶ୍ରାମ ନେବା ପାଇଁ ବ୍ୟବସ୍ଥା ହୋଇଛି। ଆଇଆଇଟି ରୁଟକି ପକ୍ଷରୁ ଏହାର ଡିଜାଇନ୍ ପ୍ରସ୍ତୁତ କରାଯାଇଥିବାରୁ ପ୍ରକଳ୍ପ ବାହାରକୁ ଚକ୍‌ଚକ୍ ଦେଖାଯାଉଛି। କିନ୍ତୁ ଏହା ମଧରେ ଥିବା ଶୌଚାଳୟ ଭାଙ୍ଗିରୁଜି ଯାଇଥିଲେ ବି ଏଗୁଡ଼ିକ ସଜଡ଼ା ଯାଉନାହିଁ। ପାନୀୟ ଜଳ ଟାଙ୍କିଗୁଡ଼ିକ ବର୍ଷବର୍ଷ ହେଲା ସଫା ହୋଇନାହିଁ। କେବଳ ଯେଉଁ ଟୁରିଷ୍ଟ ଗାଡ଼ିଗୁଡ଼ିକ ଆସୁଛି ସେମାନଙ୍କଠାରୁ ୨ଶହ ଟଙ୍କା ଅସୁଲ କରାଯାଉଛି, କିନ୍ତୁ ଏହା ମଧରେ ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାର ବନ୍ଦୋବସ୍ତ ହେଉନାହିଁ। ସଞ୍ଜ ନଇଁଲେ ନିଶାଡ଼ିଙ୍କ ଆଡ଼ା ପାଲଟୁଛି। ଚୋରି ବଢ଼ିବାରେ ଲାଗିଛି। ୫୦ଟି ସିସିଟିଭି ଲାଗିଥିଲେ ବି ସେଥିମଧରୁ ଅଧିକାଂଶ କାମ କରୁନାହିଁ। କାରୁକାର୍ଯ୍ୟପୂର୍ଣ୍ଣ ଚିତ୍ରକଳା ସ୍ଲାନୀତ ହୋଇଥିଲେ ହେଁ ତାହା ଲିଭିଯିବାକୁ ବସିଲାଣି।

ଏଣେ ମଧୁର ଜଳ ଜୋନ୍ ତାଳବଣିଆରେ ରହୁଥିବା ଟୁରିଷ୍ଟ ବସ୍‌ଗୁଡ଼ିକ ନରଖିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ଏହି ବସ୍‌ଗୁଡ଼ିକୁ ସେଠାକୁ ସ୍ଥାନାନ୍ତର କରାଯାଇଥିଲା। ଦୀର୍ଘଦିନ ଅଲୋଡ଼ା ହୋଇ ପଡ଼ି ରହିଥିବା ବେଳେ ବିଲେଇ କପାଳକୁ ସିକା ଛିଣ୍ଡିବା ଭଳି ଏହାକୁ ଏବେ ବ୍ୟବହାର ସିନା କରାଯାଉଛି, କିନ୍ତୁ ପ୍ରକୃତ ଉଦ୍ଦେଶ୍ୟ ଆଜି ପର୍ଯ୍ୟନ୍ତ ସାଧିତ ହୋଇପାରୁନାହିଁ। ଏନେଇ ପୁରୀ ଘରୋଇ ବସ୍ ମାଲିକ ସଂଘର ସଦସ୍ୟ ରାଜବଲ୍ଲଭ ମିଶ୍ର କହିଛନ୍ତି, ସହରଠୁ ୬ କିଲୋମିଟର ଦୂରରେ ଏଭଳି ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲେ ସୁଦ୍ଧା ସେତେବେଳେ ବସ୍ ମାଲିକଙ୍କ ସହ ଆଲୋଚନା ବି କରାଗଲା ନାହିଁ। ଅନ୍ୟପକ୍ଷରେ ଶେଷ ବସ୍ ରାତି ୧୧ଟାରେ ଆସୁଥିବା ବେଳେ ସେଥିରେ ମାତ୍ର ୮/୧୦ ଜଣ ଯାତ୍ରୀ ଆସନ୍ତି। ରାତି ୪ଟାରୁ ଏଠାରୁ ବସ୍ ଆତଯାତ ହୁଏ। ଏଭଳି ସ୍ଥଳେ ଯାତ୍ରୀମାନେ ଏ ସମୟରେ ସେଠାକୁ ଯିବା ପାଇଁ ପ୍ରସ୍ତୁତ ନୁହନ୍ତି। ତେଣୁ ଏହାକୁ ବିରୋଧ କରିଥିଲୁ। ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ବହୁମୂଲ୍ୟ ପ୍ରକଳ୍ପ ନିର୍ମାଣ ହୋଇଛି ସିନା, କିନ୍ତୁ ପ୍ରକୃତ ଉଦ୍ଦେଶ୍ୟ ସାଧନଠାରୁ ଏହା ବହୁ ଦୂରରେ।

## ଜୟପୁର ଦଶହରା ପଡିଆର ବିକାଶ ନେଇ ଦାବି

ଜୟପୁର,୨୭/୧ (ନି.ପ୍ର): ଜୟପୁର ଦଶହରା ପଡିଆର ସୌନ୍ଦର୍ଯ୍ୟ କରଣ କରିବା ନେଇ ଦାବୀ କରାଯାଇଛି । ଏ ନେଇ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ ଙ୍କୁ ଦାବୀ ପ୍ରଦାନ କରାଯାଇଛି । ଖେଳାଳି ଓ ଖେଳ ପ୍ରେମି ମାନେ ଏହି ଦାବି ପତ୍ର ଦେଇଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ସହରର ଐତିହ ତଥା ସହର ମଧରେ ଗୋଟିଏ ଦଶହରା ପଡିଆ ଅବହେଳିତ ହୋଇ ପଡି ରହିଛି । ପ୍ରତ୍ୟେକ ଦିନ ଶହ ଶହ ବୟସ୍କ ଲୋକଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ଯାଏ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ କରନ୍ତି । ଶହ ଶହ ଯୁବକ ଯୁବତି ଏଠାରେ ନିଜକୁ କ୍ରିଡା କ୍ଷେତ୍ରରେ ପ୍ରତିଷ୍ଠା ପାଇଁ ବ୍ୟାୟମ ଓ ଶାରିରିକ ଅଭ୍ୟାସ ପାଇ ଆସନ୍ତି । ତେଣୁ ଏହାର ଅପରିଷ୍କାର ପରିବେଶ ଦ୍ୱାରା ସେ ମାନଙ୍କ ମନ ବଳ ଭାଙ୍ଗିଯାଉଛି । ଏହି ଦଶହରା ପଡିଆରେ ୩ଟି ଗେଟ ରହିଛି । ଯାହା ଭଙ୍ଗା ଦଦରା ହୋଇ ପଡି ରହିଛି । ଯାଫଳରେ ମଦ୍ୟମ ବ୍ୟକ୍ତି ମାନେ ଭିତରେ ପସି ମଦ୍ୟ ପାନ କରି କାଚ ଭାଙ୍ଗିବା ସହ ବିଭିନ୍ନ ଅସମାଜିକ କାଯ୍ୟ କରୁଛନ୍ତି । ଏହି ପଡିଆରେ ସରକାରୀ କାଯ୍ୟକ୍ରମ ଠାରୁ ଆରମ୍ଭ କରି ଜିଲା ଓ ରାଜ୍ୟ ସ୍ତରିୟ କ୍ରିକେଟ ଓ ଫୁଟବଲ ଭଳି ଖେଳ ଆୟୋଜନ ହେଉଛି । କିନ୍ତୁ ଖେଳାଳି ଙ୍କ ପାନୀୟ ଜଳ ବ୍ୟବସ୍ଥା ନାହିଁ । ଦଶହରାରେ ରାବଣ ପୋଡି ପାଇ ହଜାର ହଜାର ଲୋକଙ୍କ ଭିଡ ଜମୁଛି କିନ୍ତୁ ବସିବା ପାଇ କୈଣସି ବ୍ୟବସ୍ଥା ନାହିଁ । ତେଣୁ ଦଶହାର ପଡିଆରେ ବିକାଶ କାରିବା ପାଇ କାତ୍ତିକ ରାଉତ, ରମା କାନ୍ତ ପଟ୍ଟନାୟକ, ବାପି ପରିଡ. ନିସାନ ପଟ୍ଟନାୟକ ପ୍ରମୁଖ ଦାବୀ କରିଛନ୍ତି ।

## ଡୁମାଲ ସମାଜ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର,୨୭/୧ (ନି.ପ୍ର): ଡୁମାଲ ସମାଜ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋରୁ ବଜାର ଯିବା ରାସ୍ତାରେ ସମସ୍ତଙ୍କୁ ମାକ୍ସ ବଂଟନ କରାଯାଇଛି ।

ଭିଡ଼କୁ ବିନା ମାକ୍ସରେ ଗଲେ ସଂକ୍ରମଣର ବିପଦ ଥିବାରୁ ସଜାଗ ରହିବାକୁ ନିର୍ଦ୍ଦେଶ ପାଳନ ପାଇଁ ସଚେତନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ସହରାଂଚଳ ସଭାପତି ସଞ୍ଜୟ କୁମାର ମହାକୁର ସମ୍ପାଦକ ମଳିଆ ଗଡୁଅ କୋଷାଧକ୍ଷ ଗୋପାଳ ଚନ୍ଦ୍ର ମହାକୁର ସମେତ ଅନ୍ୟ ମାନେ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ ।

## ପୁରୀ ବାଲୁଖଣ୍ଡ ଅଭୟାରଣ୍ୟରେ ଅଗ୍ନିକାଣ୍ଡ ଘଟଣା : ଆୟତ୍ତକୁ ଆସିଲା ନିଆଁ

ପୁରୀ,୨୭/୧ (ନି.ପ୍ର): ପୁରୀ ବାଲୁଖଣ୍ଡ ଅଭୟାରଣ୍ୟରେ ଲାଗିଥିବା ନିଆଁକୁ ଏବେ ଆୟତ୍ତ କରାଯାଇଛି । ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିବା ସୂଚନା ମିଳିଛି। ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭର ପାର୍ଶ୍ୱରେ ଅବସ୍ଥିତ ଏହି ଅଭୟାରଣ୍ୟରେ ବେଲଦଳ ଗ୍ରାମ ନିକଟରେ ନିଆଁ ଲାଗିଥିଲା ।

ସୂଚନା ଅନୁସାରେ, ଗତକାଲି ଜାନୁଆରି ୨୬ ଛୁଟି ଥିବାରୁ ସକାଳେ କିଛି ଯୁବକ ସେଠାରେ ଭୋଜି କରୁଥିଲେ । ଏହା ପରେ ସନ୍ଧ୍ୟାରେ ଅଭୟାରଣ୍ୟରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା । ତେବେ ନିଆଁର କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ। ବାଲୁଖଣ୍ଡ ହରିଣମାନଙ୍କର ବାସସ୍ଥାନ ଭାବେ ପ୍ରସିଦ୍ଧ । ପ୍ରାୟ ୮୭ କିଲୋମିଟର ପରିବ୍ୟାପ୍ତ ହୋଇଛି ବାଲୁଖଣ୍ଡ ଅଭୟାରଣ୍ୟ ବଙ୍ଗୋପସାଗରକୁ ଲାଗି ରହିଛି । ୯୮୪ ମସିହାରେ ଏହି ଅଭୟାରଣ୍ୟର ପରିକଳ୍ପନା କରାଯାଇଥିଲା । ଇକୋଲଜିକାଲ ପର୍ଯ୍ୟଟନ ପାଇଁ ଏହି ଅଞ୍ଚଳ ବେଶ ଅନୁକୂଳ ବୋଲି କୁହାଯାଇଛି । ଏହା ଏକ ସଂରକ୍ଷିତ ଅଞ୍ଚଳ ହୋଇଥିବା ବେଳେ ସେଠାରେ କିପରି ନିଆଁ ଲାଗିଲା ତାହା ତଦନ୍ତ ସାପେକ୍ଷ।

## ନୂଆ ଭୋଟରଙ୍କୁ ଭୋଟ ପରିଚୟପତ୍ର ପ୍ରଦାନ

ପୁରୀ,୨୭/୧ (ନି.ପ୍ର): ୧୨ତମ ଜାତୀୟ ମତଦାତା ଦିବସ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସ୍ଥ ଗଣତନ୍ତ୍ର ଗଠନ ପାଇଁ ବାର୍ତ୍ତା ଦେଇଥିଲେ। ଗଣତନ୍ତ୍ରର ମୁଖ୍ୟ ଆୟୁଧ ଭୋଟର। ପ୍ରାର୍ଥୀ ବାଛିବାରେ ଭୋଟରଙ୍କ ଗୁରୁଦାୟିତ୍ୱ ରହିଛି। ଏଥିରେ ନୂଆ ଭୋଟରମାନଙ୍କୁ ନୂଆ ଭୋଟ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂକଳ୍ପ ଶପଥ ପାଠ କରାଯାଇଥିଲା।

## ଏହି ସବୁ ପନିପରିବା ଖାଇବା ଦ୍ୱାରା ହୃଦରୋଗକୁ ଦମନ କରାଯାଇପାରେ !

ହୃଦ୍ ରୋଗ ଆଜିକାଲିକା ସମୟ ପାଇଁ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । କେବଳ ବୟସ୍କ ନହଁନ୍ତି, ବରଂ ଯୁବ ବୟସ୍କ ବ୍ୟକ୍ତିଙ୍କ ଭିତରେ ବି ଏବେ ଏହି ରୋଗ ଦେଖିବାକୁ ମିଳୁଛି । ଦୂଷିତ ପରିବେଶ ଓ ବିଷାକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ । ଆମେ ସୁସ୍ଥକର ଖାଦ୍ୟ ଖାଇଲେ ଏହି ସମସ୍ୟାକୁ ଏଡ଼େଇ ଦେଇ ପାରିବା । ତେବେ, ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ ଆମେ ହୃଦ୍ ରୋଗରୁ ମୁକ୍ତି ପାଇପାରିବା ।





- ଗାଜର ଖାଇବା ହୃତ୍‌ପିଣ୍ଡ ପାଇଁ ଖୁବ୍ ଭଲ ହୋଇଥାଏ । ଏଥିରେ ପ୍ରଚୁର ପରିମାଣର କ୍ୟାରୋଟିନଏଡ୍‌ସ୍ ଥାଏ । ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି ଅକ୍ସିଡାଣ୍ଟ୍ ହୃଦ୍ ରୋଗୀଙ୍କ ପାଇଁ ଖୁବ୍ ଭଲ ହୋଇଥାଏ ।
- ବିଲାତି ବାଇଗଣ ଖାଇବା ମଧ ଖୁବ୍ ଉପକାରୀ । ଏଥିରେ ଥିବା ଲାଇକୋଫିନ୍ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ ।
- ବ୍ରୋକୋଲି ଏକ ଖୁବ୍ ଭଲ ପରିବା । ଏଥିରେ ଥିବା ଭିଟାମିନ୍ ସି ହୃଦ୍ ରୋଗ ଦମନ କରିବା ପାଇଁ ଯଥେଷ୍ଟ ।
- ଯେତେ ପାରୁଛନ୍ତି ବିଭିନ୍ନ ପ୍ରକାରର ଶାଗ ଖାଆନ୍ତୁ । ଏହା କେବଳ ହୃଦ୍ ରୋଗ ନୁହେଁ, ଆହୁରି ଅନେକ ପ୍ରକାର ରୋଗକୁ ଭଲ କରିଥାଏ ।
- ପିଆଜ ଓ ରସୁଣ ବି ହୃଦ୍ ରୋଗୀଙ୍କ ପାଇଁ ଭଲ ହୋଇଥାଏ । ଆପଣଙ୍କ ହୃଦ୍ ସମସ୍ୟା ଥିଲେ ଏହାକୁ ଭକ୍ଷଣ କରିପାରିବେ ।
- ଆଳୁରେ ପ୍ରଚୁର ପରିମାଣର ପଟାସିୟମ ଅଛି । ତେଣୁ ଆଳୁ ଖାଇବା ଦ୍ୱାରା ହୃଦ୍ ରୋଗ ସହ ରକ୍ତ ଚାପ ବି ନିୟନ୍ତ୍ରଣରେ ରହିଥାଏ ।

## ଅଏଲି ସ୍କିନର ଘରୋଇ ଉପଚାର



ଯେଉଁ ଲୋକଙ୍କର ସ୍କିନ ଅଏଲି ଥାଏ, ସେମାନେ କୌଣସି ସୌନ୍ଦର୍ଯ୍ୟ ଉତ୍ପାଦକ ବ୍ୟବହାର କରିବା ପୂର୍ବରୁ ସାବଧାନତା ଅବଲମ୍ବନ କରିବା ଉଚିତ । କାରଣ ଏହା ଦ୍ୱାରା ସ୍କିନ ବ୍ରେକ୍ ଆଉଟ୍ ହୋଇପାରେ । ଯଥା : ରଙ୍ଗ ଉପରେ ପ୍ରଭାବ ପଡ଼ିବ, ବ୍ରଣ, ଦାଗ ଇତ୍ୟାଦି ଦେଖାଦେବା । ଏପନରିସ୍ଥଳେ ପାଣି ଉତ୍ପାଦ ଜିନିଷ ଓ ଔଷଧୀୟ ସାବୁନ ଉପଯୋଗ କରିବା ପରିବର୍ତ୍ତେ, ଆପଣ ଆପଣଙ୍କ ଚେହେରାକୁ ତେଲ ଓ ବ୍ରଣରୁ ରକ୍ଷା କରିବା ପାଇଁ କଇଛି ଘରୋଇ ଉପଚାରର ସାହାଯ୍ୟ ନିଅନ୍ତୁ ।



**ହଳଦୀ ମିଶ୍ରଣ :** ଗୋଟେ ଚୁଟକି ହଳଦୀ ଓ ଚନ୍ଦନ ପାଉଡର ମିଶାଇ ତାକୁ ମୁହଁରେ ଲଗାନ୍ତୁ ଓ ୧୫ମିନିଟ୍ ପରେ ଧୋଇଦିଅନ୍ତୁ ।

**ଗୋଲାପ ଜଳ ଓ ଚନ୍ଦନ :** ଚନ୍ଦନ ପେଷ୍ଟ ସହିତ ଅଳ୍ପ ଗୋଲାପ ଜଳ ମିଶାଇ ପ୍ରତ୍ୟେକ ଦିନ ମୁହଁରେ ଲଗାନ୍ତୁ । ୧୫ମିନିଟ୍ ପରେ ଧୋଇ ଦିଅନ୍ତୁ ।






**ଡାଲଚିନି ଓ ଲେମ୍ବୁରସ :** ଅଳ୍ପ ଲେମ୍ବୁ ରସ ସହିତ ଡାଲଚିନି ପାଉଡର ମିଶାଇ ସେଥିରେ ମହୁ କିଛି ବୁନ୍ଦା ମିଶାଇ ଦିଅନ୍ତୁ ଓ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ପ୍ରତ୍ୟେକ ଦିନ ଲଗାଇ ଏକ ଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ପରେ ମୁହଁ ଧୋଇ ଦିଅନ୍ତୁ ।

**ଗୋଲାପ ଜଳ ଓ ମୁଲତାନୀମାଟି :** ମୁଲତାନୀ ମାଟିରେ ଗୋଲାପ ଜଳ ଓ ଲେମ୍ବୁ ରସ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ସପ୍ତାହରେ ଦୁଇ ବା ତିନିଥର ମୁହଁରେ ଲଗାନ୍ତୁ । ଯେତେବେଳେ ଏହା ଶୁଖିଯିବ ମୁହଁ ଧୋଇ ଦିଅନ୍ତୁ । ଏହା ବ୍ରଣ, ଦାଗକୁ ସଫା କରିବାରେ ସାହାଯ୍ୟ କରିଥାଏ । କାରଣ ଅଏଲି ସ୍କିନ ପାଇଁ ଏସବୁ ହୋଇଥାଏ ।

## ଜାଣନ୍ତୁ ବଳକା ଚା' ପତିର ଉପକାରିତା

ସାଧାରଣତଃ ଚା' ପିଇବାକୁ ସମସ୍ତେ ଭଲ ପାଆନ୍ତି । ତେବେ ଏହା ଅତ୍ୟଧିକ ପିଇବା ଦ୍ୱାରା ଶରୀରପକ୍ଷେ କ୍ଷତି ବୋଲି ଡାକ୍ତର ପରାମର୍ଶ ଦେଇଥାଆନ୍ତି । ଅନେକ ଲୋକ ଚା' ବନାଇବା ପରେ ଚା'ପତିକୁ ପିଙ୍ଗି ଦେଇଥାଆନ୍ତି । କିନ୍ତୁ ଏହି ଚା'ପତିରେ ବି ଅନେକ ଉପକାରିତା ଗୁଣ ରହିଛି । ଚାହା ପତିରେ ଆଣ୍ଟି ଅକ୍ସିଡାଣ୍ଟ ମିଳିଥାଏ । କେ ?।ଣସି କାରଣରୁ ଯଦି ଖଣ୍ଡିଆ ହୋଇଯାଉଛି ତେବେ ଉକ୍ତ ସ୍ଥାନରେ ଚା' ପତିର ଲେପ ଦେଇ ଦେଲେ ଆରାମ ମିଳିଥାଏ ।

ଚାହା ପତିର ପାଣି ଏକ ଲାଭଦାୟକ କଣ୍ଡିସନର ହୋଇଥାଏ । ଚାହା ପତିକୁ ଧୋଇ ଆଉଥରେ ଫୁଟାଇ ଦିଅନ୍ତୁ । ଏହି ପାଣିରେ କେଶକୁ ଧୁଅନ୍ତୁ । ଦେଖିବେ ଏପରି କିଛି ଦିନ କଲା ପରେ ଆପଣଙ୍କ କେଶ ସାଇନ କରିବ । କେବଳ ଏତିକି ନୁହେଁ, ଚାହା ପତିକୁ କାଠରେ ନିର୍ମିତ ହୋଇଥିବା ଆସବାବ ପତ୍ରରେ ବି ବ୍ୟବହାର କରି ପାରିବେ । ଏଥିସହିତ କୁଣ୍ଡରେ ଲଗାଯାଇଥିବା ଗଛରେ ମଝିରେ ମଝିରେ ସାର ଦେବା ଉଚିତ୍ । ସେଥିପାଇଁ ବଳିଥିବା ଚାହା ପତିକୁ କୁଣ୍ଡରେ ପକାଇ ଦିଅନ୍ତୁ । ଏହା ଉପଯୁକ୍ତ ସାର ଭାବେ କାମ



କରିବ ।

ପ୍ରସ୍ତୁତ ହୋଇଥିବା ଚାହା ପତିକୁ ଆଉ ଥରେ ପାଣିରେ ଫୁଟାନ୍ତୁ । ଏହି ପାଣି ଦ୍ୱାରା ଘିଅ ଓ ତେଲ ଡବାକୁ ସଫା କରନ୍ତୁ । ଏପରି କରିବା ଦ୍ୱାରା ଡବାରୁ ଦୁର୍ଗନ୍ଧ ଦୂର ହୋଇଥାଏ ।

## ପ୍ରତିଦିନ ଖାଦ୍ୟରେ ଚିକେନ୍ ଏବଂ ମଟନ୍ ଖାଇବା ଅର୍ଥାତ୍ ରୋଗକୁ ନିମନ୍ତ୍ରଣ କରିବା

ବର୍ତ୍ତମାନ ସମୟରେ ଲୋକ ଅଧିକ ଆମିଷ ଖାଇବାକୁ ପସନ୍ଦ କରୁଛନ୍ତି । ଚିକେନ୍ ଏବଂ ମଟନ୍ ଖାଇବାରେ ନଥିଲେ ପେଟକୁ ଖାଦ୍ୟ ହିଁ ଯାଉନି । ପୂର୍ବ ସମୟରେ ଏଥିରେ ସନ୍ତୁଳନ ରହୁଥିଲା ସପ୍ତାହରେ ଥରେ କିମ୍ବା ଦୁଇଥର ଲୋକ ଆମିଷ ଭୋଜନ କରୁଥିଲେ କିନ୍ତୁ ଏବେ ପ୍ରତିଦିନର ଭୋଜନରେ ଚିକେନ୍ ଏବଂ ମଟନ୍ ସାମିଲ ହେବା ଯେଭଳି ଅନିବାର୍ଯ୍ୟ । ତେବେ ବଡ ସୁଆଦିଆ ଲାଗୁଥିବା ଏହି ଖାଇବା ଶରୀର ପ୍ରତି ଯେ କେତେ କ୍ଷତିକାରକ ଆପଣ ଜାଣିଛନ୍ତି । ଚିକେନ୍ ଏବଂ ମଟନ୍ ଶରୀର ପାଇଁ କ୍ଷତିକାରକ ଯାହାର କାରଣ ରୋଗ ଦାଉରୁ ଛେଳି,କୁକୁଡାଙ୍କୁ ଦିଆଯାଉଥିବା ଆଣ୍ଟିବାୟୋଟିକ୍ । ଯେତେବେଳେ ଛେଳି,କୁକୁଡାଙ୍କୁ ରୋଗ ହୋଇଯାଏ ତାଙ୍କ ଦେହରେ ବ୍ୟାକ୍ଟେରିଆ ଘର କରିଥାନ୍ତି । ଏଥିରୁ ବଞ୍ଚାଇବା ପାଇଁ ତାଙ୍କୁ ଆଣ୍ଟିବାୟୋଟିକ୍ ଦିଆଯାଏ । କିନ୍ତୁ ଏହି ଆଣ୍ଟିବାୟୋଟିକର ବ୍ୟାକ୍ଟେରିଆ ଉପରେ କୌଣସି ପ୍ରଭାବ ପଡିନଥାଏ । ଯେତେବେଳେ ଲୋକ



ଏହି ମାଂସକୁ ଖାଇଥାନ୍ତି ତାଙ୍କ ଶରୀରରେ ଏହି ବ୍ୟାକ୍ଟେରିଆ ପ୍ରବେଶ କରେ ଏବଂ ତାଙ୍କ ଉପରେ ଆଣ୍ଟିବାୟୋଟିକ୍ ର ପ୍ରଭାବ ପଡିନଥାଏ ।

## ହେୟାର୍ ଷ୍ଟ୍ରେଟ୍‌ନିଙ୍ଗ କରିବାର୍ ଘରୋଇ ଉପଚାର୍



ମହିଳାମାନେ ସବୁବେଳେ ସୁନ୍ଦର ଓ ଭିନ୍ନ ଦେଖାଯିବା ପାଇଁ ବିଭିନ୍ନ ଉପାୟ ଆପଣାଇଥାନ୍ତି । ଏବେ ଟ୍ରେଣ୍ଡରେ ହେୟାର ଷ୍ଟ୍ରେଟ୍‌ନିଙ୍ଗ ଚାଲିଥିବାରୁ ଅଧିକାଂଶ ମହିଳା ଏଥିପାଇଁ ପାର୍ଲର ଯାଇ ହେୟାର ଷ୍ଟ୍ରେଟ୍‌ନିଙ୍ଗ କରୁଛନ୍ତି । କିନ୍ତୁ ଏଥିପାଇଁ ବହୁ ମାତ୍ରାରେ କେମିକାଲ ବ୍ୟବହାର ହେଉଥିବାରୁ ଅନେକ ମହିଳା ତାହା କରିବାକୁ ପସନ୍ଦ ମଧ କରିନଥାନ୍ତି । ତେବେ ବିନା କୌଣସି କେମିକାଲ ବ୍ୟବହାରରେ ଘରୋଇ ଜିନିଷ ବ୍ୟବହାର କରି ଘରେ ରହି ବି ହେୟାର ଷ୍ଟ୍ରେଟ୍‌ନିଙ୍ଗ କରି ହେବ । ଏଥିପାଇଁ ପ୍ରଥମେ ଏକ ପାତ୍ରରେ ୫ ରୁ ୬ ଚାମଚ ଦହି ନେବେ । ଏଥିରେ ଗୋଟେ କଞ୍ଚା ଅଣ୍ଡାକୁ ଭାଙ୍ଗି ସେଥିରେ ପକାଇବେ । ୨ ଚାମଚ ନଡ଼ିଆ ତେଲ, ଦୁଇ ଚାମଚ ଜଡ଼ା ତେଲ ଓ ଗୋଟେ ଚାମଚ ଲେମ୍ବୁ ରସକୁ ମିଶାଇ ସେଥିରେ ୨ ରୁ ୩ ଚାମଚ କର୍ଣ୍ଣଫ୍ଲାଓ୍ୱାର ପକାଇ ଭଲ ଭାବେ ମିଶ୍ରଣ କରିବେ । ୧୦ ମିନିଟ୍ ସମୟ ପର୍ଯ୍ୟନ୍ତ ଏହି ପେଷ୍ଟଟିକୁ ରଖିବେ । ପରେ ଚୁଟିରେ ଏହି ପେଷ୍ଟଟିକୁ ଲଗାଇ ଅଧଘଣ୍ଟା ସମୟ ପର୍ଯ୍ୟନ୍ତ ଛାଡିଦେବେ । ଚୁଟିକୁ ଭଲ ଭାବେ ସାମ୍ପୋ କରି ଧୋଇନେଇ ବଜାରରେ ମିଳୁଥିବା ସେରମ ୨ ରୁ ୩ ବୁନ୍ଦା ଚୁଟିରେ ଲଗାଇବେ । ଏହି ପକ୍ରିୟା ସପ୍ତାହକୁ ଥରେ କରିବା ଫଳରେ ଚୁଟି ଷ୍ଟ୍ରେଟ ଓ ସାଇନିଂ ହୋଇଥାଏ ।






## ଗର୍ଭଧାରଣ ଶତ୍ରୁ ଅନିୟନ୍ତ୍ରିତ ମଧୁମେହ

ଆଜିକାଲି ମଧୁମେହ ଏକ ସାଧାରଣ ରୋଗ ହୋଇପଡ଼ିଲାଣି । ଏହି ରୋଗ ପାଇଁ ନା ଅଛି ବୟସର କଟକଣା ନା ଅଛି ଲିଙ୍ଗଗତ ଭେଦଭାବ । ଯାହା ଫଳରେ ବିଭିନ୍ନ ବର୍ଗର ଲୋକମାନେ ଏହି ରୋଗର ଶିକାର ହେଉଛନ୍ତି । ବଂଶାନୁଗତ କାରଣ ହେଉ ଅବା ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ହେଉ ଏହି ରୋଗ କ୍ରମଶଃ ଯୁବବର୍ଗଙ୍କ ମଧରେ ବଢ଼ିବାରେ ଲାଗିଛି । କିନ୍ତୁ ଯଦି ମଧୁମେହ ମହିଳାଙ୍କଠାରେ ଦୀର୍ଘ ସମୟ ଧରି ଅନିୟନ୍ତ୍ରିତ ରୁହେ, ତେବେ ଗର୍ଭଧାରଣରେ ସମସ୍ୟା ଦେଖା ଦେଇପାରେ । ମଧୁମେହ ଟାଇପ-୧ ଏବଂ ଟାଇପ-୨ ଦୁଇ ଭାଗରେ ବିଭକ୍ତ । ଉଭୟ ପରିସ୍ଥିତିରେ ଶରୀରରୁ ଇନସୁଲିନ୍ ସ୍ତରକୁ ହ୍ରାସ ପାଇଥାଏ, ତେଣୁ ଇନସୁଲିନ୍ ଇଞ୍ଜେକସନ ମାଧ୍ୟମରେ ଶର୍କରାସ୍ତରକୁ ବଜାୟ ରଖିବା ପାଇଁ ଡାକ୍ତର ଇଞ୍ଜେକସନ ନେବାକୁ ପରାମର୍ଶ ଦେଇଥାନ୍ତି । ଟାଇପ-୧ ମଧୁମେହ ଶରୀରରେ ଇନସୁଲିନ ଉତ୍ପାଦନ କରୁଥିବା କୋଷିକାଗୁଡ଼ିକୁ ନଷ୍ଟ କରିଦେଇଥାଏ । ଯାହାର ଏକମାତ୍ର ବିକଳ୍ପ ହେଉଛି ଇଞ୍ଜେକସନ । ଗର୍ଭଧାରଣ ପାଇଁ ଏହା ହେଉଛି ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ । ଶରୀରରେ ଇନସୁଲିନର ସ୍ତର ଆବଶ୍ୟକତାଠାରୁ କମ ଥିବା ବେଳେ ଗର୍ଭଧାରଣ ଉଭୟ ମା' ଏବଂ ଶିଶୁଙ୍କ ପାଇଁ ପ୍ରତିକୂଳ ସାବ୍ୟସ୍ତ ହୋଇଥାଏ । ଟାଇପ-୨ ମଧୁମେହରେ ଶରୀର ଆବଶ୍ୟକ କରୁଥିବା ରକ୍ତ ଗ୍ଲୁକୋଜକୁ ଧରି ରଖିପାରିନଥାଏ, ଯାହାଦ୍ୱାରା ଶରୀରରେ ପର୍ଯ୍ୟାପ୍ତ ଇନସୁଲିନ ଉତ୍ପାଦନ ହୋଇ ପାରେନା । କେବଳ ଖାଦ୍ୟ ପାନୀୟରେ ପରିବର୍ତ୍ତନ ଏବଂ ବ୍ୟାୟାମ ଦ୍ୱାରା ଏହା ନିୟନ୍ତ୍ରିତ ହୋଇପାରେ । ଟାଇପ-୨ ମଧୁମେହର କାରଣ ହେଉଛି ଏକ ଜେନେଟିକ୍ ଫ୍ୟାକ୍ଟର । ଟାଇପ-୧ ମଧୁମେହ ଯୁବକମାନଙ୍କ ମଧରେ ଏକ ସାଧାରଣ ଏବଂ ଏହାର ସ୍ଥିତି ସମୟ ସହିତ ବିଗିଡ଼ି ଚାଲେ ।

### ମହିଳାଙ୍କ କ୍ଷେତ୍ରରେ ବନ୍ଧ୍ୟାତ୍ୱ ବଢ଼ାଏ

ମୋଟାପଣ ଥିବା ମହିଳାମାନଙ୍କ କ୍ଷେତ୍ରରେ ଟାଇପ-୨ ମଧୁମେହର ଆଶଙ୍କା ଅଧିକ ଥାଏ, ଏପରିକି ଇନସୁଲିନ ପ୍ରତିରୋଧ ଶକ୍ତି ମଧ ଅଧିକ ଥାଏ । ପଲିସିସଷ୍ଟିକ୍ ଓଭାରିଆନ୍ ସିଣ୍ଡ୍ରୋମ ଏବଂ ଡିସମେଟାବୋଲିକ୍ ସିଣ୍ଡ୍ରୋମ ଏକ୍ସ ହେଉଛି ମହିଳାମାନଙ୍କ କ୍ଷେତ୍ରରେ ବନ୍ଧ୍ୟାତ୍ୱ ହେବାର ଦୁଇଟି ମୁଖ୍ୟ କାରଣ । ପିସିଓଏସ ମହିଳାମାନଙ୍କ ବନ୍ଧ୍ୟାତ୍ୱ ପାଇଁ ଏକ ପରୀକ୍ଷିତ କାରଣରୁ ଦେଖାଯାଇଛି ଯେତେବେଳେ ଯେଉଁ ମହିଳାମାନେ ଇନସୁଲିନ ପ୍ରତିରୋଧ ଶକ୍ତିରେ ଆକ୍ରାନ୍ତ ହୋଇଥାନ୍ତି ସେମାନଙ୍କଠାରେ ପିସିଓଏସ ମିଳିଥାଏ । ଏହା ବିଶେଷତଃ ପୃଥୁଳ ମହିଳାଙ୍କ କ୍ଷେତ୍ରରେ ଅଧିକ ଦେଖାଯାଇଥାଏ । ଉଭୟ ମୋଟାପଣ ଏବଂ ପିଲିସିସଷ୍ଟିକ୍



ଓଭାରିଆନ ସିଣ୍ଡ୍ରୋମ ମଧୁମେହର କାରଣ ହୋଇଥାଏ । ଆଉ ଏକ ବନ୍ଧ୍ୟାତ୍ୱ ପରିସ୍ଥିତି ଟାଇପ-୧ ମଧୁମେହ ସହିତ ଜଡ଼ିତ ହୋଇଥାଏ, ଯାହା ଦ୍ୱାରା ଆପଣଙ୍କର ପ୍ରାକୃତିକ ମେଟାବୋଲିଜିମ୍ କିମ୍ବା ଇନସୁଲିନ୍ କୋଷିକାଗୁଡ଼ିକ ଶରୀରରେ ନଷ୍ଟ ହୋଇଯାଏ । ଏପରି ଏକ ରୋଗୀ ଉଚ୍ଚ ଗ୍ଲୁକୋଜସ୍ତର ଦ୍ୱାରା ଆକ୍ରାନ୍ତ ହୋଇଥାଏ, ଯାହାକି ଗର୍ଭାଶୟରେ ପ୍ରତିରୋଧ ଭ୍ରୁଣ ଆଡ଼କୁ ଯାଇନଥାଏ । ଏହି ସ୍ଥିତିରେ ଗର୍ଭପାତ ହେବାର ସମ୍ଭାବନା ଅଧିକ ଥାଏ । ଫଳରେ ମହିଳାମାନେ ବାରମ୍ବାର ଗର୍ଭଧାରଣ କରିବାରେ ବିଫଳ ହୋଇଥାନ୍ତି ।

## ଗ୍ୟାସ୍ ସମସ୍ୟାରୁ କିଭଳି ପାଇବେ ନିସ୍ତାର !

ଆପଣ ଗ୍ୟାସ ସମସ୍ୟା ନେଇ ଚିନ୍ତିତ ଅଛନ୍ତି କି ? ଦୈନିନ୍ଦିନର ବ୍ୟସ୍ତ ଜୀବନ ଭିତରେ ଏହା ଆପଣଙ୍କୁ ଅସୁବିଧାରେ ପକାଉଛି କି ? ତାହେଲେ ଆପଣଙ୍କ ପାଇଁ ଏହି ଖବର ଜାଣିବା ନିହାତି ଆବଶ୍ୟକ । କେଉଁ କାରଣରୁ ଗ୍ୟାସ୍ ହୋଇଥାଏ ଓ ଏଥିରୁ ଆପଣ କିଭଳି ବର୍ତ୍ତିବେ । ଗ୍ରେଟର କୈଳାଶ ହସ୍ପିଟାଲ ମୁଖ୍ୟ କ୍ଲିନିକାଲ୍ ଡାଏଟିସିଆନ ଡା. ବିନିତା ଜୟସବାଲ ଗ୍ୟାଷ୍ଟ୍ରିକ ଭଳି ସମସ୍ୟା ବିରୁଦ୍ଧରେ ୪ ଟି ତଥ୍ୟ ପ୍ରଦାନ କରିବା ସହ କ'ଣ ଖାଇବା ଦ୍ୱାରା ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡେ ଏହା ମଧ ଏଠାରେ ଦର୍ଶାଇଛନ୍ତି ।

କେଉଁ କାରଣରୁ ହୋଇଥାଏ ଗ୍ୟାସ ଭଳି ସମସ୍ୟା ?

ପେଟରେ ହଜମକ୍ରିୟାକୁ ଠିକ୍ ରଖିବା ଏନ୍ଜାଇମ କ୍ଷରଣ କମ୍ ହେବା ଦ୍ୱାରା ଗ୍ୟାସ ଭଳି ଅସୁବିଧା ବଢିବାରେ ଲାଗେ । ଏହି ସମସ୍ୟା ଲଗାତାର ବଦହଜମୀ ଯୋଗୁଁ ବଢିବାରେ ଲାଗିଥାଏ । ଏହାଛଡା ମସଲାଯୁକ୍ତ ଖାଦ୍ୟ କିମ୍ବା ମେଦ ବହୁଳ ଜନିତ ଖାଦ୍ୟ ଯେମିତିକି ଶିଙ୍ଗଡା,କଚୋଡି ଜନିତ ଖାଦ୍ୟ ଖାଇଲେ ମଧ ଏହି ଗ୍ୟାସ ସମସ୍ୟା ବଢିବାରେ ଲାଗେ ।

- ଅଖାଦ୍ୟ ଖାଦ୍ୟ ଖାଇବା ହେତୁ ଏସିଡ୍ ମାତ୍ରାଧିକ ହୋଇଥାଏ ,ଏଥିଯୋଗୁଁ ବାରମ୍ବାର ଗ୍ୟାସ ସମସ୍ୟା ଉପୁଜେ ।
- ରାତିରେ ଡେରି ରାତି ଯାଏଁ ଚାହିଁବା ଏବଂ ସକାଳେ ଡେରି ଯାଏଁ ଶୋଇବା ହେତୁ ଗ୍ୟାସ ହୋଇଥାଏ ।
- ଅତ୍ୟଧିକ ଚିନ୍ତା ଏବଂ କ୍ରୋଧ ଯୋଗୁଁ ପାଚନକ୍ରିୟାରେ ଏନ୍ଜାଇମର କ୍ଷରଣ କମ୍ ହୋଇଥାଏ , ଏହାଦ୍ୱାରା ମଧ ଗ୍ୟାସ ସମସ୍ୟା ବଢିଥାଏ ।
- ଲଗାତାର ଗୋଟିଏ ସ୍ଥାନରେ ବସି କାର ?ୟ୍ୟ କରିବା ଦ୍ୱାରା ହଜମକ୍ରିୟା ଯଥା ସମ୍ଭବ ନହୋଇପାରିବା କାରଣରୁ ମଧ ଗ୍ୟାସ ହୋଇଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୮ ଜାନୁଆରୀ ୨୦୨୨, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କରୋନାର ଭବିଷ୍ୟତ...

ଦୁଇ ବର୍ଷରୁ ଅଧିକ କାଳ ହେବ ବିଶ୍ୱବ୍ୟାପୀ କରୋନା ସଂକ୍ରମଣ ସମସ୍ତଙ୍କୁ କଲବଲ କରିଚାଲିଛି । କେତେବେଳେ କେଉଁ ଅବତାର ନେଇ ଉଭା ହେଉଛି, ସଂକ୍ରମଣ ନେଇ ବିଶେଷଜ୍ଞମାନଙ୍କର ଆକଳନ କେତେବେଳେ ଠିକ୍ ମନେହେଉଛି ତ' ଆଉ କେବେଳେ ପୂରା ଠିକ୍ ଲାଗୁନାହିଁ । ଭୂତାଣୁ ସଂକ୍ରମଣ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଭିନ୍ନ ସମୟରେ ଯେଉଁ ଆକଳନ ଦେଉଛନ୍ତି, ତାହା ସବୁବେଳେ ଶତ ପ୍ରତିଶତ ପ୍ରମାଣସିଦ୍ଧ ନଲାଗିବାର ମଧ୍ୟ କାରଣ ରହୁଛି । ବିଶେଷଜ୍ଞମାନଙ୍କର ଆକଳନ ଆଧାରରେ 'ହୁ' ସମସ୍ତଙ୍କୁ ଯାହା ଜଣାଉଛି । ସଦ୍ୟ ସୂଚନା କହୁଛି, ଓମାଇକ୍ରନ୍ ଶେଷ ଭାରିଆଣ୍ଟ ବୋଲି କୁହାଯାଇପାରିବନି । କେଉଁଠି ସଂକ୍ରମଣ ତଳମୁହାଁ ହେବାରେ ଲାଗିଲାଣି, ଆଉ କେଉଁଠି ଶିଖର ଛୁଇଁବାରେ ଲାଗିଛି । ଦେଶ ଭିତରେ ଏହାର ସଂକ୍ରମଣ ଯଦିଓ କରୋନା ଭୂତାଣୁର ବିସ୍ତାର ଲାଗି ଘଟକ ସାଜିଛି, ଆଶ୍ୱସ୍ତିର ବିଷୟ ଏଥିଲାଗି ସଂକ୍ରମିତଙ୍କର ଡାକ୍ତରଖାନାରେ ଭର୍ତ୍ତି ହେବା ଦରକାର ପଡୁନାହିଁ । ଆଇସିୟୁ ଏବଂ ଅକ୍ସିଜେନ୍ ସଂଯୁକ୍ତ ବେଡ୍‌ର ଆବଶ୍ୟକତା ବହୁ ଭାବରେ ଊଣା ହୋଇଯାଇଛି । ତେଣୁ ଅଭିଜ୍ଞତା ଆଧାରରେ କୋଭିଡ-ସମର୍ପିତ ଚିକିତ୍ସାଳୟର ପ୍ରସ୍ତୁତି ଦରକାର ପଡୁନାହିଁ । ଏହା ଭିତରେ ବିଶ୍ୱବ୍ୟାପୀ କରୋନା ମୃତ୍ୟୁ ସଂଖ୍ୟା ୫୬ଲକ୍ଷ ୨୨ହଜାରରେ ପହଞ୍ଚି ସାରିଲାଣି । କେଉଁ ଦେଶରେ ଏହାର ସଂକ୍ରମଣଜନିତ ମୃତ୍ୟୁ ଓ ସକ୍ରିୟ ପ୍ରଭାବିତଙ୍କ ସଂଖ୍ୟା କିଛିଟା ଊଣା ତ ଆଉ କେଉଁଠି ଅଧିକ । ଦୁଇ ଲହରୀ ସଂକ୍ରମଣ ପରେ ଓମାଇକ୍ରନଜନିତ ଥଣ୍ଡାଜ୍ୱର ପ୍ରାୟ ସବୁଠି ଦେଖାଦେଉଛି । ହୋଇପାରେ ଏହାରି ଆଧାରରେ କୁହାଯାଉଛି, ରାଜ୍ୟରେ ଗୋଷ୍ଠୀ ସଂକ୍ରମଣ ଆସିପାରେ । ତାହା ସତକୁ ସତ ଆସିଗଲେ ପୂର୍ବଥର ଭଳି ବିପଦର ପୁନରାବୃତ୍ତି ହେବ । ଦୈନିକ ସଂକ୍ରମଣ କମୁଛି ସିନା, ସମସ୍ତଙ୍କ ଭିତରେ ଗୋଷ୍ଠୀ ସଂକ୍ରମଣ ଭୟ ଉଙ୍କି ମାରୁଛି । ରାଜ୍ୟରେ ୮,୫୩୨କୁ କରୋନା ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଲାଣି । କ୍ରମାଗତ ବୃଦ୍ଧିକୁ ରୋକିବା ସକାଶେ ରାଜ୍ୟ ତଥା ଦେଶସାରା ବ୍ୟାପକ ଟିକାକରଣ ଚାଲିଛି । ଗୋଷ୍ଠୀ ସଂକ୍ରମଣ ନେଇ ଚୂଡ଼ାନ୍ତ ସ୍ଥିତି ଜାଣିବାକୁ ହେଲେ କିଛି ଦିନ ଅପେକ୍ଷା କରିବାକୁ ହେବ ବୋଲି ସୂଚନା ରହିଛି । ରାଜ୍ୟରେ ୬୦% ଆକ୍ରାନ୍ତ ସ୍ଥାନୀୟ ସଂକ୍ରମିତ, ମାତ୍ର ଓମାଇକ୍ରନ୍ ଆକ୍ରାନ୍ତଙ୍କ ଭିତରୁ ଜଣେ ସୁଦ୍ଧା ମୃତ୍ୟୁବରଣ କରିନାହାଁନ୍ତି । ତେଣୁ ଟେଷ୍ଟିଂ ସଂଖ୍ୟାରେ ହ୍ରାସ କରାଯାଇଛି । କେତେକ ରାଜ୍ୟରେ ଗଣସଂକ୍ରମଣ ଦେଖାଦେଇଥିଲେ ସୁଦ୍ଧା ଆପାତତଃ ଆମର ଏଠାରେ ତାହା ହେବନାହିଁ ବୋଲି ଯେଉଁ ବିଶ୍ୱାସ ହେଉଥିଲା, ତାହା ସବୁ ସମୟ ପାଇଁ ରହିନପାରେ । ସଂକ୍ରମଣ-ପ୍ରତିରୋଧୀ କ୍ଷମତା ବୃଦ୍ଧି ପାଇଁ ସର୍ବାଧିକ ପ୍ରାବଧାନ କରାଯିବାକୁ ହେବ । ଏଥିପାଇଁ ଜାତୀୟ ତଥା ରାଜ୍ୟ ରାଜକୋଷରୁ ପର୍ଯ୍ୟାପ୍ତ ଧନରାଶି ବ୍ୟୟିତ ହେବାରେ ଲାଗିଛି । ତାହାର ପ୍ରତିକୂଳ ପ୍ରଭାବ ଆମକୁ ଭୋଗିବାକୁ ପଡୁଛି । ଦୁଇ ପର୍ଯ୍ୟାୟରେ ଟିକାକରଣ ପରେ ସମ୍ପ୍ରତି ପନ୍ଦରରୁ ଅଠର ବୟଃଗୋଷ୍ଠୀଙ୍କୁ ଟିକାକରଣ ହେଉଛି । ତାହା ବାଦ୍ ବରିଷ୍ଠ ନାଗରିମାନଙ୍କୁ ପ୍ରିକ୍‌ସନ୍ ଟିକା ପ୍ରଦାନ ପ୍ରକ୍ରିୟା ଚାଲିଛି । ଆମ ରାଜ୍ୟରେ ସାର୍ବଜନୀନ ଟିକାକରଣ ସକାଶେ ବ୍ୟାପକ ବ୍ୟବସ୍ଥା ପଛରେ ଛାମୁଆ ଯୋଦ୍ଧା ରୂପେ ସ୍ୱାସ୍ଥ୍ୟ କର୍ମୀ ଓ ଅନ୍ୟମାନଙ୍କର ଭୂମିକା ଓ ଯୋଗଦାନର ଯେତେ ପ୍ରଶଂସା କଲେ ତାହା ଯଥେଷ୍ଟ ହେବନାହିଁ । କେନ୍ଦ୍ର ଓ ରାଜ୍ୟ ସରକାର ଭିତରେ ସମନ୍ୱୟ ବଳରେ ଏହା କେବଳ ସମ୍ଭବ ହୋଇପାରିଛି ତାହା ନୁହେଁ, ବିଶ୍ୱବାସୀଙ୍କ ଆଗରେ ଦଅଷ୍ଟାନ୍ତ ରଖିଛି । ଭୂତାଣୁର ବିଭିନ୍ନ ରୂପାନ୍ତରିତ ଅବତାର ଅନୁଭବରେ ଆଣିବା ପରେ ସମସ୍ତେ ବିଚାରୁଥିଲେ କି କରୋନା ବେଶୀକାଳ ରହିବନାହିଁ । ଏହାର ପ୍ରଭାବ ମଉଳିବାକୁ ଆରମ୍ଭ କଲାଣି ବୋଲି ବିଚାର କରି କିଛିଟା ଆଶ୍ୱସ୍ତ ହେବାକୁ ବସିବା ସମୟରେ ସୁଦ୍ଧା ଗୋଷ୍ଠୀ ସଂକ୍ରମଣର ଆଶଙ୍କା ତାହାକୁ ରୀତିମତ ବିଗାଡ଼ି ଦେଉଛି । ସୁତରାଂ, ଆପାତତଃ ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ, ହସ୍ତ ପ୍ରକ୍ଷାଳନ ସମେତ କୋଭିଡ-ଅନୁରୂପ ବ୍ୟବହାରକୁ ସମସ୍ତଙ୍କୁ ଆତ୍ମସ୍ଥ କରିବାକୁ ହେବ । ପ୍ରଶାସନ ଏମିତିରେ ନାଇଟ୍ କର୍ଫ୍ୟୁ, କଣ୍ଟେନ୍‌ମେଣ୍ଟ ଭଳି କଟକଣା ଲାଗୁ କରିବ । କିନ୍ତୁ ସମସ୍ତ ନାଗରିକଙ୍କ ଭିତରେ ସଚେତନତାକୁ ବ୍ୟାପକ କରାଯିବା ପ୍ରମୁଖ କାର୍ଯ୍ୟ ହେବା ଆବଶ୍ୟକ ।

## ଗଣତନ୍ତ୍ର ଓ ଆଦର୍ଶ ଛାତ୍ରନେତାଙ୍କ ପରିଭାଷା



ଅଂଶୁମାନ ମହାରଣା

ଶିକ୍ଷା ଓ ରାଜନୀତି ଏହି ଭିନ୍ନ ଦୁଇଟି ତତ୍ତ୍ୱର ମିଶ୍ରଣର ପ୍ରତୀକ ହେଉଛନ୍ତି ଛାତ୍ରନେତା। ଆଜି ବିଶ୍ୱର ଅଧିକାଂଶ ରାଷ୍ଟ୍ର ଗଣତାନ୍ତ୍ରିକ ହୋଇଥିବା ହେତୁ ରାଜନୀତି ଦୈନନ୍ଦିନ ସମାଜରେ ଏକ ପ୍ରମୁଖ ବିଷୟବସ୍ତୁ। ଏକ ସମୃଦ୍ଧ ରାଷ୍ଟ୍ରର ବିକାଶ କ୍ଷେତ୍ରରେ ରାଜନୀତି ସେତିକି ଗୁରୁତ୍ୱପୂର୍ଣ୍ଣ ଯେତିକି ଡ଼ାକ୍ତରୀ, ଇଂଜିନିୟରିଂ, କୃଷି ଓ ବ୍ୟବସାୟ। ଗଣତନ୍ତ୍ରକୁ ବଂଚାଇ ରଖନ୍ତି ନେତୃତ୍ୱ ଆଉ ସେଇ ନେତୃତ୍ୱ ତିଆରି ହୁଅନ୍ତି ଶୈକ୍ଷିକ କ୍ୟାମ୍ପସ ପରିସରରୁ। ସେଇଥି ପାଇଁ ଭାରତ ସମେତ ଅନେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଛାତ୍ରମାନଙ୍କୁ ଦିଆଯାଇଛି କ୍ୟାମ୍ପସ ପରିସରରେ ନିର୍ବାଚନରେ ଅଂଶଗ୍ରହଣ କରିବାର ଅଧିକାର ଏବଂ ନିଜର ନେତୃତ୍ୱକୁ ଚୟନ କରିବାର ଅଧିକାର। ପୌରାଣିକ ଯୁଗରେ ଯେପରି ରାଜପୁତ୍ର ମାନେ ଗୁରୁକୁଳରେ ରହି ବିଦ୍ୟାଶିକ୍ଷା କରିବା ମଧ୍ୟରେ ରାଜନୀତି ମଧ୍ୟ ଶିକ୍ଷା କରୁଥିଲେ। ଠିକ୍ ସେହିପରି ଆଜିର ଛାତ୍ରମାନେ ଛାତ୍ରସଂସଦ ନିର୍ବାଚନ ମାଧ୍ୟମରେ ପ୍ରତ୍ୟକ୍ଷ ଭାବରେ କରୁଛନ୍ତି ରାଜନୀତିକ ଶିକ୍ଷା। ଛାତ୍ରସଂସଦ ନିର୍ବାଚନ ମାଧ୍ୟମରେ ସିନା ଛାତ୍ରନେତା ମାନେ ନିର୍ବାଚନରେ ଅଂଶଗ୍ରହଣ କରିବାର ଅଭିଜ୍ଞତା ତଥା ନେତୃତ୍ୱ ଶିଖିବାର ସୁଯୋଗ ହାସଲ କରନ୍ତି ସତ, ମାତ୍ର କୌଣସି ଉଚ୍ଚ ବିଚାରକୁ ନେଇ ଛାତ୍ରସମାଜରେ ଯେ ଆଣିପାରନ୍ତି ସକରାତ୍ମକ ପରିବର୍ତ୍ତନ ସେ ହିଁ ପାଲଟି ଯାଆନ୍ତି ଆଦର୍ଶ ଛାତ୍ରନେତା।

ଏଇ ନିକଟରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଏନ୍ ଭି ରମନ୍ନା ଛାତ୍ରନେତା ମାନଙ୍କୁ ନେଇ ଏକ ବୟାନ ଦେଇଛନ୍ତି ଯାହାକି ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଛି। ସେ କହିଛନ୍ତି ଛାତ୍ରନେତାଙ୍କ ଅଭାବ ଗଣତନ୍ତ୍ର ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ନିହାତି ସ୍ୱାଭାବିକ କଥା – ଗଣତନ୍ତ୍ର ଯଦି ଏକ ରଥ ହୁଏ ତେବେ ରାଜନୈତିକ ଦଳ ମାନେ ରଥର ଚକ ସଦୃଶ ଏବଂ ନେତାମାନେ ହେଲେ ସାରଥୀ। ନେତାମାନେ ତ ନେତୃତ୍ୱର ପ୍ରଶିକ୍ଷଣ ତ ଛାତ୍ର ଜୀବନରୁ ହିଁ ନେଇଥାନ୍ତି। ଯଦି ଛାତ୍ରନେତା ନିର୍ମାଣ ହେବେ ନାହିଁ ତେବେ ଦେଶର ଆଗାମୀ ନେତୃତ୍ୱ କିଏ ନେବ? ଏହା ତ ନିହାତି ଯୁକ୍ତିଯୁକ୍ତ ପ୍ରଶ୍ନଟିଏ। ମାତ୍ର ପ୍ରଧାନ ବିଚାରପତିଙ୍କ ଏହି ମନ୍ତବ୍ୟକୁ ନେଇ ସୃଷ୍ଟି ହୋଇଛି ଭ୍ରୁକୁଂଚନ। ସମାଲୋଚନାର ସୁଅ ଛୁଟିଛି – ଯେତେବେଳେ ଛାତ୍ରସଂସଦ ନିର୍ବାଚନ ଏକ ଉପଦ୍ରବକାରୀ ପ୍ରକ୍ରିୟା ପାଲଟି ଯାଉଛି। କ୍ୟାମ୍ପସର ଉନ୍ନତି ସାଧନ ପାଇଁ ଶପଥ ଗ୍ରହଣ ପୂର୍ବରୁ କ୍ୟାମ୍ପସକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଉଛନ୍ତି ସେମାନଙ୍କର ଅଭାବ କିପରି ଗଣତନ୍ତ୍ର ପ୍ରତି ପ୍ରତିକୂଳ ପ୍ରଭାବ ପକାଉଛି? ଯଦିଓ ଏହି ସବୁ ପ୍ରଶ୍ନବାଚୀରେ କିଛିଟା ସ୍ୱାଭାବିକତା ଅଛି ତେବେ ଏହି ସବୁ ପ୍ରଶ୍ନବାଚୀ ସୃଷ୍ଟି ହେଉଛି କେବଳ ଛାତ୍ରସଂସଦ ନିର୍ବାଚନକୁ ନେଇ। ଆଜିର ଆଂଶିକ ଛାତ୍ରନେତାଏ ବୁଝନ୍ତି ଯେ ଛାତ୍ରନେତାଙ୍କ ଦାୟିତ୍ୱ କେବଳ ଛାତ୍ରସଂସଦ ନିର୍ବାଚନରେ ଅଂଶଗ୍ରହଣ କରିବା ଏବଂ କ୍ୟାମ୍ପସ ସମସ୍ୟାକୁ ନେଇ ଧର୍ମଘଟ। ଏଇଥିପାଇଁ ଛାତ୍ରନେତାଟିଏ ନିଜର ପ୍ରକୃତ ସଂଜ୍ଞାକୁ ଠିକ୍ ଭାବରେ ଜାଣିପାରି ନାହିଁ ଅଥବା ଜାଣିବାକୁ ମଧ୍ୟ ଚେଷ୍ଟା କରୁନାହିଁ। ଯେଉଁଥିପାଇଁ ନା ଆଦର୍ଶ ଛାତ୍ରନେତା ନିର୍ମାଣ ହେଉଛନ୍ତି ନା କେହି ଜାଣୁଛନ୍ତି ପ୍ରକୃତରେ ଛାତ୍ରନେତାଙ୍କ ପରିଭାଷା କଣ?

ଛାତ୍ରନେତାଙ୍କ ପରିଭାଷା ସମ୍ପର୍କରେ ଆଜି ଆଲୋଚନା କରିବା ବେଶ୍ ଜରୁରୀ ହୋଇ ପଡ଼ିଛି। କାରଣ ଏଇ ଦୀର୍ଘ କିଛି ବର୍ଷ ଧରି କ୍ୟାମ୍ପସ ମାନଙ୍କରେ ଛାତ୍ରସଂସଦ ନିର୍ବାଚନ ଯେଉଁଭଳି ଭାବରେ ଚାଲିଛି ଏବଂ ଯେଉଁ ରପ ଧାରଣ କଲାଣି ତାହା ଦ୍ୱାରା ରାଜନୀତି ପ୍ରତି ଜନମାନସରେ ଏକ ନକରାତ୍ମକ ଚିତ୍ର ସ୍ୱତଃ ଆଙ୍କି ହୋଇ ଯାଉଛି। ରାଜନୀତିର ପରିଭାଷା କଣ ସତରେ ଏତେ ଖରାପ ନା ତାକୁ ଜାଣିଶୁଣି ହିଁ ଖରାପ କରି ଦିଆଯାଉଛି? ଏହି ପ୍ରଶ୍ନକୁ ଯଦି ଅନୁଶୀଳନ କରାଯାଏ ତେବେ ନିର୍ଦ୍ଦିଷ୍ଟ ଗୋଟିଏ ସନ୍ତୋଷଜନକ ଉତର ତ ସହଜେ ମିଳେ ନାହିଁ ବରଂ ମିଳେ ଅନେକ କୂଟନୈତିକ ଉତର। ଆଦର୍ଶ ରାଜନୀତିର ସଂଜ୍ଞା କଣ? ବିଜ୍ଞଜନ ମତରେ କୌଣସି ଏକ ସକରାତ୍ମକ ବିଚାରକୁ ସମାଜରେ ସଫଳ ପ୍ରତିପାଦନ ନିମନ୍ତେ ଯେଉଁ ପନ୍ଥା ବ୍ୟବହାର କରାଯାଏ ତାହା ହିଁ ଆଦର୍ଶ ରାଜନୀତି। ଏହି ଆଦର୍ଶ ରାଜନୀତି ସେତେବେଳେ ସଫଳତା ହାସଲ କରିଛି ବୋଲି ଧରି ନିଆଯାଏ ଯେବେ ସେଇ ସକରାତ୍ମକ ବିଚାର ପ୍ରତିଫଳନ ନାଗରିକ ମାନଙ୍କ ମଧ୍ୟରେ ଦେଖାଯାଏ। ମୂଳକଥାଟି ହେଲା ଛାତ୍ରନେତା କିପରି ହେବା ଆବଶ୍ୟକ ଯଦ୍ଦ୍ୱାରା ସମଗ୍ର ଦେଶ ଛାତ୍ରନେତା ମାନଙ୍କୁ ସ୍ୱତଃପ୍ରବୃତ୍ତ ଭାବରେ ପ୍ରଶଂସା ଗାନ କରିବ। ଛାତ୍ରମାନେ ନେତା ହେବା ପୂର୍ବରୁ ପ୍ରଥମେ ଆଦର୍ଶ ଛାତ୍ରର ଭୂମିକା ନିର୍ବାହ କରିବା ଆବଶ୍ୟକ। ମାତ୍ର ଯେଉଁ ଛାତ୍ରଟି ଛାତ୍ରସମାଜରେ ଜଣେ ଆଦର୍ଶ ଛାତ୍ରର ପରିଚୟ ପାଇଛି ସେଭଳି ଛାତ୍ରମାନେ ଯେତେବେଳେ କ୍ୟାମ୍ପସର ଉନ୍ନତି ପାଇଁ ଛାତ୍ରନେତା ସାଜନ୍ତି ସେତେବେଳେ ଛାତ୍ର ରାଜନୀତିର ଗୌରବ ବୃଦ୍ଧି ହୋଇଥାଏ। ଭାରତବର୍ଷରେ ଏପରିକି ଓଡ଼ିଶାରେ ମଧ ଅନେକ କ୍ୟାମ୍ପସରେ ଏପରି ହବାର ବହୁତ ଉଦାହରଣ ଅଛି ଯେଉଁଠାରେ ମେଧାବୀ ଛାତ୍ରଛାତ୍ରୀ ହୁଏତ ଛାତ୍ରସଂସଦ ନିର୍ବାଚନରେ ଅଂଶଗ୍ରହଣ କରିନାହାନ୍ତି ସତ ମାତ୍ର କ୍ୟାମ୍ପସର ଉନ୍ନତି ସାଧନ ପାଇଁ ନେତୃତ୍ୱ ନେବାକୁ ପଛଘୁଂଚା ଦେଇ ନାହାନ୍ତି।

ସ୍ୱାଧୀନତା ପରବର୍ତୀ ଭାରତରେ ଛାତ୍ର ରାଜନୀତିର ଇତିହାସକୁ ଯଦି ବର୍ଣ୍ଣନା କରାଯାଏ ତେବେ ଏମିତି ବହୁତ କିଛି ସକରାତ୍ମକ ଉଦାହରଣ ଦେଖିବାକୁ ମିଳେ ଯାହା କେବଳ ଆଦର୍ଶ ଛାତ୍ର ରାଜନୀତି ଯୋଗୁଁ ହିଁ ସମ୍ଭବ ହୋଇପାରିଛି। ସଂକ୍ଷେପରେ କହିବାକୁ ଗଲେ ଦେଶର ସାର୍ବଭୌମତ୍ୱକୁ ସୁରକ୍ଷା ପ୍ରଦାନ କରିବାରେ ଛାତ୍ର ଆନ୍ଦୋଳନର ଭୂମିକା ବେଶ୍ ଅପରିହାର୍ଯ୍ୟ। ଚିକେନନେକ୍, ଲାଲଚୌକ, ତିନିବିଘା ଭଳି ଅଂଚଳ ଛିଡ଼ା ହୋଇଛି ଆଜି ସେଇ ଐତିହାସିକ ଛାତ୍ର ଆନ୍ଦୋଳନ ଗୁଡ଼ିକର ମୂକସାକ୍ଷୀ ହୋଇ। ହେଉ ସେ ଗୋଆ ମୁକ୍ତି ଆନ୍ଦୋଳନ, ହେଉ ସେ ଆସାମ ବଂଚାଅ ଆନ୍ଦୋଳନ, ହେଉ ସେ କାଶ୍ମୀର ଭଳି ସମ୍ବେଦନଶୀଳ ଅଂଚଳରେ ତ୍ରିରଙ୍ଗା ଉଡ଼ାଇବା ଭଳି ଐତିହାସିକ ଘଟଣାକ୍ରମ ସବୁଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଏଇ ଛାତ୍ରମାନେ। ସବୁ ଦୃଷ୍ଟାନ୍ତକୁ ପରିଲକ୍ଷିତ କଲେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ ଛାତ୍ରର କର୍ତବ୍ୟ କେବଳ କ୍ୟାମ୍ପସ ଭିତରେ ନୁହେଁ ବରଂ ସମଗ୍ର ଦେଶ ପାଇଁ। ଯେତେବେଳେ ଛାତ୍ରନେତାଟିଏ କୌଣସି ଆଦର୍ଶକୁ ନେଇ ସମଗ୍ର ରାଷ୍ଟ୍ରରେ ଆଲୋଡ଼ନ ସୃଷ୍ଟି କରିପାରେ ସେ ହିଁ ବନିଯାଏ ଛାତ୍ର ରାଜନୀତି ପାଇଁ ଏକ ଆଦର୍ଶ ବା ପ୍ରେରଣା। ଛାତ୍ର ରାଜନୀତି ଯେତେବେଳେ ଉଚ୍ଚ ଆଦର୍ଶ ସମ୍ପନ୍ନ ଐତିହାସିକ ଘଟଣାବଳୀ ମାନଙ୍କୁ ସଂଘଟିତ କରିପାରୁଛି ସେତେବେଳେ ଛାତ୍ର ରାଜନୀତିର ଚିତ୍ର ଏତେ ଖରାପ କାହିଁକି? ତାହାର ବି ଅଛି ଯଥାର୍ଥ କାରଣ।

ଭାରତବର୍ଷରେ ଅନେକ ଛାତ୍ର ସଂଗଠନ ଅଛି। ସେଗୁଡ଼ିକୁ ଚାରି ଭାଗରେ ପ୍ରକାରୀକରଣ କରାଯାଇ ପରେ – କ. ରାଜନୈତିକ ଦଳ ଦ୍ୱାରା ପରିଚାଳିତ, ଖ. ନିର୍ଦ୍ଦିଷ୍ଟ ବର୍ଗର ସ୍ୱାର୍ଥ ସୁବିଧା ପାଇଁ ଉଦ୍ଦିଷ୍ଟ (ଜାତି ବିଶେଷ), ଗ. ବ୍ୟକ୍ତି ଆଦର୍ଶରେ ଅନୁପ୍ରାଣିତ (ମହାପୁରୁଷ), ଘ. ଉଚ୍ଚ ବିଚାରକୁ ରାଷ୍ଟ୍ରହିତରେ ପ୍ରଣୟନ ପାଇଁ ସଂଗଠିତ। ଏହା ବାଦ ବି ଅନେକ ଛାତ୍ର ସଂଗଠନ ଅଛନ୍ତି ଯେଉଁମାନଙ୍କୁ କେବଳ ସ୍ୱେଚ୍ଛାସେବୀ ମାନ୍ୟତା ଦେବା ଠିକ୍ ହେବ। ପ୍ରକାର "କ" ଯେଉଁମାନେ ରାଜନୈତିକ ଦଳ ଦ୍ୱାରା ପରିଚାଳିତ ସେମାନଙ୍କର ଭୂମିକା କେବଳ ଦଳର ସଭାସମିତିରେ। ଛାତ୍ରସଂସଦ ନିର୍ବାଚନ ସମୟରେ ସବୁଠାରୁ ଅଧିକ ଉପଦ୍ରବକାରୀ ସାଜନ୍ତି। ବିରୋଧୀ ଦଳର ଛାତ୍ର ସଂଗଠନ ହେଲେ ଏହି ଉପଦ୍ରବ ବ୍ୟାପିଯାଏ କ୍ୟାମ୍ପସ ପରିସରରୁ ଗଣତନ୍ତ୍ରର ମନ୍ଦିର ପର୍ଯ୍ୟନ୍ତ। ପ୍ରକାର "ଖ" ଜାତି ବିଶେଷରେ ସରକାରୀ ସୁବିଧା ଦାବି କରୁଥିଲେ ମଧ୍ୟ ଜାତି ବିଦ୍ୱେଷ ମନ୍ତବ୍ୟ କ୍ୟାମ୍ପସର ପବିତ୍ରତାକୁ ନଷ୍ଟ କରିଦିଏ। ପ୍ରକାର "ଗ" ଆଦର୍ଶ ପ୍ରଚାର କରିବା ଛଡ଼ା ଅନ୍ୟ କୌଣସି ପ୍ରସଙ୍ଗରେ ହସ୍ତକ୍ଷେପ କରିବେ ନାହିଁ ଏବଂ ସର୍ବଶେଷରେ ପ୍ରକାର "ଘ"। ବିଫଳତା କଥା ଚିନ୍ତା ନ କରି ରାଷ୍ଟ୍ରହିତରେ ପଦକ୍ଷେପ ଲାଗି ପ୍ରଣୟନ କରିଥିବା ପ୍ରତିଟି ପ୍ରସଙ୍ଗକୁ କାର୍ଯ୍ୟକାରୀ କରିବାକୁ ତତ୍ପର। ଏମାଙ୍କ ମତରେ ପ୍ରକୃତ କାର୍ଯ୍ୟକର୍ତା ଜରବସ୍ତ୍ରକୁଭ ନୁହେଁ ଜରସ୍ତଙ୍କକ୍ଷସ୍ତ ପ୍ରଦର୍ଶନ କରିଥାଏ। ଏହି ଚାରୋଟି ପ୍ରକାରରୁ ରାଜନୈତିକ ଦଳ ଦ୍ୱାରା ପରିଚାଳିତ ଏବଂ ଜାତି ବିଶେଷରେ ନିର୍ଦ୍ଦିଷ୍ଟ ବର୍ଗର ସ୍ୱାର୍ଥ ସୁବିଧା ପାଇଁ ଉଦ୍ଦିଷ୍ଟ ଛାତ୍ର ସଂଗଠନ ମାନେ ଅଧିକ ମାତ୍ରାରେ ଦାୟୀ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ମତଦାତା-ଦେଶର ଭାଗ୍ୟବିଧାତା



ବୈଷ୍ଣବ ମେହେର

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ଜନପ୍ରିୟ ମତ ଅନୁଯାୟୀ ଗଣତଂତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଏକ ଶାସନ ପଦ୍ଧତ। ତେଣୁ ଗଣତଂତ୍ରରେ ସାଧାରଣ ଲୋକଙ୍କ ଗୁରୁଦାୟିତ୍ୱ ଓ କର୍ତ୍ତବ୍ୟ ସର୍ବାଗ୍ରେ ରହିଆସିଛି। ଗଣତଂତ୍ର ରାଷ୍ଟ୍ରର ଉଦ୍ଦେଶ୍ୟ ହେଉଛି ସମାଜ କିମ୍ବା ରାଷ୍ଟ୍ରୀୟ ଜୀବନରେ କାହାର କୌଣସି କ୍ଷତି ସାଧନ ନକରି ପ୍ରତ୍ୟେକ ମଣିଷ ନିଜ ରୁଚି ଅନୁଯାୟୀ ନିଜକୁ ଗଢ଼ି ତୋଳିବା। ଦୀର୍ଘଦିନର ସଂଘର୍ଷ ଓ ବଳିଦାନ ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବିଦେଶୀ ଶାସନରୁ ଆମ ଦେଶ ମୁକ୍ତ ହେଲା। ଏବଂ ୧୯୫୦ ମସିହା ଜାନୁଆରୀ ୨୬ରେ ଏକ ସର୍ବଭୌମ ଗଣତାଂତ୍ରିକ ସାଧାରଣତନ୍ତ୍ର ରାଜ୍ୟ ସଂଘ ଭାବରେ ଭାରତ ନିଜକୁ ପ୍ରତିପାଦିତ କଲା। ବିଶ୍ୱରେ ଇଂଲଣ୍ଡରେ ସର୍ବପ୍ରଥମ ଗଣତଂତ୍ର ଶାସନ ପଦ୍ଧତି ପ୍ରଚଳିତ ହୋଇଥିବା ବେଳେ ପରେ ଫ୍ରାନ୍ସ, ଆମେରିକା, ଜର୍ମାନ, ଇଟାଲୀ, ଭଳି ଅନେକ ଦେଶରେ ଗଣତଂତ୍ରର ପ୍ରଚଳନ ହେଲା। କିନ୍ତୁ ଭାରତର ସ୍ୱାଧୀନତା ପରେ ଆମ ଦେଶ ହେଲା ବିଶ୍ୱର ସର୍ବବୃହତ ଗଣତଂତ୍ର ଦେଶ। ସର୍ବବୃହତ ଗଣତାଂତ୍ରୀକ ଦେଶର ଅଧିବାସୀ ଭାବରେ ଆମ ଭିତରେ ଗର୍ବ ଅନୁଭବ ହେବା ସ୍ୱାଭାବିକ। କିନ୍ତୁ ରାଷଟ୍ରୀୟ କଲ୍ୟାଣକୁ ଅଣଦେଖା କରି ଆମେ ବିଭିନ୍ନ ଆଳରେ ଦେଶ ପ୍ରତି ଆମର ସାଧାରଣ ଦାୟିତ୍ୱକୁ ଅବହେଳା କରି ଆସିଛୁ। ଏହାର ପରିଣାମ ଦେଶ ପ୍ରତି କେତେ ବିପଦାବହ ହୋଇପାରେ ସେନେଇ ସାମାନ୍ୟତମ ଅନୁଭବ ଅନେକଙ୍କ ଭିତରେ ଉଦ୍ରେକ ନହେବା ନିଶ୍ଚିତ ପରିତାପର ବିଷୟ। ଗଣତାଂତ୍ରୀକ ମୂଲ୍ୟବୋଧ ପ୍ରତି ଦେଶର ସାଧାରଣଜନତା ଯେତିକି ସଚେତନ ରହିବେ ସେହି ଦେଶର ଗଣତଂତ୍ରକୁ ସେତିକି ସୁରକ୍ଷିତ ଧରାଯିବ।

ଗଣତଂତ୍ର ଶାସନରେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଜନପ୍ରତିନିଧି ମାନେ ପ୍ରତ୍ୟକ୍ଷ ଭାବରେ ସରକାର ଗଠନ କରୁଥିବା ବେଳେ, ମତଦାତା ମାନେ ପରୋକ୍ଷରେ ଏହି ସରକାର ଗଠନରେ ଅଂଶ ଗ୍ରହଣ କରିଥାନ୍ତି। ମାତ୍ର ଦେଶର ନିର୍ବାଚନ ପ୍ରକ୍ରିୟାରେ ଦେଶର ପ୍ରତ୍ୟେକ ମତଦାତା ଅଂଶ ଗ୍ରହଣ କରିବା ତ ଦୂରର କଥା ଏଥିରେ ମତଦାତାଙ୍କ ସଂଖ୍ୟା ଆଶାନୁରୂପକ ନ ହେବା ଗଣତଂତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଆମ ଦେଶର ନିର୍ବାଚନୀ ପ୍ରକ୍ରିୟାରେ ଅଧିକରୁ ଅଧିକ ମତଦାତାଙ୍କ ସକ୍ରିୟ ଅଂଶ ଗ୍ରହଣକୁ ଉତ୍ସାହିତ କରିବା ସକାଶେ ଗତ ୨୦୧୧ ମସିହାଠାରୁ ଜାନୁଆରୀ ୨୫ ତାରିଖକୁ ଜାତୀୟ ମତଦାତା ଦିବସ ଭାବରେ ପାଳନ କରାଯାଉଛି। ୧୯୫୦ ଜାନୁଆରୀ ୨୬ ରେ ଭାରତ ଏକ ଧର୍ମନିରପେକ୍ଷ ସାଧାରଣତଂତ୍ର ଘୋଷିତ ହେବାର ପୂର୍ବଦିନ ଅର୍ଥାତ୍ ଜାନୁଆରୀ ୨୫ରେ ସମ୍ବିଧାନର ଧାରା ୩୨୪ ଅନୁଯାୟୀ ଦେଶରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ସ୍ୱାଧୀନ ନିର୍ବାଚନ କମିସନର ପ୍ରତିଷ୍ଠା କରାଯାଇଥିବାରୁ ଏହି ଦିନରେ ନିଜର କର୍ତ୍ତବ୍ୟ ପ୍ରତି ମତଦାତାଙ୍କୁ ସଚେତନ କରାଯିବା ନିଶ୍ଚିତ ମହତ୍ୱପୂର୍ଣ୍ଣ। ଭାରତବର୍ଷ ଭଳି ଏକ ବିଶାଳ ଗଣତାଂତ୍ରିକ ଦେଶରେ ମତଦାନର ଭୂମିକା ସବୁଠାରୁ ଗୁରୁତାପୂର୍ଣ୍ଣ ପ୍ରସଙ୍ଗ। ଏହା ସାଧାରଣ ଲୋକଙ୍କ ହାତରେ ସବୁଠାରୁ କ୍ଷମତାଶାଳୀ ଅସତ୍ର। ତେଣୁ ପ୍ରତି ପାଂଚ ବର୍ଷରେ ଥରେ ଲୋକେ ଯଦି ଏହି ଅସତ୍ରର ସଦବିନିଯୋଗ କରନ୍ତି ତେବେ ଗଣତଂତ୍ର ମଜଭୁତ ହେବା ସହ ଦେଶର ବିକାଶ ତରାନ୍ୱିତ ହେବା ସୁନିଶ୍ଚିତ। କିନ୍ତୁ ମତଦାନର ଆବଶ୍ୟକତା ଓ ଗୁରୁତ୍ୱକୁ ବୁଝିପାରୁଥିବା ଅନେକ ମତଦାତା ମତଦାନ ପାଇଁ କୁଣ୍ଠାବୋଧ କରିବା ଦୁଃଖଦାୟକ।

ଗତ ୨୦୧୯ ଲୋକସଭା ନିର୍ବାଚନରେ ଦେଶରେ ୬୭.୧୧ ପ୍ରତିଶତ ମତଦାନ ହୋଇଥିବା ବେଳେ ଏହା ସର୍ବକାଳୀନ ମତହାର ରେକର୍ଡ ଥିଲା। ଭାରତର ଲୋକସଭା ନିର୍ବାଚନରେ ମତଦାନ ହାରକୁ ଦୃଷ୍ଟିଗୋଚର କଲେ ୧୯୫୧ର ପ୍ରଥମ ଲୋକସଭା ନିର୍ବାଚନରେ ୪୫.୬୭ ପ୍ରତିଶତ, ୧୯୫୭ରେ ୪୭.୭୪, ୧୯୬୨ରେ ୫୫.୪୨, ୧୯୬୭ ରେ ୬୧.୩୩, ୧୯୭୭ ରେ ୬୦.୪୯, ୧୯୮୦ ରେ ୫୬.୯୨, ୧୯୮୪-୮୫ ରେ ୬୪.୦୧, ୧୯୮୯ରେ ୬୧.୯୫, ୧୯୯୧-୯୨ରେ ୫୫.୮୮, ୧୯୯୬ ରେ ୫୭.୯୪, ୧୯୯୮ରେ ୬୧.୯୭, ୧୯୯୯ ରେ ୫୯.୯୯, ୨୦୦୪ ରେ ୫୭.୯୮, ୨୦୦୯ରେ ୫୮.୧୯ ଏବଂ ୨୦୧୪ରେ ୬୬.୪୪ ପ୍ରତିଶତ ମତଦାନ ହୋଇଥିଲା। ସେହିଭଳି ୨୦୧୯ ସାଧାରଣ ନିର୍ବାଚନରେ ଯଦି ଆମେ ଓଡ଼ିଶାର କିଛି ଲୋକସଭା କ୍ଷେତ୍ରର ମତହାରକୁ ଦେଖିବା ତେବେ କଳାହାଣ୍ଡିରେ ୭୫.୯୭ ପ୍ରତିଶତ, ନବରଙ୍ଗପୁରରେ ୭୮.୮୯, ବ୍ରହ୍ମପୁରରେ ୬୫.୬୫, କୋରାପୁଟରେ ୭୪.୭୭, ବରଗଡ଼ରେ ୭୭.୭୨, ସୁନ୍ଦରଗଡ଼ରେ ୭୧.୫୩, ବଲାଙ୍ଗୀରରେ ୭୪.୩୮, କନ୍ଧମାଳରେ ୭୨.୮୮, ଆସିକାରେ ୬୫.୮୯, ସମ୍ବଲପୁରରେ ୭୬.୩୮, କେନ୍ଦୁଝରରେ ୭୮.୧୬, ଢେଙ୍କାନାଳରେ ୭୪.୯୮, କଟକରେ ୬୯.୬୫, ପୁରୀରେ ୭୨.୫୩ ଓ ରାଜଧାନୀ ଭୁବନେଶ୍ୱରର ଆସନରେ ମାତ୍ର ୫୯.୬୦ ପ୍ରତିଶତ ମତଦାତା ନିଜ ମତାଧିକାର ସାବ୍ୟସ୍ତ କରିଥିଲେ। ତଥ୍ୟ ଅନୁସାରେ ଓଡ଼ିଶାରେ ୨୦୧୪ ନିର୍ବାଚନ ଅପେକ୍ଷା ୨୦୧୯ ନିର୍ବାଚନରେ ମାତ୍ର ୨୬.୬୬ ପ୍ରତିଶତ ଆସନରେ ଲୋକଙ୍କ ମତଦାନ ହାର ବୃଦ୍ଧି ଘଟିଥିବା ବେଳେ ୭୩.୩୩ ପ୍ରତିଶତ ଆସନରେ ମତାହାର ହ୍ରାସ ପାଇଥିବା ସ୍ପଷ୍ଟ ହୋଇଛି।

ଗତ ୨୦୧୯ ସାଧାରଣ ନିର୍ବାଚନକୁ ଦେଖିଲେ ଦେଶରେ ୩୨.୮୯% ମତଦାତା ନିର୍ବାଚନରେ ସାମିଲ ହୋଇ ନାହାନ୍ତି। ସେହିଭଳି ଉକ୍ତ ନିର୍ବାଚନରେ ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱରର ୪୦.୪୦% ଲୋକ ମତଦାନ କରିନଥିଲେ। ଦେଖାଯାଉଛି ଯେ, ମତଦାନ ପ୍ରକ୍ରିୟାରେ ଭାଗ ନେଉ ନଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷିତ ଓ ସ୍ୱଚ୍ଛଳ ବର୍ଗର। ପେଟପାଟଣା ପାଇଁ ଗାଁ ଗହଳିରୁ ଅନ୍ୟତ୍ର ଚାଲି ଯାଇଥିବା ଗରିବଗୁରୁବା ମାନେ ଭୋଟ ସମୟରେ ଗାଁକୁ ଫେରି ଆସୁଥିବା ଦେଖାଯାଏ। କିନ୍ତୁ ଉଚ୍ଚ ଶିକ୍ଷିତ ଓ ଉଚ୍ଚ ବର୍ଗର ସହରି ଲୋକେ ମତଦାନ ଦିନ ଛୁଟି ପାଇ ବାହାରକୁ ବୁଲାବୁଲି କରିବାକୁ ଚାଲିଯାଆନ୍ତି ସିନା ମତଦାନ ପାଇଁ କେଂଦ୍ରକୁ ଯାଆନ୍ତି ନାହିଁ। ଏହା ପଛରେ ଯାହା ବି କାରଣ ଥାଉନା କାହିଁକି ନିଜେ ମତଦାନ କରିବା ସହ ଏଥିପ୍ରତି ଅନ୍ୟଙ୍କୁ ସଚେତନ କରି ପାରିଲେ ଜାତୀୟ ମତଦାତା ଦିବସର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଜଣେ ଦାୟିତ୍ୱ ସଂପନ୍ନ ମତଦାତା ଭାବରେ କୌଣସି ପ୍ରଲୋଭନ କିମ୍ବା ଦୁର୍ବଳତାର ବଶବର୍ତ୍ତ ନହୋଇ ସମସ୍ତେ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଲେ ସ୍ୱାର୍ଥବାଦୀ ନେତା ଆପଣା ଛାଏଁ ରାଜନୀତିରୁ ଓହରି ଯିବେ ଏବଂ ଦେଶର ଭାଗ୍ୟ ବଦଳିଯିବ।

+ସିନାପାଲି, ନୂଆପଡ଼ା




### ଏ ରଙ୍ଗ ରହିଲେ ହେଲା

ସୌମ୍ୟ ରଞ୍ଜନ ଦାଶ

ଆୟୁଷର ଆଣ୍ଟ ଯେତେ ଦେଖାଉଥା
ବାନ୍ଧିବ ଯମ ଦଉଡ଼ି
ବୟସ କୁମ୍ଭରୁ ଟୋପେ ଟୋପେ ହୋଇ
ସବୁ ବାରି ଯିବ ଝରି
ଅହଂକାର ପରି ହରି
ବୋଳିଦେ ମନରେ ସମଭାବ ରଙ୍ଗ
ଜୀବନ ଉଠିବ ପୁରି ।

ଆସିଛୁ ଯଦିରେ ଯିବା ସୁନିଶ୍ଚିତ
ମାନିଯା ଅପ୍ରିୟ ସତ
ରୋକି ପାରିବେନି କେହି ତୋର ବାଟ
ଆତ୍ମୀୟ କି ଅଭ୍ୟାଗତ
ବରଜୀ ହୀନମନ୍ୟତା
ମାଖିଦେ ଦେହରେ ଦାନ ଧର୍ମ ଦୟା
ସେବାର ମହନୀୟତା ।

ଭାବନା ଆଇନା ଦେଖୁଛୁ କେତେତୁ
ରୂପ ନୁହେଁ ଚିରସ୍ଥାୟୀ
ବରଷା ବିହୁନେ ମାଟି ପରିଚୟ
ଖାଲି ମଲା ମରୁଭୂଇଁ
ସବୁ ଘଟେ ପ୍ରଭୁ ସତ୍ତା
ବିଷୟ ବୈଷମ୍ୟ ତେଜିରେ ମଣିଷ
ସୁକର୍ମରେ ଲଗା ମଥା ।

ଏ ରଙ୍ଗ ମଞ୍ଚରେ ଯେତେ ଖେଳ ତୋର
ଦିନେରେ ସରିବ ଏକା
ଲିଭି ଯିବ ତୋର ଅଭିନୟ ଦୀପ
ପଡ଼ିଯିବ ଯବନିକା
କାଳ ଶ୍ରାବଣରେ ତୋର
ଧୋଇ ହୋଇ ଯିବ ମୁହେଁ ମଖା ରଙ୍ଗ
ବିବର୍ଣ୍ଣ ହେବାହିଁ ସାର ।

ରଙ୍ଗକୁ ନେଇତୁ ଆଶା ସଞ୍ଚ ନାହିଁ
ଏ ରଙ୍ଗ ନୁହେଁରେ ତୋର
ଆକାଶ କି ବାନ୍ଧେ ଚିରକାଳ ପାଇଁ
ଇନ୍ଦ୍ରଧନୁର ପୟର
ସେ ଦୁଆର ସଦା ମେଲା
କେତେ ବେଳେ ତୁଯେ ନିମନ୍ତ୍ରିତ ହେବୁ
କିଏସେ କହିବ ଭଲା।

ନାକେ କାଠି ଗେଞ୍ଜି ଦୁନିଆ କହିବ
ଏ ରଙ୍ଗ ରହିଲେ ହେଲା
ବେଳ ଥାଉ ଥାଉ ଅରପିଦେ ଆତ୍ମା
....ସାହା ସେ ଅବଢ଼ା ବାଲା....


♥ ବାଲେଶ୍ୱର
(ମୋ) ୮୩୨୮୯୮୦୯୩୮


### ଶିବମୁନିଙ୍କର ଏ ସଚ୍ଚାଜ୍ଞାନ

ଯୋଗୀ କୃପାସିନ୍ଧୁ ମୁନି



କହ କହ ଭାଇ କର୍ମ ବିନା କେହି
ହୋଇଅଛି ଧନବାନ
ମିଥ୍ୟା ଛାଡ଼ି ସତ୍ୟ କସରତ ବିନା
କେ ହୋଇଛି ବଳବାନ ।

ମର୍ତ୍ତେ ମାନବ ହୋଇଛି ଜନମ
ଈଶ୍ୱର ଦ୍ରୋହି କେ ନୁହେଁ ସୁଜନ ।

ସ୍ୱତନ୍ତ୍ର ବିଚାରେ ମୁକ୍ତ ହସ୍ତେ ଜନ
ଉଠିବକି ଦିଅ ଧ୍ୟାନ
ଗୋଲାମି ହୋଇ କେ ବିତିଲେ
ଜୀବନ
କିଏ ହୋଇଛି ଯବାନ ।

ନିରାକାର କିଛି କୁହନ୍ତି ନାହିଁ
ଅଜ୍ଞାନିଜନ ଯେ ମିଥ୍ୟା କହଇ ।

କଳ୍ପନା ଠାକୁର ବନାଏ ମନ୍ଦିର
କାଠ ମାଟି ପାଷାଣରେ
ଜୀବ ଶିବ ବୋଲି ନଜାଣଇଁ ସେହି
ମୂର୍ତ୍ତୀ ପୂଜେ ଅଜ୍ଞାନରେ ।

ଶିବ ମୁନିଙ୍କର ଏ ସଚ୍ଚା ଜ୍ଞାନ
ଯୋଗୀ କୃପାସିନ୍ଧୁର ନିବେଦନ ।


♥ ଜୁଣବଳଦା,
ଗୋଡ଼ିଖାଳ ଆଶ୍ରମ, ବାଲେଶ୍ୱର




### ମୁଁ ବି ଦିନେ କବି ହେବି

ମହମ୍ମଦ ହନିଫ୍ ସାହା



କାଗଜ କଲମ ହାତରେ ଧରିବି
ଭାବନା ରାଇଜେ ଘର ଟି ତୋଳିବି
ବାସ୍ତବ ଚିତ୍ର ସମାଜର ଆଙ୍କିବି
ସତ୍ୟକଥା ଉପସ୍ଥାପନ କରିବି
ଓଡ଼ିଶା ମାଟିର ଗାଥା କୁ ଲେଖିବି
ମୁଁ ବି ଦିନେ କବି ହେବି....!!

ଶବ୍ଦ ମାନଙ୍କ ସହ ମିତ ବସିବି
କେବେ ଆକାଶ କେବେ ଧରାରେ ଥିବି
ସୁନ୍ଦର,କବିତା,ଗଳ୍ପ,ମୁଁ ଲେଖିବି
ପାଠକ ମନକୁ ବିମୋହିତ ଦେବି
ସମାଜରେ ସଂସ୍କାର ସୃଷ୍ଟି କରିବି
ମାନପତ୍ର ପ୍ରତି ଲୋଭ ନ କରିବି
ମୁଁ ବି ଦିନେ କବି ହେବି ....!!

ଇନ୍ଦ୍ରଧନୁ ଠୁ ରଙ୍ଗ ଧାର ଆଣିବି
ହସ ଲୁହର କାରଣକୁ ଲେଖିବି
ଅନାଥ, ପ୍ରାଣରେ ଖୁସି ଭରିଦେବି
କାବ୍ୟର ଉଦ୍ୟମରେ ଆହ୍ୱାନ ଦେବି
ମୁଁ ବି ଦିନେ କବି ହେବି....!!

ସାହିତ୍ୟକୁ ପର୍ଯ୍ୟାପ୍ତ ସମୟ ଦେବି
ଆସୁ ଯେତେ ବିଫଳତା ନ ଡରିବି
ନିର୍ଭୀକତା ବଳରେ ଲେଖା ଲେଖିବି
ଅନ୍ୟପାଇଁ ମୁଁ ଉଦାହରଣ ହେବି
ନୂତନ ସ୍ରଷ୍ଟା ମୁଁହି ଗଢ଼ିତୋଳିବି
ମୁଁ ବି ଦିନେ କବି ହେବି...


♥ ନୂଆଗାଁ, ଧାମନଗର, ଭଦ୍ରକ
(ମୋ) ୮୦୯୩୪୦୬୭୯୬


### କହି ହୁଏନା

ବୀରକିଶୋର ନାୟକ



ଏମିତି କିଛି କଥା ଥାଏ
ଯାହା ବି କେବେ କହି ହୁଏନା,
ଏମିତି କିଛି ବ୍ୟଥା ଥାଏ
ସହି ବି ହୁଏନା,
ପୁଞ୍ଜିଭୂତ ବେଦନାରେ ପରିପୂର୍ଣ୍ଣ
ଜୀବନ ଜଳି ଜଳି ଯାଏ,
ଜଳିବାକୁ ଇନ୍ଧନ ମିଳୁ ବା ନମିଳୁ
ନିଆଁ କିନ୍ତୁ ଲିଭେନା ।

ଜୀବନ ଏମିତି ଏକ ଶିଖାଟିଏ
ବଞ୍ଚିଥିବା ଯାଏ ଦୁକୁ ଦୁକୁ ହେଉଥାଏ,
ଜୁଇରେ ଜଳିଗଲା ପରେ
ସବୁ ଲିଭିଯାଏ,
କିଏ ପର କିଏ ବା ନିଜର
ଏକା ଏକା ଆସିଥାଏ
ପୁଣି ଏକା ଚାଲିଯାଏ ।

ଜନ୍ମରୁ ମୃତ୍ୟୁଯାଏ,
ମଝିରେ ଯେତିକି ସମୟ
କେବେ ତ ସୁଖରେ ଯାଏନା
ସର୍ବଦା ମନ ତା ଅଥୟ,
ଯାହାପାଇଁ ବିଶ୍ରାମ ନିଏନା
ରକ୍ତ, ସ୍ୱେଦ ନିଗିଡାଏ
ସେ ଦିନେ ପର ହୋଇଯାଏ,
ସନ୍ଧ୍ୟା ଘନେଇ ଆସେ
କାହା ଆଗେ
କହି ବି ହୁଏନା,
ସହି ବି ହୁଏନା ।


♥ ଖଣ୍ଡବନ୍ଧ,ଢେଙ୍କାନାଳ ।
(ମୋ)୮୮୪୭୮୪୨୨୯୭



# ଗୀତ ରାଇଜର ପାଟରାଣୀ 'ସେହନାଜ୍ କୌର ଗିଲ୍'

ଟେଲିଭିଜନ୍‌ର ବାସ୍ତବଧର୍ମୀ ଧାରାବାହିକ 'ବିଗ୍ ବସ୍-୧୩' ମାଧ୍ୟମରେ ଲୋକଲୋଚନକୁ ଆସିଥିବା ଅଭିନେତ୍ରୀ, ଗାୟିକା ତଥା ମଡେଲ୍ ସେହନାଜ୍ କୌର ଗିଲ୍ ଫିଲ୍ମ ଜଗତ୍‌ରେ ସେପରି ପକ୍କା ସଉଦା କରିନପାରି ଥିବା ବେଳେ ବିଭିନ୍ନ ସଂଗୀତ ଭିଡିଓରେ ଦର୍ଶକଙ୍କୁ କିମିଆଁ କରି ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। ନିକଟରେ ସେରଶାହ ଫିଲ୍ମର 'ରାଞ୍ଝା' ଗୀତରେ ସେ ପରଷିଥିବା ତାଙ୍କ କଣ୍ଠର ନିଆରା ଯାଦୁ ପ୍ରଶଂସକମାନଙ୍କୁ ଏପରି ମତୁଆଲା କରିଦେଇଛି ଯେ, ସଂଗୀତ ଦୁନିଆଁରେ ରାଜ୍ କରିବାକୁ ପ୍ରକୃତ ସାମ୍ରାଜ୍ଞୀ ଫେରି ଆସିଛନ୍ତି ବୋଲି ସେମାନେ କୁହାକୁହି ହେଉଛନ୍ତି।

ଏ ଯାବତ୍ ଦୁଇଶହରୁ ଅଧିକ ପଞ୍ଜାବୀ ଓ ହିନ୍ଦୀ ସଂଗୀତ ଆଲବମ୍‌ରେ ନୃତ୍ୟର ମଦିରା ବରଷିଥିବା ସେହନାଜ୍‌ଙ୍କ ହାତରେ ସୀମିତ ଟିଭି ଧାରାବାହିକ ରହିଥିଲେ ହେଁ 'ବିଗ୍ ବସ୍-୧୩' ତାଙ୍କ ପାଇଁ ଅପୂର୍ବ ସଫଳତା ଆଣିଦେଇଥିଲା। ଏଥିରେ ସେ ଦ୍ୱିତୀୟ ଉପବିଜୟିନୀ ସାଜିଥିଲେ। ତେବେ ଏକ ଦୁଃଖଦ ଘଟଣାକ୍ରମେ ଏହାର ବିଜେତା ଅଭିନେତା ସିଦ୍ଧାର୍ଥ ଶୁକ୍ଲାଙ୍କର ଗତବର୍ଷ ହଠାତ୍ ପରଲୋକ ଘଟିବା ପରେ ସେହନାଜ୍ ଭୀଷଣ ଭାବରେ ଭାଙ୍ଗି ପଡ଼ିଥିଲେ। ଏବେ ପ୍ରଶଂସକମାନଙ୍କ ଅନୁରାଗ ଓ ଚାହିଦା କ୍ରମେ ସେ ପୂର୍ବ ପରି ସକ୍ରିୟ ହୋଇ ଉଠିଛନ୍ତି।

ପଞ୍ଜାବର ଅମୃତସର ଅନ୍ତର୍ଗତ ବିଜ୍ ଠାରେ ୧୯୯୩ ଜାନୁଆରି ୨୭ରେ ଏକ ଶିଖ୍ ପରିବାରରେ ଜନ୍ମିତ ସେହନାଜ୍ ବାଣିଜ୍ୟରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି। ତେବେ ପିଲାଟି ଦିନରୁ ଅଭିନୟ ପ୍ରତି ଏକ ଅହେତୁକ ଦୁର୍ବଳତା ତାଙ୍କ ମନରେ ଜାଗି ରହିଥିଲା। ଫଳସ୍ୱରୂପ, ଶିକ୍ଷା ସାରି ୨୦୧୫ରେ ସେ ପଞ୍ଜାବୀ ସଂଗୀତ ଭିଡିଓ 'ଶିବ ଦି କିତାବ' ମାଧ୍ୟମରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ। ଏଥିରେ ମିଳିଥିବା ଆଶାତୀତ ଲୋକପ୍ରିୟତା ତାଙ୍କୁ ଆଉ ପଛକୁ ଫେରିବାକୁ ଦେଇନଥିଲା। ତାହା ପରେ ପରେ 'ମାଝେ ଦି ଜଟ୍ଟି' ଓ 'ପିନ୍ଦାଣ ଦିଆଁ କୁଡ଼ିଆଁ'ରେ ତାଙ୍କ ପ୍ରଦର୍ଶନ ବେଶ ଆକର୍ଷକ ରହିଥିଲା।

ଏହାପରେ ୨୦୧୭ରେ ସେ ପଞ୍ଜାବୀ ଫିଲ୍ମ 'ସତ୍ ଶ୍ରୀ ଅକାଲ ଇଂଲଣ୍ଡ'ରେ ଫିଲ୍ମ ରାଇଜକୁ ପ୍ରଥମ ପଦାର୍ପଣ କରିଥିଲେ। ସେହିପରି ୨୦୧୯ରେ 'କାଲା ଶାହ କାଲା' ଓ 'ଡାକା' ପରି ପଞ୍ଜାବୀ ସିନେମାରେ ଅଭିନୟ କରିବା ସହ ବିଭିନ୍ନ ସଂଗୀତ ଭିଡିଓରେ କାମ କରିବା ଜାରି ରଖିଥିଲେ। ଏପରିକି ୨୦୧୯ ସେପଟ୍ଟେମ୍ବରରେ ସେ 'ବିଗ୍ ବସ୍ ୧୩'ରେ ପ୍ରବେଶ କରି ମଧ୍ୟ ନିଜର ଏକକ ଆଲବମ୍ 'ବେହମ୍', 'ସାଇଡ୍‌ୱାକ୍', 'ରେଞ୍ଜ୍' ଓ 'ରୋନ୍ଦା ଅଲି ପେଟି' ଆଦି ବଜାରକୁ ଛାଡ଼ିଥିଲେ। ସେହିପରି ୨୦୨୦ରେ ଅନ୍ୟତମ ରିଅଲିଟି ସୋ' 'ମୁଝ୍ ସେ ସାଦି କରୋଗେ'ରେ ମଧ୍ୟ ସେ ଭାଗ ନେଇଥିଲେ ଯାହା ମହାମାରୀ କୋଭିଡ୍ ଯୋଗୁଁ ବନ୍ଦ ହୋଇଯାଇଥିଲା। ତେବେ ତାଙ୍କର ସଂଗୀତ ଆଲବମ୍‌ର ଶୃଙ୍ଖଳା ସେମିତି ଜାରି ରହିଥିଲା। ଏଥି ସହିତ ଗତବର୍ଷ ମୁକ୍ତିଲାଭ କରିଥିବା ଅନ୍ୟତମ ପଞ୍ଜାବୀ ସିନେମା 'ହୋଁସଲା ରଖ'ରେ ତାଙ୍କ ଅଭିନୟ ମଧ୍ୟ ମହାମାରୀ କବଳିତ ମନୋରଞ୍ଜନ ଦୁନିଆରେ ପ୍ରଶଂସକମାନଙ୍କ ପାଇଁ ଯଥୋଚିତ ଖୋରାକ ଯୋଗାଇଥିଲା। ଏହି ଛଅ ବର୍ଷର ଗ୍ଲାମର୍ ଦୁନିଆରେ ତାଙ୍କର ଉପସ୍ଥିତି ତାଙ୍କ ପାଇଁ ୨୦୧୯ରେ ଟାଇମ୍‌ସର ଶ୍ରେଷ୍ଠ ଆକାଂକ୍ଷିତ ମହିଳା ତାଲିକାର ୧୩ଶ ସ୍ଥାନ ଓ ୨୦୨୦ରେ ଏକାଦଶ ସ୍ଥାନ ଆଣିଥିଲା। ସେହିପରି ଗତବର୍ଷ ଫିଲ୍ମଫେୟାର ପତ୍ରିକାର ଡିଜିଟାଲ ସଂସ୍କରଣର ସେ ପ୍ରଚ୍ଛଦ ମଣ୍ଡନ କରିଥିଲେ। ଏଥି ସହିତ 'ଭରସାଯୋଗ୍ୟ ତାଜା ମୁହଁ' ଭାବେ ସେ ଇଟି ଇନ୍‌ସ୍ପାୟାରିଂ ଓମେନ୍ ସମ୍ମାନ ଲାଭ କରିଥିଲେ।

# ଝିଅ ଘର ସଜାଡ଼ିବା ପାଇଁ ଅଣ୍ଟା ଭିଡ଼ିଲେ ସୁପରଷ୍ଟାର ରଜନୀକାନ୍ତ



ଦୀର୍ଘ ୧୮ ବର୍ଷର ବୈବାହିକ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପକାଇ ନିଜ ରାସ୍ତାକୁ ଅଲଗା କରିଥିବା ନେଇ କିଛି ଦିନ ପୂର୍ବେ ଘୋଷଣା କରିଥିଲେ ସାଉଥର ଷ୍ଟାଇଲିସ୍ ହିରୋ ଧନୁଷ ଓ ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟା। ହେଲେ ଏହାକୁ ପରିବାର ଲୋକେ କିମ୍ବା ଫ୍ୟାନ୍ସ ସହଜେ ହଜମ କରିପାରୁ ନାହାନ୍ତି। ଝିଅ-ଜ୍ୱାଇଁଙ୍କ ମନୋମାଳିନ୍ୟକୁ ଦୂର କରି ସେମାନଙ୍କୁ ପୁଣି ଥରେ ଏକାଠି କରିବାକୁ ଅଣ୍ଟା ଭିଡ଼ିଛନ୍ତି ସାଉଥ ସୁରପଷ୍ଟାର ରଜନୀକାନ୍ତି।

ଗତ ୧୭ ତାରିଖରେ ଉଭୟ ଧନୁଷ ଓ ଐଶ୍ୱର୍ଯ୍ୟା ନିଜ ବିଚ୍ଛେଦ ସମ୍ପର୍କରେ ସୋଶାଲ ମିଡିଆରେ ଘୋଷଣା କରିଥିଲେ। ଏହା ଫ୍ୟାନ୍ସଙ୍କ ସମେତ ପରିବାର ସଦସ୍ୟଙ୍କୁ ମଧ୍ୟ ଶକ୍ତ ଧକ୍କା ଦେଇଥିଲା। ଏବେ ଉଭୟ ଧନୁଷ ଓ ଐଶ୍ୱର୍ଯ୍ୟା ହାଇଦ୍ରାବାଦରେ ଥିବା ବେଳେ ନିଜ ନିଜ ପ୍ରୋଜେକ୍ଟରେ ବ୍ୟସ୍ତ ଅଛନ୍ତି। ଉଭୟଙ୍କର ୨ ପୁତ୍ର ସନ୍ତାନ ଯାତ୍ରା ଓ ଲିଙ୍ଗା ଅଛନ୍ତି ।

ନିକଟତମ ସୂତ୍ରରୁ ଜଣାପଡ଼ିଛି, ଝିଅର ବିବାହ ବିଚ୍ଛେଦ ରଜନୀକାନ୍ତଙ୍କୁ ଖୁବ୍ ଶକ୍ତ ଧକ୍କା ଦେଇଛି। ଏହି ବିଚ୍ଛେଦ ସାମୟିକ ବୋଲି କହିବା ସହ ଝିଅ ଘର ପୁଣି ଥରେ ବସାଇବା ପାଇଁ ଚେଷ୍ଟା ଆରମ୍ଭ କରି ଦେଇଛନ୍ତି ରଜନୀକାନ୍ତ। ହେଲେ ଉଭୟଙ୍କ ମଧ୍ୟରେ ସତରେ ବୁଝାମଣା ହୋଇ ପାରିବ କି ନାହିଁ, ଉଭୟ ପୁଣି ଥରେ ଏକାଠି ହେବେ ନା ନାହିଁ ତାକୁ ନେଇ ଦେଖାଦେଇଛି ସସ୍‌ପେନ୍ସ। ଅପରପକ୍ଷେ, ଉଭୟଙ୍କ ସମ୍ପର୍କରେ ଫାଟ ହୋଇଥିଲେ ବି ବିଚ୍ଛେଦ ନେଇ ସେମାନେ କୋର୍ଟରେ ପିଟିସନ ଦାଖଲ କରି ନ ଥିବା କହିଛନ୍ତି ଧନୁଷଙ୍କ ପିତା ତଥା ନିର୍ଦ୍ଦେଶକ କସ୍ତୁରୀ ରାଜା । ଏପରିକି ଏହା ଏକ ପାରିବାରିକ ତଥା ଦାମ୍ପତ୍ୟ ଝଗଡ଼ା ବୋଲି କହିବା ସହ ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା ଉଦ୍ୟମ ଚାଲିଥିବା କହିଛନ୍ତି କସ୍ତୁରୀ ରାଜା ।



# ମନପସନ୍ଦର ଚରିତ୍ର ଅପେକ୍ଷାରେ 'ଆନ୍ଧ୍ରପ୍ରଦେଶ ସୁନ୍ଦରୀ'

ଫିଲ୍ମ ଦୁନିଆଁରେ ଦୀର୍ଘ ଦଶ ବର୍ଷର ଅଭିଜ୍ଞତା ଥାଇ ସୁଦ୍ଧା ତଥାପି ଜଣେ ଶିଶୁଟିଏ ଭଳି ଅଭିନୟର ଉଠାପକା ଖେଳରେ ନିଜକୁ ପାରଙ୍ଗମ କରିପାରିନାହାନ୍ତି ବୋଲି ସ୍ୱୀକାର କରିଛନ୍ତି ୨୦୧୦ର 'ଆନ୍ଧ୍ରପ୍ରଦେଶ ସୁନ୍ଦରୀ' ଆଖ୍ୟା ହାସଲ କରିଥିବା ନୀଲମ୍ ଗୌରାନି ଓରଫ ନନ୍ଦିନୀ ରାୟ। ଆଗକୁ ନିଜ ଜୀବନର ତଥା ଶିଖିବା ପରିସରର ଦୀର୍ଘ ପଥ ଅତିକ୍ରମ କରିବାକୁ ବାକି ରହିଛି ଏବଂ ପ୍ରଶଂସକମାନଙ୍କ ମନରେ ଏକ ପରିପୃକ୍ତ ଛାପ ଛାଡ଼ିବା ଲାଗି ଜୀବନର ଅନ୍ତିମ କ୍ଷଣ ଯାଏ ମଧ୍ୟ ସେ ଏପରି ଅଧ୍ୟବସାୟ ଜାରି ରଖିବେ ବୋଲି କହିଛନ୍ତି ନନ୍ଦିନୀ। ଅଦ୍ୟାବଧି ହିନ୍ଦୀ, ତେଲୁଗୁ, ତାମିଲ, ମାଲାୟଲୀ ଓ କନ୍ନଡ଼ ଭାଷାରେ ୨୦ରୁ ଅଧିକ ସିନେମା ତଥା ୭ଟି ଟେଲି ଧାରାବାହିକରେ ନିଜର ଅଭିନୟ ଯାଦୁ ପରଷିଥିବା ନନ୍ଦିନୀ ତଥାପି ଏ ଦିଗରେ ପୋଖତ ହେବାକୁ ଅଧିକ ଆହ୍ୱାନମୂଳକ ଚରିତ୍ରର ଆବଶ୍ୟକତା ରହିଛି ବୋଲି କହିଛନ୍ତି। କେବଳ ଅଭିନୟ କଳାକୁ ବଜାୟ ରଖିବା ଲାଗି ବହୁବିଧ ଭୂମିକାରେ ସେ ଅବତୀର୍ଣ୍ଣ ହୋଇଥିଲେ ହେଁ ନିଜ ମନପସନ୍ଦର ଚରିତ୍ର ତଲାସରେ ସେ ତଥାପି ରହିଛନ୍ତି।

ତେଲେଙ୍ଗାନାର ସିକନ୍ଦରାବାଦରେ ୧୯୮୮ ସେପଟ୍ଟେମ୍ବର ୧୮ ତାରିଖରେ ଏକ ସିନ୍ଧି ପରିବାରରେ ଜନ୍ମିତ ନନ୍ଦିନୀ ଶିକ୍ଷାରେ ଏମ୍‌ବିଏ ଡିଗ୍ରି ହାସଲ କରିଛନ୍ତି। ତେବେ ପିଲାଟି ବେଳୁ ସିନେ ଜଗତ୍‌ର ମାୟାନଗରୀ ମୋହରେ ପଡ଼ି ଆସିଥିବା ନନ୍ଦିନୀ ଆନୁଷ୍ଠାନିକ ଶିକ୍ଷା ପରେ ମଡେଲିଂ ଦୁନିଆରେ ନିଜର ଭାଗ୍ୟ ପରୀକ୍ଷା କରିବାର ପ୍ରାରମ୍ଭରେ ଅନେକ ରଙ୍ଗିନ ପର ତାଙ୍କ ସୌନ୍ଦର୍ଯ୍ୟ ମୁକୁଟରେ ଯୋଡ଼ିପାରିଛନ୍ତି। ୨୦୦୮ରେ ପ୍ରଥମେ ତାଙ୍କୁ 'ହାଇଦ୍ରାବାଦ ସୁନ୍ଦରୀ'ର ଖ୍ୟାତି ମିଳିବା ପରେ ସେ ଉତ୍ସାହିତ ହୋଇପଡ଼ିଥିଲେ ଏବଂ ପଛକୁ ପଛ ୨୦୦୯ରେ 'ଆନ୍ଧ୍ରପ୍ରଦେଶର ତାଜା ମୁହଁ' ଓ ୨୦୧୦ରେ 'ଆନ୍ଧ୍ରପ୍ରଦେଶର ଚମକପ୍ରଦ ଚାହାଣି ସୁନ୍ଦରୀ' ଓ ଶେଷରେ 'ଆନ୍ଧ୍ରପ୍ରଦେଶ ସୁନ୍ଦରୀ' ହେବାର ଗୌରବ ଲାଭ କରିଥିଲେ। ଏହି ଅବସରରେ ସେ ଅଶୀରୁ ଅଧିକ ବିଭିନ୍ନ ନାମୀ ଦାମୀ କମ୍ପାନିର ବିଜ୍ଞାପନରେ ମଡେଲ୍ ସାଜି ନିଜକୁ ପ୍ରତିଷ୍ଠିତ କରିପାରିଥିଲେ।

# ବଦଳୁଛି ସମନ୍ଥାଙ୍କ ହାବଭାବ: ହେବ କି ପୁଣି ପ୍ୟାଚଅପ୍



ନିଜ ପ୍ରଫେସନାଲ ଲାଇଫ ସହ ପର୍ସନାଲ ଲାଇଫ୍‌କୁ ନେଇ ଚର୍ଚ୍ଚାରେ ଥିବା ସାଉଥ ସୁନ୍ଦରୀ ସମନ୍ଥାଙ୍କୁ ନେଇ ପୁଣି ଥରେ ଚର୍ଚ୍ଚା। କିଛି ଦିନ ପୂର୍ବେ ଅଲଗା ହୋଇ ଯାଇଥିଲେ ସାଉଥର ସୁପରହିଟ୍ ଯୋଡ଼ି ସମନ୍ଥା ଓ ନାଗା ଚୈତନ୍ୟ। ଏନେଇ ନିଜେ ସମନ୍ଥା ସୋଶାଲ ମିଡିଆରେ ଫ୍ୟାନ୍ସଙ୍କୁ ଜଣାଇଥିଲେ। ହେଲେ ଏବେ ସମନ୍ଥାଙ୍କ ହାବଭାବରୁ ସେ ପୁଣି ଥରେ ନାଗାଙ୍କ ସହ ପ୍ୟାଚଅପ୍ ମୁଡରେ ଥିବା ପରି ଲାଗୁଛି। ସ୍ୱାମୀଙ୍କ ସହ ବିଚ୍ଛେଦକୁ ନେଇ ସମନ୍ଥା ନିଜେ ଟ୍ୱିଟ କରି ଫ୍ୟାନ୍ସଙ୍କୁ ଜଣାଇଥିବା ବେଳେ ଏବେ ସେହି ଟ୍ୱିଟକୁ ଡିଲିଟ କରି ଦେଇଛନ୍ତି। ଫଳରେ ଉଭୟ ପୁଣି ଥରେ ଏକାଠି ହେବା ନେଇ ଚର୍ଚ୍ଚା ଜୋର ଧରିଛି। ଗତବର୍ଷ ନାଗା ଚୈତନ୍ୟ ଓ ସମନ୍ତା ରୁଥ ପ୍ରଭୁଙ୍କ ଛାଡପତ୍ର ନେଇ ବେଶ ଚର୍ଚ୍ଚା ହୋଇଥିଲା। ପ୍ରଥମେ ତ ଏହି ଦମ୍ପତ୍ତି ଛାଡପତ୍ର ଖବରକୁ ନେଇ ଚୁପ୍ ରହିଥିଲେ କିନ୍ତୁ ଅକ୍ଟୋବର ମାସରେ ଦୁହେଁ ଏହି ଚର୍ଚ୍ଚା ଉପରେ ମୋହର ମାରିଥିଲେ। ଆଉ ଛାଡପତ୍ର ନେଇଥିବା ନେଇ ଘୋଷଣା କରିଥିଲେ। ଏହାପରେ ଉଭୟ ନିଜ ନିଜ ପ୍ରଫେସନାଲ ଲାଇଫ୍‌ରେ ବିଜି ହୋଇ ଯାଇଥିଲେ। ନିକଟରେ ଏକ ସାକ୍ଷାତକାରରେ ନାଗା ଚୈତନ୍ୟ ସମନ୍ଥାଙ୍କ ସହ ଛାଡପତ୍ରକୁ ନେଇ ମୁହଁ ଖୋଲିଥିଲେ। ସେ କହିଥିଲେ, 'ଭିନ୍ନ ହେବା ଠିକ୍ ଥିଲା। ଏହା ଆପୋସ ସହମତିରେ ନିଆଯାଇଥିବା ନିଷ୍ପତ୍ତି ଥିଲା, ଯାହା ଦୁଇ ଜଣଙ୍କ ଖୁସି ପାଇଁ ନିଆଯାଇଛି। ଯଦି ସେ(ସମନ୍ଥା) ଖୁସି ଅଛି ଆଉ ମୁଁ ଖୁସି ଅଛି, ତେବେ ଏଭଳି ସ୍ଥିତିରେ ଛାଡପତ୍ର ଏକ ଭଲ ନିଷ୍ପତ୍ତି।' ଡିସେମ୍ବର ମାସରେ ଫିଲ୍ମଫେଆର ଆୱାର୍ଡ ସମାରୋହରେ ସମନ୍ଥା ନିଜ ଛାଡପତ୍ର ବିଷୟରେ ସର୍ବସମ୍ମୁଖରେ ଆଲୋଚନା କରିଥିଲେ। ସେ କହିଥିଲେ, 'ମୁଁ ଏବେବି ମୋ ଜୀବନ ବଞ୍ଚିବା ବା ଉପଭୋଗ କରିବା ବାକି ଅଛି।

# ନୂଆ ଓଡ଼ିଆ ଚଳଚ୍ଚିତ୍ର 'ହଉ ହଉ ହେଇଗଲାରେ'

ରମେଶ ରାଉତ ନିର୍ଦ୍ଦେଶିତ ଓ ରାଜେଶ ଦାଶ ସମ୍ପାଦିତ ନୂଆ ଚଳଚ୍ଚିତ୍ର 'ହଉ ହଉ ହେଇଗଲାରେ'। ଏହାର କାହାଣୀ ପରିକଳ୍ପନା ଓ ଚିତ୍ରନାଟ୍ୟ ପ୍ରସ୍ତୁତି ଅଭିଜିତ ସିନ୍ଧେ କରିଥିବା ବେଳେ, ସଂଳାପ ଲେଖିଛନ୍ତି ଦୀପକ ଜେନା। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିମୁଗ୍ଧ ଦାସ ଏବଂ ଏଥିରେ ଥିବା ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ନାଭିଆ, ସ୍ୱୟମ୍ ପ୍ରଭାସ ପାଢ଼ୀ ଓ ହ୍ୟୁମାନ୍ ସାଗର। ଚଳଚ୍ଚିତ୍ର 'ହଉ ହଉ ହେଇ ଗଲାରେ'ର ପ୍ରମୁଖ ଭୂମିକାରେ ଅଛନ୍ତି ରାଜ୍ ରାଜେଶ ଓ ରିୟା। ଏ ଦୁହିଁଙ୍କ ସହ ଅକ୍ଷୟ ବସ୍ତିଆ, ପିଣ୍ଟୁ ନନ୍ଦ, ଶ୍ୱେତା ଆଚାର୍ଯ୍ୟ, ସସ୍ମିତା ପ୍ରଧାନ, ସୁଧାଶ୍ରୀ, ରାନୀ ପଣ୍ଡା, ଟୁକୁନା, ନୀଳମଣି ସାହୁ, ପୂଜା, ସଚିନ ପ୍ରମୁଖ ଭୂମିକାରେ ଅଛନ୍ତି। ଅତୀତରେ 'ହ୍ୟାଲୋ ରାବଣ' ଓ 'ଟୁ ଚକୋଲେଟ୍' ପରି ଏହି ଚଳଚ୍ଚିତ୍ରଟି କଞ୍ଚାଲଙ୍କା ଓଟିଟି ପ୍ଲାଟଫର୍ମରେ ଦର୍ଶକଙ୍କୁ ମନୋରଂଜନ ଦେଇଚାଲିଛି।



# ପୁଷ୍ପା: ଦ ରାଇଜ୍‌ର ୱାର୍ଲ୍ଡ ପ୍ରିମିୟର୍



୨୦୨୧ ଡିସେମ୍ବର ୧୭ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା ତେଲୁଗୁ ଚଳଚ୍ଚିତ୍ର 'ପୁଷ୍ପା: ଦ ରାଇଜ୍'। ଓଟିଟି ମଞ୍ଚରେ ମଧ୍ୟ ଏଇ ଚଳଚ୍ଚିତ୍ରର ପ୍ରିମିୟର୍ ହୋଇ ଏହା ଆଶାତୀତ ଭାବେ ଦର୍ଶକାଦୃତି ଲାଭ କରିଥିଲା। ହିନ୍ଦୀ ଭାଷାରେ ଏହା ଏବେ ମୁକ୍ତିଲାଭ କରିବାକୁ ଯାଉଛି। ଢିଞ୍ଚାକ୍ ଟିଭି ଚ୍ୟାନେଲ୍‌ରେ ପ୍ରିମିୟର୍ ହେବାକୁଥିବା ଏଇ ଫିଲ୍ମର ପ୍ରଯୋଜନା କରୁଛନ୍ତି ମନୀଷ ଶାହା। ମନୀଷ କହିଛନ୍ତି, ଓଟିଟି ମାଧ୍ୟମରେ ପ୍ରିମିୟର୍ ହେବା ପରେ 'ପୁଷ୍ପା: ଦ ରାଇଜ୍' ଫିଲ୍ମଟିକୁ ଅନ୍ୟୂନ ୯୦ କୋଟି ଦର୍ଶକ ଦେଖିଛନ୍ତି। ତେବେ ଏହାକୁ ହିନ୍ଦୀ ଭାଷାରେ ଡବ୍ କରିବା ପରେ ଗତ ଜାନୁଆରି ୧୪ ତାରିଖରେ ଆମାଜନ୍ ପ୍ରାଇମ୍ ଭିଡିଓରେ ପ୍ରଦର୍ଶିତ କରାଯାଇଥିଲା। ଏହାର ମୁଖ୍ୟ ନାୟକ ଆଲ୍ଲୁ ଅର୍ଜୁନଙ୍କ ପ୍ରଶଂସକମାନେ ତାଙ୍କୁ ଦେଖିବାକୁ ଉତ୍କଣ୍ଠା ପ୍ରକାଶ କରିଥିଲେ। 'ପୁଷ୍ପା: ଦ ରାଇଜ୍'ର ପ୍ରଥମ ଭାଗ ଆଗାମୀ ମାର୍ଚ୍ଚ ୨୦ ଅଥବା ୨୭ ତାରିଖରେ ଟେଲିଭିଜନରେ ପ୍ରସାରିତ ହେବ। ଟେଲିଭିଜନ ମାଧ୍ୟମରେ ଏହାର ୱାର୍ଲଡ୍ ପ୍ରିମିୟର୍ ହେବ ବୋଲି ମନୀଷ ସ୍ପଷ୍ଟ କରିଛନ୍ତି। ଯେମିତି ଦକ୍ଷିଣୀ ସିନେମା 'ବାହୁବଳୀ' ଦର୍ଶକାଦୃତ ହେଇଥିଲା ଏବଂ ମନୀଷଙ୍କ 'ଲକ୍ଷ୍ମୀ' ଚଳଚ୍ଚିତ୍ରଟି ୨୦୨୦ରେ ଆଶାତୀତ ଭାବେ ଲୋକପ୍ରିୟତା ପାଇଥିଲା, 'ପୁଷ୍ପା: ଦ ରାଇଜ୍' ଅନୁରୂପ ଦର୍ଶକପ୍ରିୟତା ହାସଲ କରିବ ବୋଲି ସେ ଆଶା ରଖିଛନ୍ତି।

# 'କେବେ ବାହା ହେବେ' ବୋଲି ପଚରାଯାଇଥିବା ପ୍ରଶ୍ନର ମଜାଳିଆ ଉତ୍ତର ଦେଲେ ସୋନାକ୍ଷୀ

ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ନିଜ ପ୍ରଶଂସକମାନଙ୍କ ସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। କୋଭିଡ୍ ପରିସ୍ଥିତିରୁ ଆରମ୍ଭ କରି ତାଙ୍କର ନାକଫୁଲ ପିନ୍ଧିବା ଅଭ୍ୟାସ ଓ ସପ୍ତାହାନ୍ତ ଯୋଜନା ନେଇ ପ୍ରଶଂସକମାନେ ବହୁବିଧ ପ୍ରଶ୍ନ ପଚାରିଥିଲେ ଏବଂ ସୋନାକ୍ଷୀ ସେଗୁଡ଼ିକର ଉତ୍ତର ମଧ୍ୟ ଦେଇଥିଲେ। ଏ ଭିତରେ ଜଣେ ପ୍ରଶଂସକ ତାଙ୍କ ବିବାହ ଯୋଜନା ଜାଣିବା ପାଇଁ ପଚାରିଥିଲେ, 'ମ୍ୟାଡମ୍, ସମସ୍ତେ ବିବାହ କରୁଛନ୍ତି, ଆପଣ କେବେ ବାହା ହେବେ ?' ସେ ଉତ୍ତରରେ ଲେଖିଲେ: 'ସଭିଏଁ କୋଭିଡ୍ ଭୂତାଣୁରେ ସଂକ୍ରମିତ ହେଉଛନ୍ତି, ତା' ବୋଲି କ'ଣ ମୁଁ ବି ସଂକ୍ରମିତ ହେବି ?' ସୋନାକ୍ଷୀ ଏହି ମଜାଳିଆ ଉତ୍ତର ଦେଇ ପ୍ରଶ୍ନଟିକୁ ଟାଳିଦେଲେ ସତ କିନ୍ତୁ ଅଭିନେତା ଜାହିର ଇକବାଲଙ୍କ ସହିତ ସେ ଡେଟିଂ କରୁଥିବା ନେଇ ବିଭିନ୍ନ ଖବର ଶୁଣିବାକୁ ମିଳୁଛି। ନିକଟରେ ସେମାନଙ୍କ ପ୍ରେମ ସମ୍ପର୍କ ବିଷୟରେ ପଚରାଯିବାରୁ ସୋନାକ୍ଷୀ କହିଥିଲେ ଯେ ସେ ତାଙ୍କର ଘନିଷ୍ଠ ବନ୍ଧୁ।

ସେହିପରି ଜାହିର ମଧ୍ୟ ସୋନାକ୍ଷୀଙ୍କୁ ଦୀର୍ଘ ବର୍ଷର ଭଲ ବନ୍ଧୁ ବୋଲି ପ୍ରକାଶ କରିଛନ୍ତି। ତେବେ ଅତ୍ୟନ୍ତ ଗୋପନୀୟତା ମଧ୍ୟରେ କ୍ୟାଟ୍ରିନା-ଭିକ୍କିଙ୍କ ବିବାହ ପରେ ଲୋକେ ଚର୍ଚ୍ଚା କରୁଛନ୍ତି ଯେ ସୋନାକ୍ଷୀ ମଧ୍ୟ ଅନୁରୂପ ଯୋଜନା କରି ନ ଥିବେ ସେକଥା କିଏ କହିବ ? ସେ ଯାହା ହେଉ, ଏତିକି ନିଶ୍ଚିତ ଯେ ଆଗକୁ ସିନେପରଦାରେ ମୁକ୍ତିଲାଭ କରିବାକୁ ଥିବା 'ଡବଲ୍ ଏକ୍‌ସଏଲ୍' ଚଳଚ୍ଚିତ୍ରରେ ସୋନାକ୍ଷୀ ଓ ଜାହିର ଏକାଠି ଦେଖିବାକୁ ମିଳିବେ।



# ପଞ୍ଚାୟତ ନିର୍ବାଚନ ଲାଗି ବିଜେପି ଜାରି କଲା ଇସ୍ତାହାର: ମହିଳା ସଶକ୍ତିକରଣ ଓ ଦୁର୍ନୀତି ଦୂରୀକରଣ ଉପରେ ଗୁରୁତ୍ୱ



ଭୁବନେଶ୍ୱର,୨୭/୧ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଭାରତୀୟ ଜନତା ପାର୍ଟି ପକ୍ଷରୁ ଇସ୍ତାହାର ଓ ଅଭିଯୋଗ ପତ୍ର ଜାରି କରାଯାଇଛି। ବିଜେପି ସଭାପତି ସମୀର ମହାନ୍ତି ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଉନ୍ମୋଚନ ହୋଇଛି ଇସ୍ତାହାର। ଏହି ଇସ୍ତାହାରରେ ୨୨ଟି ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ସେ ମଧ୍ୟରେ ପଂଚାୟତରେ ଗ୍ରାମସଭା ଓ ପଲ୍ଲୀସଭା କରାଯିବା ପ୍ରତିଶ୍ରୁତି ରହିଛି। ଏଥିରେ ଦୁର୍ନୀତି ଦୂରୀକରଣକୁ ଗୁରୁତ୍ୱ ଦିଆଯାଇଛି ଓ କେନ୍ଦ୍ରୀୟ ଯୋଜନାରେ ପ୍ରଧାନମନ୍ତ୍ରୀ ମୋଦୀ ପଠାଉଥିବା ଟଙ୍କାର ବିନିଯୋଗକୁ ଜଗୁଆଳି ଭଳି ଦଳ ଜଗିବ ବୋଲି କୁହାଯାଇଛି। ପଂଚାୟତ ସ୍ତରରେ ବ୍ୟାପକ ଅର୍ଥ ଲୁଟ ହେଉଛି ଓ ବିଜେଡି ନେତା ଲୁଟ କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି । ବିକାଶ ନାମରେ ଜେଇ ଠିକାଦାର ସାଜି ଅର୍ଥ ଲୁଟ କରୁଛନ୍ତି ତେଣୁ ତାକୁ ବିଜେପି ଆଉ ହେବାକୁ ଦେବନାହିଁ ।ଏହି ଇସ୍ତାହାରର ଉନ୍ମୋଚନ କରି ବିଜେପିର ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଏବେ ପଞ୍ଚୟତରେ ଗ୍ରାମସଭା ଓ ପଲ୍ଲୀସଭା ହେବ। ପ୍ରଧାନମନ୍ତ୍ରୀ ମୋଦୀ ପଠାଉଥିବା ଟଙ୍କାର ଜଗୁଆଳି ହେବ ବିଜେପି। ଏବେ ପଞ୍ଚାୟତ ସ୍ତରରେ ବ୍ୟାପକ ଅର୍ଥ ଲୁଟ ହେଉଛି। ବିଜେଡି ନେତା ପଞ୍ଚାୟତ ସ୍ତରରେ ବ୍ୟାପକ ଅର୍ଥ ଲୁଟ କରୁଛନ୍ତି। ବିକାଶ ନାଁରେ ଠିକାଦାର ସାଜି ଅର୍ଥ ଲୁଟ କରାଯାଉଛି। ତେଣୁ ଆଗକୁ ବିଜେପି ତାହା ହେବାକୁ ଦେବନି। ମଣ୍ଡି ବ୍ୟବସ୍ଥାକୁ ସୁଦୃଢ଼ କରାଯିବ, ମହିଳା ସଶକ୍ତିକରଣ କରାଯିବ, ପ୍ରତ୍ୟେକ ପଞ୍ଚାୟତରେ ମହିଳାଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ଜିନିଷକୁ ବଜାରରେ ବିକ୍ରି କରାଯିବ। ଷ୍ଟ୍ରିଟ ଲାଇଟ, ବର୍ଜ୍ୟ ବସ୍ତୁ ପରିଚାଳନା ଉପରେ ନିର୍ବାଚନୀ ଇସ୍ତାହାରରେ ବିଜେପି ଜୋର ଦେଇଛି ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅବସରପ୍ରାପ୍ତ ଅଫିସରଙ୍କ କ୍ଲବ୍ ହାଉସ୍ : କଂଗ୍ରେସ

ଭୁବନେଶ୍ୱର,୨୭/୧ (ନି.ପ୍ର): ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ବର୍ତମାନ କେତେକ ଅବସରପ୍ରାପ୍ତ ଓ ପ୍ରଶାସନିକ ସ୍ତରରେ ଅନଫିଟ୍ ଅଧିକାରୀଙ୍କ କ୍ଲବ୍ ହାଉସ୍ ଓ କଫି ସେଣ୍ଟରରେ ପରିଣତ ହୋଇଛି। ଅତୀତରେ ଯେଉଁ ସରକାରୀ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ ଅଧସ୍ତନ ହୋଇ କାମ କରୁଥିଲେ, ଅବସର ନେଲା ପରେ ସେହି ଅଧିକାରୀମାନେ ଏବେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା। ଅଧସ୍ତନ ଅଧିକାରୀ ଉପରିସ୍ଥ ହୋଇ ଉପଦେଶ ଦେଲେ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟର ବାସ୍ତବ ସ୍ଥିତି ଅପପ୍ରଚାର ଭଳି ଲାଗିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋଜ ମହାପାତ୍ର କହିଲେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ଅବସରପ୍ରାପ୍ତ ଅଧିକାରୀଙ୍କ ମଉଜମଜଲିସ୍ ପାଇଁ ସରକାରୀ ତହବିଲ୍‌ରୁ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଛି। ଏମାନଙ୍କ ଜରିଆରେ ବିଭିନ୍ନ କଣ୍ଟ୍ରାକ୍ଟର, କମ୍ପାନିମାନଙ୍କଠାରୁ ଅର୍ଥ ଆଦାୟ କରାଯାଉଛି। ପ୍ରଶାସନିକ ଉତ୍ତରଦାୟିତ୍ୱ ନ ଥିବା ଅସିତ ତ୍ରିପାଠୀ କିଛିଦିନ ତଳେ ଢେଙ୍କାନାଳର ନାଲ୍‌କୋ ଗେଷ୍ଟହାଉସରେ ବିଭିନ୍ନ ଶିଳ୍ପପତିଙ୍କୁ ଭେଟିବା ଏହାର ଜ୍ୱଳନ୍ତ ପ୍ରମାଣ। ସେହିପରି ପୂର୍ତ୍ତ ବିଭାଗର ସଚିବ ଥିବା ନଳିନୀ ପ୍ରଧାନଙ୍କ କାର୍ଯ୍ୟକାଳ ସମୟରେ ଗୁରୁପ୍ରିୟା ସେତୁ, ଭୁବନେଶ୍ୱରରେ ବ୍ରିଜ୍ ଭୁଶୁଡ଼ିବା ଭଳି ଘଟଣା ଘଟିଥିଲା। ପରେ ବିଜେଡି ପକ୍ଷରୁ ତାଙ୍କୁ ସମ୍ବଲପୁର ଲୋକସଭା ଟିକେଟ୍ ଦିଆଯାଇଥିଲା। ସେ ଆହୁରିମଧ କହିଛନ୍ତି ଯେ ରାଜ୍ୟରେ ୬୩ଲକ୍ଷ ଯୁବକ/ଯୁବତୀ ବେକାର ଅଛନ୍ତି। ପ୍ରତିବର୍ଷ ୨ଲକ୍ଷ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ସଂପୂର୍ଣ୍ଣ ଧୂଆଁବାଣରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲ୍ଲାରୁ ଲକ୍ଷ ଲକ୍ଷ ଲୋକ ଗୁଜୁରାଟକୁ ଦାଦନ ଖଟିବାକୁ ଯାଉଛନ୍ତି। ନୀଳାଚଳ ଇସ୍ପାତ ନିଗମ, ଚୌଦ୍ୱାର ଟେକ୍ସଟାଇଲ ମିଲ ବନ୍ଦ ହୋଇଯାଇଛି। ରାଜ୍ୟ ସମସ୍ତ ପୁରାତନ ଶିଳ୍ପ ଏବେ ଅଚଳ। ଅଥଚ ଜିନ୍ଦଲ କାରଖାନା ପ୍ରତିଷ୍ଠା ପାଇଁ ପୁଲିସ ଲଗାଇ ଢିଙ୍କିଆବାସୀଙ୍କ ଜୀବନ ଓ ଜୀବିକାକୁ ଅପହରଣ ପାଇଁ ସରକାର ବ୍ୟସ୍ତ ଅଛନ୍ତି। ସରକାରଙ୍କ ଯଦି ସତ୍‌ସାହସ ଅଛି ତାହାଲେ ଦୋଷୀ ପୁଲିସ ଅଫିସରଙ୍କୁ ଗିରଫ କରାଯାଉ। ନବୀନ ନିବାସର ଅଳ୍ପ ଦୂରରେ ଶ୍ରୀଲିଙ୍ଗରାଜଙ୍କ ଜମିକୁ ଜଣେ ତାମିଲ ଖଣି ମାଫିଆ ଚକ୍ରାନ୍ତ କରି ହଡ଼ପ କରୁଥିବା ଅଭିଯୋଗ ହୋଇଛି। ସଂପୃକ୍ତ ମାଫିଆଙ୍କୁ ପୁଲିସ କେବେ ବାନ୍ଧିବ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ମନୋରଂଜନ ଦାଶ, ଶାନ୍ତନୁ ସାହୁ, ସନ୍ତୋଷ କୁମ୍ଭାର ଓ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।

# ୧୨୬ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



ଭୁବନେଶ୍ୱର ,୨୭/୧ (ନି.ପ୍ର): ପଂଚାୟତ ନିର୍ବାଚନ ପାଇଁ ଗତକାଲି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ସହ ପ୍ରାର୍ଥୀମାନଙ୍କୁ ନିର୍ବାଚନୀ ଚିହ୍ନ ଆବଣ୍ଟନ ହୋଇଥିବାବେଳେ ବିନା ଲଢ଼େଇରେ ମୋଟ ୩୬୯୭୬ଟି ଆସନରେ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି।

ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଚଳିତ ପଂଚାୟତ ନିର୍ବାଚନରେ ମୋଟ ୩୬୫୨୩ଟି ଆସନରେ ୱାର୍ଡମେମ୍ବର ପ୍ରାର୍ଥୀ, ୧୨୬ଟି ଆସନରେ ସରପଂଚ, ୩୨୬ଟି ଆସନରେ ପଂଚାୟତ ସମିତି ସଭ୍ୟ ଓ ଗୋଟିଏ ଆସନରେ ଜିଲ୍ଲା ପରିଷଦ ସଭ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଏସବୁ ସ୍ଥାନରେ ଜଣେ ଲେଖାଏ ପ୍ରାର୍ଥୀ ରହିଥିବାରୁ ନିର୍ବାଚନ କମିଶନଙ୍କୁ ଆଉ ଭୋଟ ଗ୍ରହଣ କରିବାକୁ ପଡ଼ିନାହିଁ । କମିଶନ ଏସବୁ ସ୍ଥାନରେ ଥିବା ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷଣା କରିଛନ୍ତି । ବରଗଡ଼ ଜିଲ୍ଲାର ଗୋଟିଏ ଜିଲ୍ଲା ପରିଷଦ ଆସନରେ ଉଭୟ କଂଗ୍ରେସ ଓ ବିଜେପି ପ୍ରାର୍ଥୀ ଓହରି ଯିବାରୁ ସେଠାରେ ବିଜେଡି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ରବୀନ୍ଦ୍ରନାଥ ସାହୁଙ୍କ ଦ୍ୱାରା ଜାରି ସୂଚନା ଅନୁସାରେ ୨୦୨୨ ପଂଚାୟତ ନିର୍ବାଚନରେ ମୋଟ ୯୧୮୯୦ଟି ୱାର୍ଡମେମ୍ବର, ୬୭୯୩ଟି ସରପଂଚ ଓ ୬୭୯୩ଟି ପଂଚାୟତ ସମିତି ସଭ୍ୟ ଏବଂ ୮୫୩ଟି ଜିଲ୍ଲା ପରିଷଦ ସଭ୍ୟ ଆସନରେ ନିର୍ବାଚନ ହେଉଛି । ତେବେ ପ୍ରାୟ ୩୯ ପ୍ରତିଶତ ୱାର୍ଡମେମ୍ବର ଆସନରେ କୌଣସି ପ୍ରତିଦ୍ୱନ୍ଦ୍ୱିତା ହୋଇନାହିଁ। ଗତକାଲି ପ୍ରାର୍ଥୀପତ୍ର ପ୍ରତ୍ୟାହାର ସହ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଜାରି ହୋଇଛି ତଥା ପ୍ରାର୍ଥୀମାନଙ୍କୁ ନିର୍ବାଚନୀ ଚିହ୍ନ ମଧ ଆବଣ୍ଟିତ ହୋଇଛି । ପଂଚାୟତ ନିର୍ବାଚନରେ ଚଳିତଥର ମୋଟ ୨ଲକ୍ଷ ୨୯ହଜାର ୦୬୨ଜଣ ପ୍ରାର୍ଥୀ ବିଭିନ୍ନ ପଦବୀ ପାଇଁ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ରାଜ୍ୟର ମୋଟ ୨କୋଟି ୭୯ଲକ୍ଷ ୩୫ହଜାର ୫୨୫ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ ।

# ପୁରୀ ଜିଲ୍ଲାର ଫସଲ କ୍ଷତିଗ୍ରସ୍ତ ଚାଷୀ ଓ ଅସହାୟଙ୍କୁ ସହାୟତା ଯୋଗାଇଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: କଂଗ୍ରେସ

ଭୁବନେଶ୍ୱର,୨୭/୧ (ନି.ପ୍ର): ବିଗତ ୩ ବର୍ଷ ମଧ୍ୟରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ସାମୁଦ୍ରିକ ବାତ୍ୟା ଜୱାଦ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ପୁରୀ ଜିଲ୍ଲାର ଲକ୍ଷାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଜିଲ୍ଲାର ୧୧ଟି ବ୍ଲକର ପ୍ରାୟ ୮୫ ହଜାର ହେକ୍ଟର ଜମିରେ ଥିବା ଧାନ ଫସଲ ଉଜୁଡ଼ି ଗଲା। ପ୍ରାୟ ୧୨ଶହ ହେକ୍ଟର ଜମିରେ ଥିବା ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ଫଳରେ ଅନେକ ଅ ଳରେ ପାଚିଲା ଧାନ ଗଜା ହେଲା। ଚାଷୀଙ୍କର ବର୍ଷକର ଆହାର ବାତ୍ୟା ଛଡ଼ାଇ ନେଲା। ଏହାଦ୍ୱାରା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଯାହାକି ସେମାନଙ୍କ ପକ୍ଷେ ସୋସାଇଟି ଋଣ ଓ ଘରୋଇ ଋଣ ପରିଶୋଧ କରିବା କାଠିକର ପାଠ୍। ବାତ୍ୟାର ୭ ଦିନ ଭିତରେ ଫସଲ କ୍ଷୟକ୍ଷତିର ଆକଳନ କରାଯାଇ ଚାଷୀଙ୍କୁ କୃଷି ଇନପୁଟ ସହାୟତା ଯୋଗାଇ ଦେବାକୁ ସରକାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେହି ଘୋଷଣା କେବଳ ଘୋଷଣାରେ ରହିଗଲା। ସେହିପରି ଜିଲ୍ଲାର ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମଧ କାଳିଆ ଓ ପି.ଏମ୍. କିଷାନ ନିଧି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ପ୍ରକୃତ ଚାଷୀଙ୍କୁ ମଧ ଚିହ୍ନଟ କରାଯାଇ ନାହିଁ। ବଳିଆ ଯୋଜନାରେ ଭୂମିହୀନ କୃଷକମାନଙ୍କୁ ଯୁଗ୍ମ ଦେୟ ଗୋଷ୍ଠୀଦ୍ୱାରା ଗୋଷ୍ଠୀ ଗଠନ କରାଯାଇ ସହାୟତା ଯୋଗାଇବା କେବଳ ପ୍ରଚାର ସର୍ବସ୍ୱ ହୋଇଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧ୍ୟକ୍ଷ ତଥା ପୁରୀ ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସଭାପତି ଅମୀୟ କୁମାର ପଟ୍ଟନାୟକ ସରକାରଙ୍କ ଏପରି ଜନମାରଣ ନୀତିକୁ କଂଗ୍ରେସ ପକ୍ଷରୁ ତୀବ୍ର ନିନ୍ଦା କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଜୱାଦ ପରେ ଯାହା କିଛି ଧାନ ଚାଷୀଙ୍କ ପାଖରେ ବିକିବାକୁ ରହିଛି ତାହା ମଧ ସରକାର ଠିକଣା ଢଙ୍ଗରେ କିଣୁନାହାନ୍ତି।

# ରାଜ୍ୟରେ କରୋନା ସଂକ୍ରମଣ ଶୀର୍ଷ ଛୁଇଁ ସାରିଥିବା ଜଣାପଡୁଛି : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ



ଭୁବନେଶ୍ୱର,୨୭/୧ (ନି.ପ୍ର): ଗତ କିଛି ଦିନ ଧରି କରୋନା ସଂକ୍ରମଣ ୧୦ହଜାର ଉପରେ ରହୁଥିବା ବେଳେ ଏବେ ତାହା ତଳମୁହାଁ ହୋଇଛି। ସଂକ୍ରମଣ ସଂଖ୍ୟା ଦେଖି ରାଜ୍ୟରେ କରୋନା ସଂକ୍ରମଣ ଶୀର୍ଷ ଛୁଇଁ ସାରିଥିବା ଜଣାପଡୁଛି। ଆଜି ଏଭଳି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର।

ତାଙ୍କ କହିବା ମୁତାବକ,ଦିନକୁ ଦିନ ଦୈନିକ ସଂକ୍ରମଣ କମୁଛି। ରାଜ୍ୟରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ମଧ ତଳମୁହାଁ ରହିଛି। କିନ୍ତୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ମଧ ତଳମୁହାଁ ହେଲେ ବି ବେସ ଲାଇନ ଆସିବା ଦରକାର। ପ୍ରତ୍ୟେକ ଦିନ ୫ରୁ ୬ହଜାର ପଜିଟିଭ ଚିହ୍ନଟ ହେଉଛନ୍ତି। ସଂକ୍ରମଣ ହାର ବହୁତ ଅଧିକା ରହିଛି। ସେଥିପାଇଁ ସଂକ୍ରମଣ ରୋକିବାକୁ ଏବେ ବି ସତର୍କତା ଅବଲମ୍ବନ କରିବାକୁ ପଡିବ। ଅନ୍ୟ ଦେଶଗୁଡିକୁ ଦେଖିଲେ ସେଠାରେ ଏବେ ଚତୁର୍ଥ ଓ ପଞ୍ଚମ ଲହର ଦେଖିବାକୁ ମିଳୁଛି।

ଉଲ୍ଲେଖଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୫,୯୦୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୪୧୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୪୮୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୭୩୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୪୩୦ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨୩୧୧୬୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୧୫୨୨୩୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୭୦,୩୨୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ସହିଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ

ଭୁବନେଶ୍ୱର,୨୭/୧ (ନି.ପ୍ର): ସହିଦ ରଘୁ-ଦିବାକର ସ୍ମୃତି ସଂସଦ, ରଣଭୂଇଁ ଓ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ସ୍ଥାନୀୟ ୟୁନିଟ୍-୯ସ୍ଥିତ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିସ୍ଥଳରେ ୭୩ତମ ସାଧାରଣତନ୍ତ୍ର ଦିବସରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଦେଶପାଇଁ ପ୍ରାଣବଳୀ ଦେଇ ସହିଦ ହୋଇଥିବା ସ୍ୱାଧୀନତା ସଂଗ୍ରାମୀ ତଥା ମହାପୁରୁଷଙ୍କ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରି ସହିଦ ରଘୁ ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା ସହିଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ମା’, ମାଟି ଓ ମାତୃଭାଷା ପାଇଁ ସମସ୍ତେ ନିଜ ନିଜସ୍ତରରେ ଆଗେଇ ଆସିବାକୁ କହିଥିଲେ। ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଶ୍ରଦ୍ଧାଞ୍ଜଳି ସଭାକୁ ସଂଯୋଜନା କରିବା ସହିତ ମହାପୁରୁଷଙ୍କ ଆତ୍ମ ବଳିଦାନ, ଦେଶମାତୃକା ପାଇଁ ସେବା ତଥା ସ୍ୱାଧୀନତା ସଂଗ୍ରାମ ଉପରେ ମତବ୍ୟକ୍ତ କରିଥିଲେ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଅଭିଯାନର ସଦସ୍ୟମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# କମିଛି ସଂକ୍ରମଣ : ଗତ ୨୪ ଘଣ୍ଟା ମଧ୍ୟରେ ୫,୯୦୧ ଜଣ ପଜିଟିଭ ଚିହ୍ନଟ




ଭୁବନେଶ୍ୱର,୨୭/୧ (ନି.ପ୍ର): ରାଜ୍ୟରେ ଆଜି କମିଛି କରୋନା ସଂକ୍ରମିତଙ୍କ ସଂଖ୍ୟା। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୫,୯୦୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୪୧୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୪୮୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୭୩୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୪୩୦ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୯୩ ଜଣ, ବାଲେଶ୍ୱରରୁ ୩୦୦ ଜଣ, ବରଗଡ଼ରୁ ୧୦୨ ଜଣ, ଭଦ୍ରକରୁ ୯୬ ଜଣ, ବଲାଙ୍ଗୀରରୁ ୧୮୪ ଜଣ, ବୌଦ୍ଧ ଜିଲ୍ଲାରୁ ୭୮, କଟକରୁ ୪୦୨ ଜଣ, ଦେବଗଡ଼ରୁ ୮୯ ଜଣ, ଢେଙ୍କାନାଳରୁ ୭୩ ଜଣ, ଗଜପତିରୁ ୬୯, ଗଞ୍ଜାମରୁ ୯୫ ଜଣ, ଜଗତସିଂହପୁରରୁ ୮୨ ଜଣ, ଯାଜପୁରରୁ ୧୯୧ ଜଣ, ଝାରସୁଗୁଡ଼ାରୁ ୬୩ ଜଣ, କଳାହାଣ୍ଡିରୁ ୧୬୮ ଜଣ, କନ୍ଧମାଳରୁ ୮୬ ଜଣ, କେନ୍ଦ୍ରାପଡ଼ାରୁ ୧୪୪ ଜଣ, କେଉଁଝରରୁ ୧୨୮ ଜଣ, ଖୋର୍ଦ୍ଧାରୁ ୧୪୩୦ ଜଣ, କୋରାପୁଟରୁ ୬୪ ଜଣ, ମାଲକାନଗିରିରୁ ୫୫ ଜଣ, ମୟୂରଭଞ୍ଜରୁ ୧୪୯ଜଣ, ନବରଙ୍ଗପୁରରୁ ୧୧୩, ନୟାଗଡ଼ରୁ ୧୮୦ ଜଣ, ନୂଆପଡ଼ାରୁ ୧୮୯ ଜଣ, ପୁରୀରୁ ୧୧୭ ଜଣ, ରାୟଗଡ଼ାରୁ ୧୦୧ ଜଣ, ସମ୍ବଲପୁରରୁ ୧୩୮ ଜଣ, ସୋନପୁରରୁ ୮୬, ସୁନ୍ଦରଗଡ଼ରୁ ୫୪୫ ଜଣ ଓ ଷ୍ଟେଟ ପୁଲରୁ ୨୯୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨୩୧୧୬୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୧୫୨୨୩୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୭୦,୩୨୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ୭ ବର୍ଷ ହେଲା ଦେଶୀ ବିହନ ସଂଗ୍ରହ, ଚାଷୀ ପଞ୍ଜିକରଣ ବନ୍ଦ: କୃଷି ବିଭାଗର ଅବହେଳା ନା ଗବେଷଣା ସଂସ୍ଥାର ଲବି

ଭୁବନେଶ୍ୱର,୨୭/୧ (ନି.ପ୍ର): ସଙ୍କଟରେ ବିହନ। ୭ ବର୍ଷ ହେଲା ଦେଶୀ ବିହନ ସଂଗ୍ରହ ଏବଂ ଚାଷୀଙ୍କ ନାମ ପଞ୍ଜୀକରଣକୁ ବନ୍ଦ କରି ଦେଇଛନ୍ତି ରାଜ୍ୟ ସରକାର। ଏଥିଯୋଗୁଁ ପ୍ରଥମତଃ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିପାରୁଥିବା ବିଭିନ୍ନ ପ୍ରକାର ବିହନ ଉପଲବ୍ଧ ରହିଛି କିନ୍ତୁ ଚାଷୀଙ୍କ ପାଖକୁ ପହଞ୍ଚି ନପାରିବାରୁ ସେମାନେ ଚାଷରେ କ୍ଷତିଗ୍ରସ୍ତ ହେଉଛନ୍ତି। ଦ୍ୱିତୀୟତଃ କମଳା ପୂଜାରୀଙ୍କ ଭଳି ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳର ଚାଷୀ କଳାଜିରା ଭଳି ପାରମ୍ପରିକ ତଥା ମୂଲ୍ୟବାନ ବିହନ ସଂରକ୍ଷଣ କରି ରଖୁଛନ୍ତି ହେଲେ ଏହାର ଆର୍ଥିକ ଲାଭ ଗବେଷଣା ସଂସ୍ଥା ନେଉଛନ୍ତି। ଏହା ପଛରେ ବିହନ କମ୍ପାନି କିମ୍ବା ଗବେଷଣା ସଂସ୍ଥାର ଲବି କି ଅବହେଳା ରହିଛି କି ? କାହିଁକି କୃଷି ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନାହିଁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷଜ୍ଞଙ୍କ ମତ ଅନୁସା ?ରେ, ଦେଶରେ ଯେତେ ଅଧିକ ଉତ୍ପାଦନକ୍ଷମ ଏବଂ ହାଏବ୍ରିଡ ବିହନ ଉତ୍ପାଦନ ହେଲେ ମଧ ଏହାର ମୂଳରେ ରହିଛି ଦେଶୀ ବିହନ। ଦେଶୀ ବିହନ ମରିଗଲେ ଚାଷ ସରିଯିବ। ଏଥିଯୋଗୁଁ ଯେଉଁ ଚାଷୀ ପାରମ୍ପରିକ ବିହନକୁ ପିଢିପିଢି ଧରି ସଂରକ୍ଷିତ କରି ରଖିଛନ୍ତି ତାଙ୍କ ପାଖରେ ସମସ୍ତେ କୃତଜ୍ଞ। ଏହି ଚାଷୀଙ୍କ ସରଳତାର ଲାଭ ଉଠାଇ କମ୍ପାନି ଏବଂ ଗବେଷଣା ସଂସ୍ଥାର ଗବେଷକମାନେ ବିହନ ଆଣୁଛନ୍ତି ଏହାକୁ ପ୍ୟାକେଜିଂ କରି ନିଜ ନାମରେ ବ୍ୟବସାୟ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୦୫ ମସିହାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଦ୍ଭିଦ କିସମ ସଂରକ୍ଷଣ ଅଧିକାର ଅଧିନିୟମ ଅଣାଯାଇଥିଲା। ଏଥି ଅନ୍ତର୍ଗତରେ ଯେଉଁ ଚାଷୀ ଯେଉଁ ବିହନ ସଂରକ୍ଷିତ କରି ରଖିଛନ୍ତି ତାର ଶ୍ରେୟ ତାଙ୍କୁ ମିଳିବ। ୨୦୧୦ ମସିହାରେ ଓଡ଼ିଶା କୃଷି ବିଭାଗ ପକ୍ଷରୁ ଦେଶୀ ବିହନ ସଂରକ୍ଷଣ ଅଭିଯାନ ଆରମ୍ଭ ହୋଇଥିଲା। ସହକାରୀ କୃଷି ଅଧିକାରୀଙ୍କ ନେତୃତ୍ୱରେ ଗଠିତ ଟିମ୍ ରାଜ୍ୟର ୨୯ ଜିଲ୍ଲା ବୁଲି ରାଜ୍ୟରେ ଥିବା ମୂଲ୍ୟବାନ ୧୨୦୦ ଦେଶୀ ବିହନ ସଂରକ୍ଷଣ କରିଥିଲେ। ୭୩୦ ବିହନ ବିଭିନ୍ନ ଚାଷୀଙ୍କ ନାମରେ ବ୍ୟାଙ୍କରେ ପଞ୍ଜୀକୃତ ହେଲା। କୃଷି ବିଭାଗର ଏହି କାର୍ଯ୍ୟ ବିଭିନ୍ନ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଥିଲା। ଏହି କାର୍ଯ୍ୟକୁ ସହଯୋଗ ମଧ ମିଳିଲା। ଏପରିକି ଚାଷୀମାନେ ମଧ ନିଜ ସଂରକ୍ଷିତ ବିହନକୁ ବିନା ମୂଲ୍ୟରେ ରାଜ୍ୟ ସରକାରଙ୍କୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଅଚାନକ ୨୦୧୫ ମସିହା ପରେ ବିହନ ସଂରକ୍ଷଣ କାର୍ଯ୍ୟକୁ ବନ୍ଦ କରି ଦିଆଗଲା। ଏଥିପ୍ରତି ଗୁରୁତ୍ୱ ମଧ ଦିଆଗଲା ନାହିଁ।

# ଉତ୍କଳ ସାମ୍ବାଦିକ ସଂଘର ୭୮ତମ ପ୍ରତିଷ୍ଠା ଉତ୍ସବ



ଭୁବନେଶ୍ୱର,୨୭/୧ (ନି.ପ୍ର): ରାଜ୍ୟର ସର୍ବପୁରାତନ ତଥା ସର୍ବବୃହତ୍ ସାମ୍ବାଦିକ ସଂଗଠନ ‘ଉତ୍କଳ ସାମ୍ବାଦିକ ସଂଘ’ର ୭୮ତମ ପ୍ରତିଷ୍ଠା ଉତ୍ସବ ସଂଘର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ପୌରହିତ୍ୟ କରିଥିଲେ। ଏଥିରେ ରାଜ୍ୟର ଭିନ୍ନ ଭିନ୍ନ ୯ଟି ସଂଘର ନେତୃବୃନ୍ଦ ଏକତ୍ରିତ ହୋଇ ଆଲୋଚନାରେ ଭାଗ ନେଇ ସର୍ବସମ୍ମତି ସହମତ ପ୍ରକାଶ କଲେ କି, ଆଗାମୀ ଦିନରେ ସାମ୍ବାଦିକ ସୁରକ୍ଷା ଆଇନ, ଅବସରକାଳୀନ ଭତ୍ତା, ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି ପ୍ରସଙ୍ଗରେ ମିଳିତ ଭାବେ ସଂଗ୍ରାମ ଜାରି ରଖିବେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ସନତ ମିଶ୍ର, ଭାଗବତ ତ୍ରିପାଠୀ, ବିମଳ ଭଞ୍ଜଦେଓ, ବିପିନ ସିଂ, ପାର୍ଥସାରଥୀ ଜେନା, ମାଧବାନନ୍ଦ ବେଉରା, ବାଉରୀବନ୍ଧୁ ମହାରଣା, ସଞ୍ଜୟ ଦାସ, ପବିତ୍ର ମହାରଥା, ଦେବ ମହାପାତ୍ର, ସମ୍ବିତ ରାୟ, ସୁପ୍ରିୟା ଦାସ, ଅଶୋକ ସାହୁ, ଅଶୋକ ମିଶ୍ର, ପରେଶ ଜେନା, ଉମେଶ ସାମନ୍ତରାୟ, ଜୟଦେବ ବେହେରା, ଅସିତ ଦାସଙ୍କ ସମେତ ମୟୁରଭଞ୍ଜ ଓ ମାଲକାନଗିରି ଜିଲ୍ଲାର ୧୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ପ୍ରମୁଖ ସଂଘର କାର୍ଯ୍ୟଧାରାରେ ଖୁସି ବ୍ୟକ୍ତ କରି ସଦସ୍ୟତା ଗ୍ରହଣ କରିଥିଲେ। ଏହି ଉତ୍ସବରେ ୩୦ଟି ଜିଲ୍ଲାରୁ ସଭାପତି ଓ ବହୁ ସଂଖ୍ୟାରେ କର୍ମକର୍ତ୍ତା ଯୋଗଦେଇ ସାମ୍ବାଦିକତା ଓ ବୃତ୍ତିଗତ ସମସ୍ୟା ସମାଧାନ ଦିଗରେ ସରକାରଙ୍କ ଆଭିମୁଖ୍ୟ ନେଇ ନିଜ ନିଜର ମତ ରଖିଥିଲେ। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂଘର ମୁଖପତ୍ର ‘ଓଡ଼ିଶା ବାର୍ତ୍ତାଜୀବୀ’ର ଉନ୍ମୋଚନ କରାଯାଇଥିଲା। ଏଥିରେ ବୈଷ୍ଣବ ଚରଣ ଜେନା, ବିଜୟ କୁମାର ପଣ୍ଡା, ଅର୍ଦ୍ଧେନ୍ଦୁ ଦାସ, ନିରଞ୍ଜନ ବିଶ୍ୱାଳ, ସୁଜ୍ଞାନୀ ଚୌଧୁରୀ, ପପୁ ମହାନ୍ତି, ଶଶିଭୂଷଣ ପ୍ରହରାଜ ପ୍ରମୁଖ ସାମିଲ ହୋଇ ନିଜର ମତ ରଖିଥିଲେ। ଏହାପରେ କୋଷାଧ୍ୟକ୍ଷ ରାଜେନ ଚୌଧୁରୀ ରାଜ୍ୟ ସଭାପତିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଥିଲେ। ସାମ୍ବାଦିକ ବ୍ରଜ ସିଂ ଓ ତୀର୍ଥବାସୀ ରଥଙ୍କ ବିୟୋଗରେ ଶୋକସଭା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲା ଶାଖା ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ଦୁର୍ଯ୍ୟୋଧନ ପାତ୍ର, ପ୍ରଭାତ ମିଶ୍ର, ଭାଗବତ ତ୍ରିପାଠୀ, ଶ୍ରୀକାନ୍ତ ଖଟେଇ, ରତ୍ନାକର ବେହେରା, ରାଧାକାନ୍ତ ମିଶ୍ର, ରମାନନ୍ଦ ସ୍ୱାଇଁ, ତ୍ରିବିକ୍ରମ ମହାପାତ୍ର, ସନ୍ତୋଷ ଦାସ, ହରିହର ସ୍ୱାଇଁ, ପ୍ରଦୀପ ତ୍ରିପାଠୀ, ଜଗଦୀଶ ପୁରୋହିତ, ସାଧାରଣ ସମ୍ପାଦକ ଶଶାଙ୍କ ମିଶ୍ର, ଲୋକନାଥ ଦଳେଇ, ରାଜେଶ ମହାନ୍ତି, ସରୋଜ ବେହେରା, ପଦ୍ମଲୋଚନ ପାତ୍ର, ହାରାଧନ ବାନାର୍ଜୀ, ମଦନ ପାଣି, ସୁଦର୍ଶନ ସେନାପତି, ଜାତୀୟ ପରିଷଦର ସଦସ୍ୟ ସୁବାସ ମହାପାତ୍ର, ସୁବାସ ପ୍ରଧାନ, ଆଦର୍ଶ ପଟ୍ଟନାୟକ, ଦେବାଶିଷ ପୁରୋହିତ ପ୍ରମୁଖ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ସାହୁ, ଜିତେନ୍ଦ୍ର ସାହୁ, ନୃସିଂହ ପ୍ରସାଦ ମହାପାତ୍ର, ମନୋଜ ପ୍ରଧାନ, ଭରତ ବେହେରା, ଜିତେନ୍ଦ୍ର ମହାନ୍ତି, ଟୁଲୁ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଗଣତନ୍ତ୍ର ଓ ଆଦର୍ଶ ଛାତ୍ରନେତାଙ୍କ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ତେବେ ବି ପ୍ରକାର "ଗ" ର ନିଷ୍କ୍ରିୟତା ଭାବ ଏବଂ ପ୍ରକାର "ଘ" ର କାର୍ଯ୍ୟଶୈଳୀରେ କିଛିଟା ତୃଟି କେଉଁଠି ନା କେଉଁଠି ଦାୟୀ ତ ନିଶ୍ଚିତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଏହି ଚାରୋଟି ପ୍ରକାରର ଛାତ୍ର ସଂଗଠନ ମାନଙ୍କ ମଧ୍ୟରୁ କିଛି ସଂଗଠନ ନିଜ ମୁଖବନ୍ଧରେ ଅଣରାଜନୈତିକ ବୋଲି ନିଜକୁ ଘୋଷଣା କରୁଥିଲେ ହେଁ ସଭିଏଁ ରାଜନୈତିକ ଢାଂଚାରେ ପରିଚାଳିତ। ତେଣୁ ଭବିଷ୍ୟତରେ ନେତା ହେବା ପାଇଁ ଯିଏ ଏହି ଛାତ୍ର ସଂଗଠନ ମାନଙ୍କୁ ଆସିଥାଏ, ସଂଗଠନରେ ଅଧିକ କ୍ଷମତାଶାଳୀ ହେବା ପାଇଁ ନିଜ ପକେଟରୁ ଖର୍ଚ୍ଚ କରି ହେଉ ଅଥବା ନିଜସ୍ୱ ସଂଗଠନ ନିର୍ମାଣ କରିଥାଏ। ସାଂଗଠନିକ କ୍ଷମତା ପାଇଲା ପରେ ଏହାର ଦୁରୁପଯୋଗ କରି ସଂଗଠନର କାର୍ଯ୍ୟକର୍ତ୍ତା ମାନଙ୍କୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରେ। ଏହା ହିଁ ଛାତ୍ର ସଂଗଠନ ମାନଙ୍କରେ ଏବଂ ଛାତ୍ର ରାଜନୀତିରେ ହେଉଥିବା ବିଶୃଙ୍ଖଳାର ପ୍ରମୁଖ କାରଣ। ବର୍ତ୍ତମାନ ଓଡ଼ିଶାରେ ହେବାକୁ ଥିବା ପଂଚାୟତ ନିର୍ବାଚନରେ ଅଧିକାଂଶ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ପି.ଏଚ.ଡି, ବି.ଟେକ୍ ଇତ୍ୟାଦି ପାସ୍ ଆଉଟ। ମର୍ଯ୍ୟାଦା ତଥା ସମ୍ମାନ ହରାଇ ସାରିଥିବା ସରପଂଚ ପ୍ରାର୍ଥୀତ୍ୱକୁ ମଧ ସ୍ୱୀକାର କରିଛନ୍ତି ଶିକ୍ଷିତ ଯୁବପିଢି। ଏଥିଯୋଗୁଁ ମର୍ଯ୍ୟାଦା ହରାଇ ସାରିଥିବା ତୃଣମୂଳ ସ୍ତରୀୟ ପଂଚାୟତ ନିର୍ବାଚନ ଫେରି ପାଇଛି ଯଶ ଗୌରବ। ତେବେ ଏହି ଶିକ୍ଷିତ ମାନେ କ୍ୟାମ୍ପସରୁ ବାହାରି ସାମାଜିକ ସ୍ତରରେ ମନ ବଳାଇଲେ କେମିତି? ସବୁ ଏଇ ଛାତ୍ର ରାଜନୀତି ମାଧମରେ ପ୍ରଶିକ୍ଷଣ କାରଣରୁ। ତେଣୁ ଛାତ୍ର ରାଜନୀତିରେ ଥିବା ସବୁ ଆବର୍ଜନାକୁ ସଫା କରିବା ନିହାତି ଆବଶ୍ୟକ। ସେ ଆବର୍ଜନାକୁ ସଫା କରିବାର ଦାୟିତ୍ୱ କେବଳ ଛାତ୍ର ମାନଙ୍କର ନୁହେଁ ବରଂ ସମଗ୍ର ଶିକ୍ଷା ପରିବାରର। "ଶିକ୍ଷା ଜୀବନ ପାଇଁ ଏବଂ ଜୀବନ ରାଷ୍ଟ୍ର ପାଇଁ" ଏହି ମନ୍ତ୍ରରେ ଛାତ୍ରମାନଙ୍କୁ କରାଇ ଛାତ୍ର ରାଜନୀତିର ଶୁଦ୍ଧୀକରଣ କରିପାରିଲେ ହିଁ ଗଣତନ୍ତ୍ରରେ ଆଦର୍ଶ ଛାତ୍ରନେତାଙ୍କ ପରିଭାଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହିତ ବଜାୟ ରହିପାରିବ "ଛାତ୍ରଶକ୍ତି ରାଷ୍ଟ୍ରଶକ୍ତି" ଧେୟବାକ୍ୟର ସାର୍ଥକତା।

(ମୋ)୮୦୯୩୨୯୮୭୨୪

## ବାଲିଆପାଳରେ ବିଭିନ୍ନ ସ୍ଥାନରେ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ

ବାଲିଆପାଳ, ୨୭/୦୧ (ନି.ପ୍ର):ବାଲିଆପାଳରେ ବିଭିନ୍ନ ସ୍ଥାନରେ ୭୩ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ବାଲିଆପାଳ ତହସିଲ ପରିସରରେ ତହସିଲଦାର ଦୀପକ କୁମାର ଦାସ ଜାତୀୟ ପତକା ଉତ୍ତୋଳନ କରିଥିଲେ ।ବାଲିଆପାଳବ୍ଲକ ପରିସରରେ ବିଡିଓ ଲଳିତ ସୋରେଙ୍ଗ,ବାଲିଆପାଳ ଥାନା ପରିସରରେ ଆଇଆଇସି ପର୍ଶୁରାମ ସାହୁ,ସିମୁଳିଆ ୟୁଜି ୟୁପି ସ୍କୁଲ ପରିସରରେ ବ୍ଲକଶିକ୍ଷାଅଧିକାରୀ ସୁଧାଂଶୁ ଜେନା, କ୍ରିଡା କଲେଜରେ କଲେଜ ପରିଚାଳନା କମିଟି ସଭାପତି ଡଃ ଅଦ୍ୱୈତ ପାତ୍ର, ସୁବର୍ଣ୍ଣରେଖା ଯୁବକ୍ରୀଡା ସଂସଦ ପରିସରରେ ବାଲିଆପାଳ ସରପ ମଧୁସୂଦନ ବାରିକ, ବାଲିଆପାଳ କଳାକାର ସଂଘ ପକ୍ଷରୁ ଅନୁଷ୍ଠିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ସଭାପତି ଝାଡେଶ୍ୱର ପ୍ରଧାନ,ମିଡିଆ ଫୋରମ କାର୍ଯ୍ୟାଳୟରେ ସଭାପତି ପ୍ରତାପ କୁମାର ପାତ୍ର,ସୁବର୍ଣ୍ଣରେଖା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ସୁନାରୁଇ ହାଇସ୍କୁଲରେ ପ୍ରଧାନଶିକ୍ଷକ ନିରଞ୍ଜନ ପ୍ରଧାନ, କୁମ୍ଭାରୀ ନୋଡାଲ ସ୍କୁଲରେ ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ପାତ୍ର ପ୍ରମୁଖ ପତକା ଉତ୍ତୋଳନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୁଖ୍ୟମନ୍ତ୍ରୀଙ୍କ କୋଭିଡ....

ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜନସାଧାରଣ ଯେପରି କୋଭିଡ ସୁରକ୍ଷା ନିୟମାବଳୀ ଠିକ୍ ଭାବରେ ପାଳନ କରନ୍ତି, ସେଥିପ୍ରତି ବିଶେଷ ଯତ୍ନବାନ ହେବା ପାଇଁ ମୁଖ୍ୟମନ୍ତ୍ରୀ ପୋଲିସକୁ ପରାମର୍ଶ ଦେଇଥିଲେ ।ସେହିପରି ପୃଥକ ବାସରେ ଘରେ ରହି ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଂପର୍କରେ ରାପିଡ୍ ରେସପନ୍ସ ଟିମ୍ ଓ କ୍ଷେତ୍ର କର୍ମଚାରୀ ମାନେ ଠିକ୍ ଭାବରେ ତଦାରଖ କରିବା ପାଇଁ ମଧ ପରାମର୍ଶ ଦେଇଥିଲେ । ବର୍ତମାନ ପରିସ୍ଥିତିରେ ଆତଙ୍କିତ ନ ହୋଇ କୋଭିଡ ସୁରକ୍ଷା ନିୟମାବଳୀକୁ ସଠିକ୍ ଭାବରେ ପାଳନ କରିବା ପାଇଁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା କୋଭିଡ ନିୟମାବଳୀର ପରିପାଳନ ନିମନ୍ତେ ପ୍ରଶାସନ ନେଇଥିବା ବିଭିନ୍ନ ପଦକକ୍ଷେପ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର .କେ ଶର୍ମା ରାଜ୍ୟରେ କୋଭିଡ ସ୍ଥିତି ସଂପର୍କରେ ଏକ ବିସ୍ତୃତ ଚିତ୍ର ଉପସ୍ଥାପନା କରିଥିଲେ। ରାଜ୍ୟରେ ଦୈନିକ ଟେଷ୍ଟିଂ ୬୫ ହଜାରରୁ ୭୦ ହଜାର ରହିଥିବା ବେଳେ, ପଜିଟିଭିଟି ହାର ୧୧.୪ ପ୍ରତିଶତ ରହିଛି । ଯାହାକି ଜାତୀୟ ହାର ଠାରୁ କମ୍ ଅଟେ। ଯାଜପୁର, ବାଲେଶ୍ୱର, କଟକ, ସୁନ୍ଦରଗଡ ଓ ଖୋର୍ଦ୍ଧାରେ ପଜିଟିଭିଟି ହାର ତୁଳନାତ୍ମକ ଭାବେ ଅଧିକ ଅଛି ବୋଲି ସେ ସୂଚନା ଦେଇଥିଲେ । ସେହିପରି ଟିକାକରଣ ସ୍ଥିତି ମଧ ସନ୍ତୋଷଜନର ରହିଛି ବୋଲି ଶ୍ରୀ ଶର୍ମା ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଓ କଟକ ମ୍ୟୁନିସପାଲ କମିଶନର ଏବଂ ଖୋର୍ଦ୍ଧା ଓ ରାୟଗଡାର ଜିଲ୍ଲାପାଳ ମାନେ ସେମାନଙ୍କ ଅଂଚଳର ପରିସ୍ଥିତି ସଂପର୍କରେ ବୈଠକରେ ଉପସ୍ଥାପନା କରିଥିଲେ ।

### ୭୩ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ....

ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇ ମଂଚ ନିକଟକୁ ପାଛୋଟି ନେଇଥିଲେ । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୮.୩୦ ମିନିଟ୍ ସମୟରେ ଜାତୀୟ ପତାକା ଉତୋଳନ କରିଥିଲେ । ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ ପରେ ସୀମା ସୁରକ୍ଷା ବାହିନୀ, କେନ୍ଦ୍ରୀୟ ରିଜର୍ଭ ପୋଲିସ, ଏସ୍.ଏସ୍. ବାଟାଲିୟନ୍, ଏସ୍.ଓ.ଜି, ଅଗ୍ନିଶମ ବାହିନୀ, ଓଡ଼ିଶା ବିପର୍ଯ୍ୟୟ ତ୍ୱରିତ କାର୍ଯ୍ୟନିର୍ବାହୀ ଦଳ ଏବଂ ପୋଲିସ୍ ବ୍ୟାଣ୍ଡଙ୍କଠାରୁ ରାଜ୍ୟପାଳ ଅଭିବାଦନ ଗ୍ରହଣ କରିଥିଲେ । ଏହି ସଂକ୍ଷିପ୍ତ ଉତ୍ସବରେ ସମୁଦାୟ ୧୦ଟି ଦଳ ପ୍ୟାରେଡ୍ ରେ ଭାଗ ନେଇଥିଲେ । ରୋହିତ ବର୍ମା, ଏ.ଏସ୍.ପି. (ୟୁ.ଟି), ଅନୁଗୋଳ ପ୍ୟାରେଡ୍ ପରିଚାଳନା କରିଥିଲେ । ୫୦ ଜଣ କୋଭିଡ୍ ଯୋଦ୍ଧା, କ୍ୟାପିଟାଲ୍ ହସ୍ପିଟାଲ୍ ର ୨୫ ଜଣ ସ୍ୱାସ୍ଥ୍ୟକର୍ମୀ, ଭୁବନେଶ୍ୱର ମହାନଗର ନିଗମର ୨୫ ଜଣ ସଫେଇ କର୍ମଚାରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ 'ଟି') ଭି.କେ. ପାଣ୍ଡିଆନ୍, ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ, ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏବଂ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଉପସ୍ଥିତ ଥିଲେ । ଆଜିର କାର୍ଯ୍ୟକ୍ରମକୁ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ସହନିର୍ଦ୍ଦେଶକ (କ୍ଷେତ୍ର) ଏବଂ ଡ. ମୃତ୍ୟୁଂଜୟ ରଥ ସଂଯୋଜନା କରିଥିଲେ ।

### ସଂଶୟ ଦୂର କଲା କେନ୍ଦ୍ର, ୨୦୦୭ରେ....

ମୋଦିଙ୍କ ଘୋଷଣା ପରେ ଜାନୁଆରୀ ୩ରୁ ଦେଶରେ ୧୫ରୁ ୧୮ ବର୍ଷ ବର୍ଗରେ ଥିବା ପିଲାମାନଙ୍କ ଟିକାକରଣ କରାଯାଉଛି। ସେହିପରି ଜାନୁଆରୀ ୧୦ରୁ ୬୦ ବର୍ଷରୁ ଅଧିକ ବୟସ୍କ ଓ ବହୁବିଧି ରୋଗରେ ପୀଡ଼ିତ ଲୋକଙ୍କୁ ବୁଷ୍ଟର ଡୋଜ୍ ଦେବା ଆରମ୍ଭ କରାଯାଇଛି। ଡାକ୍ତରଙ୍କ ପରାମର୍ଶକ୍ରମେ ସେମାନେ ଟିକାର ବୁଷ୍ଟର ଡୋଜ୍ ବା ପ୍ରତିଷେଧମୂଳକ ଡୋଜ୍ ନେଇପାରିବେ। କରୋନାର ସମ୍ମୁଖଯୋଦ୍ଧାଙ୍କୁ ମଧ ଟିକାର ବୁଷ୍ଟର ଡୋଜ ଦିଆଯାଉଛି। ସୂଚନାଯୋଗ୍ୟ, ଦେଶରେ ବର୍ତ୍ତମାନ ୧୫ରୁ ୧୮ ବର୍ଷ ବର୍ଗଙ୍କୁ ଭାରତ ବାୟୋଟେକ ପ୍ରସ୍ତୁତ କରିଥିବା କୋଭାକ୍ସିନ ଟିକା ଦିଆଯାଉଛି। କାରଣ ଅକ୍ଟୋବର ମାସରେ ସବଜେକ୍ଟ ଏକ୍ସପର୍ଟ କମିଟି କୋଭାକ୍ସିନକୁ ୨ରୁ ୧୮ ବର୍ଷ ବର୍ଗର ପିଲାମାନଙ୍କୁ ଦେବାକୁ ସୁପାରିସ କରିଛି। ଏହାକୁ ଆଧାର କରି ଭାରତ ସରକାର କୋଭାକ୍ସିନକୁ ହିଁ ବ୍ୟବହାର ପାଇଁ ଅନୁମତି ଦେଇ ପାରନ୍ତି।

### ମୁହଁ ଖୋଲିଲେ ପ୍ରସାଦ....

ଗାଁଗଣ୍ଡାରେ ମୁଣ୍ଡ ଟେକି ଚାଲି ପାରୁ ନାହାନ୍ତି। ସବୁ ସୁବିଧା ସୁଯୋଗରୁ ବଂଚିତ ହୋଇଛନ୍ତି। ଏଭଳି ସମୟରେ ଆମେ କଂଗ୍ରେସର ନେତାମାନେ ଏକାଠି ହୋଇ ଦଳକୁ କେମିତି ପୁଣି ଉଠାଇ ହେବ, ସେ କଥା ଚିନ୍ତା କରିବା ଉଚିତ୍। କିଏ ନିର୍ବାଚନ ଲଢ଼ିବ ସେ ନେଇ ଟିକେଟ ପିସିସି ସଭାପତି ଦିଅନ୍ତି। ନିର୍ବାଚନ ପରିଚାଳନା କରିବା ଦାୟିତ୍ୱ ହେଉଛି ପିସିସିଙ୍କର। ସେଥିରେ ତାଙ୍କର କୌଣସି ଭୂମିକା ନାହିଁ। ପଂଚାୟତ ନିର୍ବାଚନ ଲାଗି କଂଗ୍ରେସ ଭବନର ଜଣେ କର୍ମୀଙ୍କୁ ଟିକେଟ ଦେଇ ମୋ ପାଖକୁ ପଠା ଯାଇଥିଲେ ବି ମୁଁ ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ବୁଝୁ ନଥିବାରୁ ଟିକେଟ ନେବାକୁ ମନା କରିଥିଲି ବୋଲି କହିଛନ୍ତି ପ୍ରସାଦ ହରିଚନ୍ଦନ।

### ଜେଲ ଗଲେ କୋଟିପତି....

ଓ ଆଗଲପୁର ବ୍ଲକରେ ଥିବା କାର୍ଯ୍ୟାଳୟରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ତାଙ୍କର ୧ କୋଟି ୩୨ ଲକ୍ଷ ଟଙ୍କାର ସ୍ଥାବର ଅସ୍ଥାବର ସଂପତ୍ତି ଥିବା ଜଣାପଡିଥିଲା । ଆୟ ସଂପର୍କରେ ସଠିକ ତଥ୍ୟ ଦେଖାଇ ନ ପାରିବାରୁ, ଭିଜିଲାନ୍ସ ପ୍ରଫୁଲ୍ଲ ଓ ତାଙ୍କ ସ୍ତ୍ରୀଙ୍କ ନାଁରେ ମାମଲା ରୁଜୁ କରିଥିଲା। ପ୍ରଫୁଲ୍ଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନା ମଂଜୁର ହେବାରୁ ତାଙ୍କୁ ଜେଲ ଯିବାକୁ ପଡିଛି।

## ବେଆଇନ ଚିଙ୍ଗୁଡ଼ିଘେରି, ପାଣି ନିଷ୍କାସନର ବାଧକ ସାଜିବ

ଲଙ୍ଗଳେଶ୍ୱର, ୨୭/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ କାଳସିମୁଳି, ଜମ୍ବୀରାଇ ବଳଙ୍ଗଚକ,ଚାଉଳତି, ଇତ୍ୟାଦି ଗ୍ରାମ ଦେଇ ପ୍ରବାହିତ ହେଉଥିବା ହଂସକରା, ସୋନ, ଓ ଖୋଳା ନଦୀ କଡ଼ରେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି ଖୋଳା ଯାଉଛି ।କିଛି ବ୍ୟକ୍ତିଗତ ଜାଗାରେ ଖୋଳୁଥିବା ବେଳେ ଅଧିକାଂଶ ସରକାରୀ ଜାଗା ଜବର ଦଖଲ କରି ଖୋଳା ଚାଲିଛି । ବିଶେଷ କରି ନଦୀ ଚରଣୀ ବହୁତ ଚଉଡା ଥିବାରୁ ସେ ଚରଣୀ କୁ ବେଆଇନ ଭାବେ ଦଖଲ କରି କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠି ଘେରି ଖୋଳିବାରେ ଲାଗିପଡିଛନ୍ତି । ଯାହାଫଳରେ ବନ୍ୟା ଜଳ ନିଷ୍କାସନ ହୋଇ ନ ପାରି ଜମ୍ବୀରାଇ, କାଳସିମୁଳି, ବଳଙ୍ଗଚକ, ଗିହ୍ନାଗଡ଼ିଆ, ବାରମଣିଆ ଇତ୍ୟାଦି ଗ୍ରାମର ହଜାର ହଜାର ହେକ୍ଟର ଚାଷ ଜମି ନଷ୍ଟ ହେବ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ଅଞ୍ଚଳର ଶହ ଶହ ଚାଷୀ ସ୍ଥାନୀୟ ପ୍ରଶାସନ ବାଲିଆପାଳ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବା ସହିତ ବାରମ୍ବାର ଅଭିଯୋଗ କରିଥିଲେ ହେଁ କିଛି ସୁଫଳ ମିଳୁନି। ବାଲିଆପାଳ ବ୍ଲକର ଭାତ ହାଣ୍ଡି କହୁଥିବା ଏଇ ଅଞ୍ଚଳରେ ଚାଷ ଜମିରେ ଧାନ ଚାଷ ନଷ୍ଟ ହେଲେ ଚାଷୀ ମାନଙ୍କ ସହ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେବେ। ନଦୀ ଆସ୍ତେ ଆସ୍ତେ ସଙ୍କୁଚିତ ହେବା ସହିତ ଅଣଓସାରିଆ ହେବାରେ ଲାଗିଛି। ରାଜସ୍ୱ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସାଧରଣରେ ସନ୍ଦେହ ସୃଷ୍ଟି କରୁଛି ।ତେବେ ଏଇ ବେଆଇନ ଚିଙ୍ଗୁଡ଼ି ଘେରି ଖୋଳା ବନ୍ଦ କର ନ ଗଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ସହିତ ବାଲିଆପାଳ ତହସିଲ ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି କୃଷକ ନେତା ନିରଞ୍ଜନ ରାଉତ, ଅଦ୍ୱୈତ ବାଗ, ସାରଦା ଗିରି, ରବୀନ୍ଦ୍ର ସେଠି, କାମ ମାଝୀ, କାର୍ତିକ ପାତ୍ର, ହରିପଦ ରଣା, ନୀଳ କଣ୍ଠ ମଣ୍ଡଳ, ପ୍ରମୁଖ ଚେତାବନୀ ଦେଇଛନ୍ତି ।ଏ ବାବଦରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସଙ୍କୁ ପଚାରିବାରୁ ସେ କହିଲେ ମୋ ପାଖରେ କିଛି ଅଭିଯୋଗ ନାହିଁ ।ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଗୋଲକ ନାରାୟଣ ହାଇସ୍କୁଲରେ ଚକ୍ଷୁ ପରୀକ୍ଷା

ବସ୍ତା, ୨୭/୦୧ (ନି.ପ୍ର): ବସ୍ତାବ୍ଲକ ଅଧିନସ୍ଥ ଦେପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଇଡିଦା ଗୋଲକ ନାରାୟଣ ହାଇସ୍କୁଲ ପୁରାତନ ଛାତ୍ରସଂସଦ ପକ୍ଷରୁ ବୁଧବାର ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ବିନା ମୂଲ୍ୟରେ ଚକ୍ଷୁ ପରିକ୍ଷା କରିବା ସହିତ ଆବଶ୍ୟକ ସ୍ଥଳେ ଚଷମା ଦେବାର ବ୍ୟବସ୍ଥା କରାଯାଇଅଛି । ତେବେ ବିନାଶୁଳ୍କରେ ଛାତ୍ର ଛାତ୍ରୀ ଚିକିତ୍ସା ଯୋଗାଇବା ସହିତ ବୟସ୍କ, ଗରିବ ଦିନମଜୁରିଆ ମାନେ ବିଶେଷ ଉପକୃତ ହେବା ସହିତ ଆଖି ଯନ୍ତ୍ରଣାରୁ ଉପସମ ପାଇଁ ଅପରେଶନ ବ୍ୟବସ୍ଥା ଅଳ୍ପ ଶୁଳ୍କରେ ପାଇପାରିବେ ବୋଲି ପୁରାତନ ସଂସଦ ପକ୍ଷରୁ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

## ପ୍ରଶାସନିକ ଉଦାସୀନତା ଯୋଗୁଁ ଜଳେଶ୍ୱର ପୌରପାଳିକା ଅଧ୍ୟକ୍ଷ ପଦବୀ ସଂରକ୍ଷଣରୁ ବଂଚିତ

ଜଳେଶ୍ୱର ୨୭/୧(ନି.ପ୍ର): ଦୀର୍ଘ ୫୭ ବର୍ଷ ଧରି ପ୍ରଶାସନୀକ ଉଦାସୀନତା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ପୌରପାଳିକାର ଅଧ୍ୟକ୍ଷ ପଦବୀ ଅନୁସୂଚିତ ବର୍ଗର ଲୋକଙ୍କ ଲାଗି ସଂରକ୍ଷିତ ହୋଇ ପାରିନାହିଁ । ଫଳରେ ପୌରପାଳିକାରେ ବସବାସ କରି ଆସୁଥିବା ଅନୁସୂଚିତ ଲୋକେ ସାମ୍ବିଧାନିକ ଅଧିକାରରୁ ବଂଚିତ ହୋଇ ଆସୁଥିବାର ଆଜି ଗୁରୁବାର ଏକ ସମ୍ବାଦଦାତା ସମ୍ମିଳନୀରେ ଆମ୍ବେଦକର ସମତା ମଂଚ ପକ୍ଷରୁ ଅଭିଯୋଗ କରାଯାଇଛି । ଉପାନ୍ତ ଜଳେଶ୍ୱରର ବିକାଶ ଲାଗି ୧୯୬୪ ମସିହାରେ ଜଳେଶ୍ୱରକୁ ବିଜ୍ଞାପିତ କ୍ଷେତ୍ର ପରିଷଦ ଓ ୨୦୧୩ରୁ ପୌରପାଳିକାଭାବେ ଘୋଷଣା ହେବା ସହିତ କାର୍ଯ୍ୟକାରୀ ହୋଇ



ଆସୁଛି । ୫୭ବର୍ଷ ମଧ୍ୟରେ ୯ଜଣ ନିର୍ବାଚିତ ପ୍ରତିନିଧି ଅଧ୍ୟକ୍ଷ ପଦବୀ ମଣ୍ଡନ କରିସାରିଲେଣି । ଏଥିରୁ ୮ଜଣ ସାଧାରଣ ବର୍ଗର ହୋଇଥିବା ବେଳେ ଜଣେ ଅନୁସୂଚିତ ଜନଜାତି ମହିଳା ରହିଥିଲେ । ସେହିପରି ସାଧାରଣ ବର୍ଗଙ୍କ ମଧ୍ୟରୁ ଜଣେ ମହିଳାମଧ୍ୟ ଅଧ୍ୟାକ୍ଷା ପଦବୀ ମଣ୍ଡନ କରିଛନ୍ତି । ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଅନୁସୂଚିତ ଜାତି ପକ୍ଷରୁ ସଂରକ୍ଷଣ ବ୍ୟବସ୍ଥା ହେବାକୁ ଥିବା ବେଳେ ଅଦ୍ୟାବଧି ହୋଇନଥିବାରୁ ସମତା ମଂଚ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ପ୍ରତି ୧୫ବର୍ଷରେ ଥରେ ନିର୍ଦ୍ଦିଷ୍ଟ ବର୍ଗର ସଂରକ୍ଷଣ ବ୍ୟବସ୍ଥା ହେବାକୁ ଥିବା ବେଳେ ୫୭ବର୍ଷ ମଧ୍ୟରେ ଅଧ୍ୟକ୍ଷ ପଦବୀରେ ଅନୁସୂଚିତ ଜାତି ବଂଚିତ ହେଉଥିବାରୁ ନ୍ୟାୟ ନ ମିଳିଲେ ମଂହଚ ପକ୍ଷରୁ ଆଇନ୍‌ର ଆଶ୍ରୟ ନିଆଯିବ ବୋଲି ସମ୍ବାଦଦାତା ସମ୍ମିଳନୀରେ କୁହାଯାଇଛି । ତ୍ରିସ୍ତରୀୟ ନିର୍ବାଚନରେ ଗୋଟିଏ ପଂଚାୟତର ମାତ୍ର ଏକ ନିର୍ଦ୍ଦିଷ୍ଟ ସଂରକ୍ଷଣ ବର୍ଗର ପରିବାର ଥିଲେ ମଧ୍ୟ ସେଠାରେ ପଦପଦବୀ ସଂରକ୍ଷଣ ବ୍ୟବସ୍ଥା ହେଉଥିବା ବେଳେ ଜଳେଶ୍ୱର ପୌରପାଳିକା ସେଥିରୁ ବଂଚିତ କାହିଁକି ବୋଲି ପ୍ରଶ୍ନ ପଚାରିଛନ୍ତି । ଏ ସମ୍ପର୍କରେ ଆମ୍ବେଦକର ସମତା ମଂଚ ପକ୍ଷରୁ ଅଶୋକ କୁମାର ଜେନା ଗତ ୨୮-୧୨-୨୧ରେ ଜିଲାପାଳ ଓ ୧୮-୧-୨୨ରେ ରାଜ୍ୟ ସରକାରଙ୍କ ସହରାଞ୍ଚଳ ବିକାଶ ତଥା ପୌରପାଳିକାର ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରକାଶଯୋଗ୍ୟ ଅତିତରେ ମହେଶ୍ୱର ବେହେରା, ସତ୍ୟରାଣୀ ସାମଲ, ଜଗନ୍ନାଥ ଗୋଛାୟତ, ଅଜୟ କୁମାର ପାତ୍ର, ସପନ କୁମାର ସାମଲ, ଗଣେଶ ମାଇତି ଓ ଗୌରୀଶଂକର ମାଇତି ପୃଥକ ପୃଥକ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଆଜିର ବୈଠକରେ ଅଶୋକ କୁମାର ଜେନା, ସୁବ୍ରତ ବେରା, ଜଗନ୍ନାଥ ଗୋଛାୟତ, ଗଣେଶ ଚନ୍ଦ୍ର ମାଇତି ପ୍ରମୁଖ ଉପସ୍ଥିତ ଥିଲେ ।

## ଦେବଦତ୍ତ ରାୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ: ବନଦୁର୍ଗା କ୍ଲବ୍ ଚାମ୍ପିୟନ୍

କଟକ, ୨୭/୦୧ (ନି.ପ୍ର): ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ମୁଣ୍ଡଳି ଗ୍ରାମ ପଞ୍ଚାୟତର ବେଣ୍ଟୁଆ ଖେଳ ପଡ଼ିଆରେ ମା' ଆଦିଦେବୀ ଆଦିବାସୀ ବେଣ୍ଟୁଆ କ୍ଲବ୍ ପକ୍ଷରୁ ୪ଦିନ ବ୍ୟାପୀ ଦେବଦତ୍ତ ରାୟ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚରେ ଆଠଗଡ଼ର ଓମ୍ ବନଦୁର୍ଗା କ୍ଲବ୍ ୧-୦ ଗୋଲରେ ଭୁବନେଶ୍ୱର ଭବାନୀ କ୍ଲବକୁ ହରାଇ ଚାମ୍ପିୟନ୍ ଟ୍ରଫି ହାସଲ କରିଛି । ଉକ୍ତ ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ସୁଶାନ୍ତ କୁମାର ମିଶ୍ର ଖେଳ ପରିଚାଳନା କରିଥିଲେ। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଡକ୍ଟର ସତ୍ୟ ରାୟ, କଟକ ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଭକ୍ତବଲ୍ଲଭ ଦାସ, ଇଂ କେକେ ଦାସବର୍ମା, ସରପଞ୍ଚ ଶ୍ରୀକାନ୍ତ ଜେନା, ଯୁବ ସମାଜସେବୀ ନଳିନୀ କୁମାର ରାୟ, ପ୍ରମିଳା ଦାସବର୍ମା, ତୁଳସୀ ରାୟ, ଅଶ୍ୱିନୀ କୁମାର ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇ ବିଜୟୀ ଦଳ ଓ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କ୍ଲବର କର୍ମକର୍ତ୍ତା ମଙ୍ଗଳ ପୂର୍ତ୍ତି, ପଞ୍ଚାନନ ସିଙ୍କୁ, ଜଗା ସିଙ୍କୁ ଓ ଶ୍ରୀପତି ହେମ୍ବ୍ରମ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଖୋର୍ଦ୍ଧା ବିଜେବି ହାଇସ୍କୁଲରେ ବକ୍ସିଜଗବନ୍ଧୁ ଶ୍ରାଦ୍ଧ ଦିବସ ପାଳନ

ଖୋର୍ଦ୍ଧା, ୨୭/୦୧ (ନି.ପ୍ର): ସ୍ୱର୍ଗତ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ତାଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପ ମାଳ ପ୍ରଦାନ କରାଯାଇ, ପାଇକବୀର ଓ ପାଇକ ସଂଗ୍ରାମ ସେନାପତିଙ୍କ ଗୁଣ ଗାନ କରାଯାଇଥିଲା। ତାଙ୍କ ନାମ ଅନୁସାରେ ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ନାମ ଅନୁସାରେ ହାଇସ୍କୁଲ ନାମ କରଣ କରାଯାଇଥିଲା। ଏହି ଉତ୍ସବରେ ଖୋର୍ଦ୍ଧା ଶ୍ରୀଯୁକ୍ତ ଜିତୁ ମିତ୍ର ବିଧାୟକ, ଖୋର୍ଦ୍ଧା, ଜିଲ୍ଲା ପାଳ ସଂଗ୍ରାମ କେଶରୀ ମହାପାତ୍ର, ଖୋର୍ଦ୍ଧା, ଯୋଗ ଦେଇଥିଲେ।

## ସାଧାରଣତନ୍ତ୍ର ଦିବସ ପାଳିତ

ଲଙ୍ଗଳେଶ୍ୱର, ୨୭/୦୧ (ନି.ପ୍ର): ଲଙ୍ଗଳେଶ୍ୱର ପ୍ରେସକ୍ଲବ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି ।ବିଶିଷ୍ଟ ସମାଜସେବୀ ଭାନୁ ଚରଣ ପାତ୍ର ଜାତୀୟ ପତାକା ଉତ୍ତୋଳନ କରି ସମାଜ ସଂସ୍କାର କ୍ଷେତ୍ରରେ ସାମ୍ବାଦିକ ମାନଙ୍କର ଭୂମିକା ସ୍ୱାଧୀନତା ଆନ୍ଦୋଳନ ଭଳି ବୋଲି କହିଥିଲେ ।ସାମ୍ବାଦିକ ରବିରଂଜନ ତ୍ରିପାଠୀଙ୍କ ପରିଚନାରେ ଅନୁଷ୍ଠିତ ଏଇ ପତାକା ଉତ୍ତୋଳନ ରେ ସାମ୍ବାଦିକ ସୁବଲ ଚନ୍ଦ୍ର ଦାସ, ଗ୍ରାମ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ବିଶ୍ୱନାଥ ଜେନା, ମାନସ ଦାସ, ଘନଶ୍ୟାମ ପଟ୍ଟାୟତ, ସୁବାଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହାବ୍ୟତୀତ ବଣିଆଡିହା ପଞ୍ଚାୟତ ଅଫିସ, ସଚିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟରେ ସରକାରଙ୍କ କୋଭିଡ ନିୟମ ଅନୁଯାୟୀ ପତାକା ଉତ୍ତୋଳନ କରାଯାଇଥିଲା ।ସାଉଡି




ଗ୍ରାମ ହନୁମାନ ମନ୍ଦିର ଛକ ଠାରେ ଜିଲ୍ଲା ବିଜୁ ଜନତା ଦଳ ଏସ ସି ସେଲର ସଭାପତି ପ୍ରଫେସର ଶତ୍ରୁଘନ ମଲ୍ଲିକ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ମନେ ପକାଇଥିଲେ ।ହରିହର ପଟ୍ଟାୟତ, ବିମଳ ଲୋଚନ ମଲ୍ଲିକ,ତରଣୀସେନ ମଲ୍ଲିକ, ଶମ୍ଭୁନାଥ ପଟ୍ଟାୟତ, ଅଚ୍ୟୁତ ପଟ୍ଟୟତ ପ୍ରମୁଖ ଉପସ୍ଥିତ ଥିଲେ।

## ଭଉଁରିଆବାଡ଼ ପଂଚାୟତର ସମିତିସଭ୍ୟା ପ୍ରାର୍ଥିନୀଙ୍କୁ ନେଇ ଚର୍ଚ୍ଚା

ନୀଳଗିରି, ୨୭/୦୧ (ନି.ପ୍ର): ଆଗାମୀ ତ୍ରୀସ୍ତରିୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ନୀଳଗିରି ବ୍ଲକର ବିଭିନ୍ନ ପଚାୟତ ରେ ଭିନ୍ନ ଭିନ୍ନ ପଦବୀ ପାଇଁ ଅନେକ ନୂଆ ମୁଁହ ସହିତ ବହୁ ଶିକ୍ଷିତ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଭଉଁରିଆବାଡ଼ ଗ୍ରା.ପ.ରେ ସମିତିସଭ୍ୟା ପ୍ରାର୍ଥୀନୀ ଭାବେ ଜଣାଶୁଣା ପରୋପକାରୀ ତଥା ରିଜର୍ଭବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ମଦନମୋହନ ମାଝୀଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ମାଝୀ ନିର୍ବାଚନରେ ଛିଡ଼ା ହେବା ଘଟଣା ପଂଚାୟତବାସୀଙ୍କୁ ଅଧିକ ପ୍ରଭାବିତ କରିଛି । ଶୁଭଲକ୍ଷ୍ମୀ ଜଣେ ସରଳ, ଶାନ୍ତ, ପ୍ରକୃତିର ମଣିଷଟି ହୋଇଥିବା ବେଳେ ତାଙ୍କ ଶ୍ୱଶୁର ୪ଚରେ ମାଝୀ ଉକ୍ତ ପଂଚାୟତର ବେଶ ଜଣାଶୁଣା ରାଜନେତା ଥିଲେ। ତାଙ୍କ ଶ୍ୱଶୁରଙ୍କ ନୀତି ଆଦର୍ଶକୁ ପାଥେୟ କରି ମୁଁ ବି ଶ୍ୱଶୁରଙ୍କ ଭଳି ଆଦିବାସୀ ଭାଇ ଭଉଣୀଙ୍କ ସେବା କରିବା ସହିତ ଉକ୍ତ ପଂଚାୟତର ଜନସାଧାରଣଙ୍କ ସେବା କରିବା ପାଇଁ ରାଜନୀତିରେ ପାଦ ଦେଇଛି ବୋଲି ଶୁଭଲକ୍ଷ୍ମୀ କହିଛନ୍ତି। ତାଙ୍କର ସ୍ୱାମୀ ଜଣେ ଉଚ୍ଚ ପଦବୀରେ ଚାକିରିରୁ ଅବସର ନେଇଥିବାବେଳେ ରାଜନୀତିକୁ ନିଜର ଜୀବିକା ଭାବେ ଲକ୍ଷ ନ ରଖି ଲୋକମାନଙ୍କର ସେବା କରିବାର ମୂଳଲକ୍ଷ୍ୟ ନେଇ ନିର୍ବାଚନକୁ ଓହ୍ଲେଇଥିବା ଶୁଭଲକ୍ଷ୍ମୀ କହିଛନ୍ତି । ବିଜେଡି ସମର୍ଥୀତ ଶୁଭଲକ୍ଷ୍ମୀ ନିର୍ବାଚନ ମଇଦାନ ରେ ଛିଡ଼ାହୋଇଥିବା ନେଇ ବିରୋଧୀ ଦଳ ମାନଙ୍କ ମଧ୍ୟରେ ଏକ ପ୍ରକାର ଛନକା ଦେଖିବାକୁ ମିଳିଛି ।

## ହାତିଆଡିହା ଶିବମୁନି ଯୋଗାଶ୍ରମର ୨୫ ତମ ବାର୍ଷିକ ଅଧିବେଶନ

ରୂପସା, ୨୭/୦୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର୨୫ତମ ବାର୍ଷିକ ଅଧିବେଶନ ,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି ।ପ୍ରଥମେ ସେ ବିଶ୍ୱର କଲ୍ୟାଣ ପାଇଁ ସତ୍ୟ ପତାକା ଉତ୍ତୋଳନ କରିଥିଲେ । ମୁଖ୍ୟ ବକ୍ତା ଥିଲେ ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି । ମୁଖ୍ୟ ଅତିଥି ଥିଲେ ବ୍ରହ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନି । ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦକ, ଆଶ୍ରମର ଯୋଗଶିକ୍ଷକ ଯୋଗୀ ରାମଚନ୍ଦ୍ର ବେହେରା । ମୁନି ସଙ୍ଗୀତ ଗାନ କରିଥିଲେ, କଣ୍ଠଶିଳ୍ପୀ ଯୋଗଶିକ୍ଷିକା ମଞ୍ଜୁଲତା ବେହେରା । ଉପସ୍ଥିତ ଥିଲେ- ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ବିମଳା ଲେଙ୍କା, ବାସନ୍ତୀ ମହାଳୀକ, ସେ ଅତି ସୁମଧୁର ସ୍ୱରରେ ମୁନି ସଙ୍ଗୀତ ଗାନ କରିଥିଲେ । ମୁନିରାଜ୍ଞୀ ସୁମତୀ ଦଳାଇ, ମୁନି ମତୀ ମଞ୍ଜୁଲତା ବେହେରା, ପ୍ରତିମା ଜେନା, ପୂର୍ଣ୍ଣିମା ବର,ଜମୁନା ବର, ଝୁନୁଦଳାଇ, ମିନତୀ ବର, ମିନତୀ ମାଝୀ,



ଉର୍ମିଳା ରାଉଳ, ଲୀଳାବତୀ ମେଳା, ଉର୍ମିଳା ସେଠି,ସୁମତୀ ବେହେରା, ମଞ୍ଜୁଲତା ପରିଡ଼ା, ମୁନି କୁମାରୀ ମିନତୀ ଦଳାଇ, ମୁନି ସୁଦର୍ଶନ ବର, ହୃଷିକେଶ ପରିଡ଼ା, କମଳାକାନ୍ତ ବେହେରା,ମୁନି ରାଜ ଅନାଦି ବାରିକ,ଭାସ୍କର ରାଉତ, କାହ୍ନୁଚରଣ ମାଝୀ, ଯୋଗେନ୍ଦ୍ର ବେହେରା, ଶଶଧର ସେନାପତି, ଲକ୍ଷ୍ମଣ ନାୟକ ଇତ୍ୟାଦି । ସମସ୍ତେ କରୋନାର ସମସ୍ତ ନିତୀ ନିୟମ ପାଳନ କରିଥିଲେ । ବର୍ଷକ ମଧ୍ୟରେ ଯେଉଁ ମୁନି ଭାଇ-ଭଉଣୀ ମାନେ ଆତ୍ମଲୋକ ଗମନ କରିଛନ୍ତି ସେମାନଙ୍କ ଆତ୍ମାର ବିଶ୍ରାନ୍ତୀ ନିମନ୍ତେ ପ୍ରଥମେ ନୀରବ ପ୍ରାର୍ଥନା କରାଯାଇଥିଲା । ବିଶ୍ୱର କଲ୍ୟାଣ ନିମନ୍ତେ ସମୂହ ପ୍ରଣବ ଓଶୁଭଭାବନା କରାଯାଇଥିଲା । ଶେଷରେ ଯୋଗୀ ରାମଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିଡିଓଙ୍କ ପ୍ରତିଶ୍ରୁତି ପାଣିର ଗାର : ସ୍ୱୟଂସହାୟିକା ମହାସଂଘ ନ୍ୟାୟରୁ ବଂଚିତ

ଜଳେଶ୍ୱର, ୨୭/୧(ନିପ୍ର): ଜଳେଶ୍ୱର ବ୍ଲକ ଅଂଚଳରେ ଅଂଗନୱାଡି କେନ୍ଦ୍ର ଗୁଡିକୁ ଛତୁଆ ବଣ୍ଟନ ନେଇ ଉପୁଜିଥିବା ସମସ୍ୟାର ସମାଧାନ ଆଜି ହେବ ବୋଲି ଗୋଷ୍ଠି ଉନ୍ନୟନ ଅଧିକାରୀ ମହାସଂଘକୁ ଦେଇଥିବା ପ୍ରତିଶ୍ରୁତି ପାଣିରଗାର ପାଲଟିଛି । ଫଳରେ ମହାସଂଘ ପକ୍ଷରୁ ପୁଣି ଆନ୍ଦୋଳନ ହେବାର ସୂଚନା ମିଳିଛି । ଘଟଣାରୁ ପ୍ରକାଶ, ଜଳେଶ୍ୱର ବ୍ଲକ ଅଧିନରେ ୩୩୭ ଓ ପୌରପାଳିକା ଅଧିନରେ ୪୩ଟି ଅଂଗନୱାଡି କେନ୍ଦ୍ର ଥିବା ବେଳେ ଏଥିରୁ ୨୫ଟି ପଂଚାୟତକୁ ଭୋଗରାଇର କାଳିମାତା ସ୍ୱୟସ ସହାୟକ ଗୋଷ୍ଠି ଓ ଜଳେଶ୍ୱରର ସୁବର୍ଣ୍ଣା ମହାସଂଘ ୧୦ ପଂଚାୟତ ଓ ୧୭ଟି ୱାର୍ଡକୁ ଛତୁଆ ଯୋଗାଇ ଆସୁଥିଲା । କିନ୍ତୁ ସୁବର୍ଣ୍ଣା ମହାସଂଘର ଆଭ୍ୟନ୍ତରିଣ ଅର୍ନ୍ତବିବାଦ ଯୋଗୁଁ ଛତୁଆ ବଣ୍ଟନ ବନ୍ଦ ହେବାରୁ ଭୋଗରାଇର କାଳିମାତା ସଂଘ ୨ ମାସ ଧରି ଜଳେଶ୍ୱର ବ୍ଲକରେ ଛତୁଆ ବଣ୍ଟନ କରି ଆସୁଛି । ଏଥିନେଇ ଜଳେଶ୍ୱରର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଏକତ୍ରୀତ ହୋଇ ବାରମ୍ବାର ସିଡିପିଓଙ୍କ ଜଣାଇ ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗତ ୨୪ତାରିଖରେ ଆନ୍ଦୋଳନ ହୋଇଥିଲା । ସିଡିପିଓ ଘଟଣାସ୍ଥଳକୁ ନ ଆସିବାରୁ ବିଡିଓ ଅଶ୍ୱିନୀ କୁମାର ଦାସ ଆନ୍ଦୋଳନକାରୀଙ୍କୁ ୨୭ ତାରିଖରେ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଜି ମହାସଂଘର କର୍ମକର୍ତ୍ତା ଓ ୩୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି କାର୍ଯ୍ୟାଳୟକୁ ଆସିଥିବା ବେଳେ ଗୋଷ୍ଠୀ ଉନ୍ନୟତ ଅଧିକାରୀ ନ ଥିଲେ । ତାଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ୍‌ରେ କୌଣସି ଉତ୍ତର ନ ଦେବାରୁ ମହାସଂଘ କ୍ଷୁବ୍ଧ ହୋଇଛି । ସମସ୍ୟାର ସମାଧାନ ଲାଗି ମହାସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାଯାଇଛି । ଛକାପଞ୍ଝା ଲାଗି ରହିଥିବାରୁ ଆସନ୍ତା ଦିନରେ ଛତୁଆ ବଣ୍ଟନା ନେଇ ବହୁକଥା ଶୁଣିବାକୁ ମିଳୁଛି ।

ବାଲେଶ୍ୱର, ଶୁକ୍ରବାର, ୨୮ ଜାନୁଆରୀ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ପଞ୍ଚାୟତ ନିର୍ବାଚନ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର,୨୭/୦୧ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨ର ସୁପରିଚାଳନା ନିମନ୍ତେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ଏହି ତାଲିମ ଶିବିରରେ ଅଂଶଗ୍ରହଣ ସହ ବିଭିନ୍ନ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଯୋଗଦେଇ ପଞ୍ଚାୟତ ନିର୍ବାଚନର ସମସ୍ତ ପର୍ଯ୍ୟାୟ ଓ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେବା ସହିତ ଏହାକୁ ଗୁରୁତ୍ୱ ସହକାରେ ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ସେକ୍ଟର ଅଧିକାରୀ, ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ ଅଧିକାରୀଙ୍କ ଦାୟିତ୍ୱ, ଭୋଟ୍ ଗ୍ରହଣ ପ୍ରକ୍ରିୟା, ଭୋଟବାକ୍ସର ସଠିକ୍ ବ୍ୟବହାର ଉପରେ ଆଲୋକପାତ କରିଥିଲେ । କୋଭିଡ୍-୧୯ ନିୟମାବଳୀର ଅନୁପାଳନ ପୂର୍ବକ ନିର୍ବାଚନ ପରିଚାଳନା ଓ ଭୋଟ୍‌ଗ୍ରହଣ କିଭଳି ସମ୍ପନ୍ନ ହୋଇପାରିବ ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ଭଲ ଭାବେ ବୁଝାଯାଇଥିଲା । ସେହିଭଳି ଭୋଟ ଗ୍ରହଣ ପୂର୍ବରୁ କରାଯିବାକୁ ଥିବା ପ୍ରସ୍ତୁତି, ପୋଲିଂ ଏଜେଣ୍ଟଙ୍କ ଉପସ୍ଥିତିରେ ଭୋଟବାକ୍ସ ଓ ବାଲଟ୍ ପେପରକୁ କିଭଳି ଠିକ ଢଙ୍ଗରେ ପ୍ରସ୍ତୁତ କରାଯିବ, ଭିନ୍ନ ଭିନ୍ନ ବର୍ଗର ପ୍ରାର୍ଥୀଙ୍କ ପାଇଁ ରହିଥିବା ଭିନ୍ନ ଭିନ୍ନ ରଙ୍ଗର ବାଲଟ୍ ପେପର, ଭୋଟଗ୍ରହଣ ଦିନ ଭୋଟରମାନେ କୋଭିଡ ନିୟମ ପାଳନ ପୂର୍ବକ କିଭଳି ଧାଡିରେ ଛିଡା ହୋଇ ସହଜରେ ଭୋଟଦାନ କରିପାରିବେ, ଦିବ୍ୟାଙ୍ଗ ଓ କୋଭିଡ୍ ଆକ୍ରାନ୍ତମାନଙ୍କ ପାଇଁ ହୋଇଥିବା ସ୍ୱତନ୍ତ୍ର ବ୍ୟବସ୍ଥା, ଭୋଟଗ୍ରହଣ ଶେଷ ପରେ ଭୋଟବାକ୍ସକୁ କିଭଳି ସିଲ କରାଯିବ ଡେମୋ ମାଧ୍ୟମରେ ତାହା ଅଧିକାରୀମାନଙ୍କୁ ଦେଖାଯାଇଥିଲା । ଭୋଟଦାନ ବୁଥରେ ବିଜୁଳି, ପାଣି, ଶୌଚାଳୟର ଉପଯୁକ୍ତ ବ୍ୟବସ୍ଥା, ପୋଲିଂ ପାର୍ଟି ସଦସ୍ୟଙ୍କ ଦାୟିତ୍ୱ, ପୋଲିଂ ବୁଥରେ ଆଇନଶୃଙ୍ଖଳା ରକ୍ଷା, ଭୋଟ୍‌ଗ୍ରହଣ ସମୟ, ଭୋଟରଙ୍କୁ ସଠିକ୍ ଭାବେ ଚିହ୍ନଟ, ଭୋଟ୍‌ଦାନ କିଭଳି ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ ଏବଂ ଭୋଟ୍‌ବାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ବିତରଣ ଠାରୁ ଆରମ୍ଭ କରି ଭୋଟ୍ ଗଣତି ଶେଷ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଏହି ତାଲିମ୍ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା ।

## ଆଗାମୀ ଦିନରେ ସରକାରୀ ଦାବି ପୂରଣ ନେଇ ଓଡ଼ିଶା ଡ୍ରାଇଭର ମହାସଂଘର ଚେତାବନୀ

ନୀଳଗିରି, ୨୭/୦୧ (ନି.ପ୍ର): ଓଡ଼ିଶା ଡ୍ରାଇଭର ମହାସଂଘର ୧୧ଦଫା ଦାବୀ ଯଦି ଓଡ଼ିଶା ସରକାର ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ମହାସଂଘ ପକ୍ଷରୁ ଷ୍ଟେରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି । ଓଡ଼ିଶା ଡ୍ରାଇଭର ମହାସଂଘ, ବାଲେଶ୍ୱର ଶାଖା ପକ୍ଷରୁ ନୀଳଗିରି ଏନ.ଏ.ସି. କଲ୍ୟାଣ ମଣ୍ଡପ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିବା ବେଳେ ଉକ୍ତ ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲା ଆଡ଼ମିନ୍ ରାମକୃଷ୍ଣ ଦାସ , ହରିହର ଘଡ଼ାଇ, ଚନ୍ଦନ ଭଟାଚାର୍ଯ୍ୟ, ରାଜେନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଡ୍ରାଇଭରମାନଙ୍କର ଦୁଃଖ କାହାଣୀକୁ ବଖାଣିଥିଲେ । ସାମ୍ବାଦିକ ସମ୍ମିଳନୀରେ ୧୧ଟା ଦାବୀ ଯଥା : ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯିବା, ପ୍ରତି ଶହେ କି.ମି. ଅନ୍ତରରେ ଗାଡ଼ି ପାର୍କିଂ ସୁବିଧା, ଡ୍ରାଇଭର ଙ୍କ ପାଇଁ ବିଶ୍ରାମାଗାର ଓ ଶୌଚାଳୟର ବ୍ୟବସ୍ଥା, ୫୫ବର୍ଷ ପରେ ପେନସନ ସୁବିଧା, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭର ପରିବାରକୁ ୨୦ଲକ୍ଷ ଟଙ୍କାର ବୀମାରାଶି, ଅକର୍ମଣ୍ୟ ଡ୍ରାଇଭରମାନଙ୍କୁ ୧୦ ଲକ୍ଷ ଟଙ୍କାର ବୀମାରାଶି ସହ ଦୁର୍ଘଟଣାରେ ଚିକିତ୍ସା ପାଇଁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମାରାଶି ଯୋଗାଇ ଦେବା, ଗାଡ଼ି ଚଳାଇବା ପାଇଁ ସମୟସୀମା ଧାର୍ଯ୍ୟ କରିବା, ଡ୍ରାଇଭରମାନଙ୍କୁ ଦ୍ୱିତୀୟ ସୈନିକର ମାନ୍ୟତା ଦେବା, ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ କରିବା, ପିଲାମାନଙ୍କର ଉଚ୍ଚଶିକ୍ଷା ନିମନ୍ତେ ବ୍ୟବସ୍ଥା କରିବା, ବିଚ ରାସ୍ତାରେ ପ୍ରଶାସନ ପକ୍ଷରୁ ଡ୍ରାଇଭରମାନଙ୍କୁ ହଇରାଣ ହରକତ ବନ୍ଦ କରିବା, ଡ୍ରାଇଭରମାନଙ୍କୁ କରୋନା ଯୋଧା ଘୋଷଣା କରିବା, ଇତ୍ୟାଦି ଦାବୀ ଉପରେ ଆଲୋଚନା କରିଥିଲେ । ଏ ସମସ୍ତ ଦାବୀ ରାଜ୍ୟ ସରକାର ପୂରଣ ନ କଲେ ଆଗାମୀ ଦିନରେ ଷ୍ଟେରିଂ ଛାଡ଼ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ରେମୁଣା, ସୋର, ଔପଦା, ଖଇରା, ବାହାନଗା, ନୀଳଗିରି, ବାଲେଶ୍ୱର ସଦରର ଆଡ଼ମିନ ଭାଇମାନେ ଯୋଗ ଦେଇଥିଲେ । ଧର୍ମେନ୍ଦ୍ର ମହାକୁଡ଼ ମଂଚ ପରିଚାଳନା କରିଥିଲେ ।

## ହେଲପିଙ୍ଗ ସୋସାଇଟି ପକ୍ଷରୁ କୃଷକଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୨୭/୦୧ (ନି.ପ୍ର): ସାଧାରଣତନ୍ତ୍ର ଦିବସ ଅବସରରେ ହେଲପିଙ୍ଗ୍ ସୋସାଇଟି ପକ୍ଷରୁ ପରିଖି ପଞ୍ଚାୟତରେ ୨୦ ରୁ ଉର୍ଦ୍ଧ୍ୱ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଦୁନିଆରେ ସମ୍ମାନର ସହ ବଞ୍ଚିବା ପାଇଁ ଚାଷୀଙ୍କ ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ ଏଭଳି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ସଙ୍ଗଠନର କର୍ମକର୍ତ୍ତାମାନେ କହିଛନ୍ତି । 'ଚାଷୀ ହସିଲେ ଦୁନିଆ ହସିବ' ବୋଲି ସଂଗଠନର ସଭାପତି ହ୍ରିତିକ୍ ନାୟକ ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଜାଦ୍ ହିନ୍ଦ୍ କ୍ଲବର କମ୍ଫୁଲ ଅଲି ଖାଁ , ଅବଦୁଲ ମଜିଦ, ହରିଶ ମାଇତି ଉପସ୍ଥିତ ରହି ସଂଗଠନର ଏଭଳି ପଦକ୍ଷେପ କୁ ଭୂୟସୀ ପ୍ରଶଂସା କରିଥିଲେ । ଉପ-ସଭାପତି ସେଖ ନାଜିମ , ଜୀବନ ସଂଗ୍ରାମ ମିଶ୍ର, ରଜତ ଘଡ଼େଇ, ଅରୂପ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜିଲ୍ଲାସ୍ତରୀୟ ଜାତୀୟ ଭୋଟର ଦିବସ ପାଳିତ



ବାରିପଦା, ୨୭/୦୧ (ନି.ପ୍ର): ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ପ୍ରତିବର୍ଷ ଜାନୁଆରୀ ମାସ ୨୫ତାରିଖ ଦିନଟିକୁ ଜାତୀୟ ଭୋଟର ଦିବସ ଭାବେ ସମଗ୍ର ଦେଶରେ ପାଳନ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲାସ୍ତରୀୟ ଭୋଟର ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଅଛି । ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ ସମ୍ମିଳନୀ କକ୍ଷରେ ଭୋଟର ସଚେତନତା ସଂପର୍କିତ ଏକ ସଭା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ମୟୂରଭଞ୍ଜ, ଶ୍ରୀ ବିନୀତ ଭରଦ୍ୱାଜ, ଭା.ପ୍ର.ସେ.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପି.ଅନ୍ୱେଷା ରେଡି,ଭାପ୍ରସେ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମୟୂରଭଞ୍ଜ ପ୍ରକାଶ ଚନ୍ଦ୍ର ବେହେରା, ଓଏଏସ୍, ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ରାଇରଂଗପୁର, ହେମନ୍ତ କୁମାର ସିଂ, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ଭାପ୍ରସେ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀତା ଟୁଡୁ, ପ୍ରମୁଖ ଯୋଗଦେଇ ଜାତୀୟ ଭୋଟର ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ ପୂର୍ବକ ଭାରତର ସାମ୍ବିଧାନିକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଦେଶର ନାଗରିକ ତଥା ଭୋଟରମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରାଯିବା ଓ ଦେଶରେ ସୁଦୃଢ ଗଣତନ୍ତ୍ର ପ୍ରତିଷ୍ଠା କରିବାରେ ସମସ୍ତ ଭୋଟର ମତଦାନରେ ସକ୍ରିୟ ଅଂଶ ଗ୍ରହଣ କରିବା ଭୂମିକା ଆଦି ସଂପର୍କରେ ମତବ୍ୟକ୍ତ କରିବା ସହ ବ୍ୟାପକ ସଚେତନା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଭାରତର ଗଣତାନ୍ତ୍ରୀକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖି, ମୁକ୍ତ, ଅବାଧ ଏବଂ ଶାନ୍ତି ପୂର୍ଣ୍ଣ ନିର୍ବାଚନରେ ଗରିମା ଅକ୍ଷୁର୍ଣ୍ଣ ରଖିବା ପାଇଁ ଏକ ସଂକଳ୍ପ ପାଠ କରାଯାଇଥିଲା । ଏହି ଉପଲକ୍ଷେ ଭୋଟର ସଚେତନତା ସୃଷ୍ଟି କରିବାଯିବା ନେଇ ବିଭିନ୍ନ ବିଦ୍ୟାଳୟ / ମହାବିଦ୍ୟାଳୟ ସ୍ତରୀୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ ମାଟିଆଗଡ, ଯଶିପୁର ର ଛାତ୍ର ଚିନ୍ମୟ ସାହୁ-ପ୍ରଥମ, ଓଡିଶା ଆଦର୍ଶ ବିଦ୍ୟାଳୟ ଭାଲୁବସା, କପ୍ତିପଦା ର ଛାତ୍ର ଅଭିଜିତ ସାହୁ ଦ୍ୱିତୀୟ, ଓ ଏମ୍.ପି.ସି. ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବାରିପଦା ର ଛାତ୍ରୀ ଶ୍ରଦ୍ଧା ସୁମନ ଗିରି ତୃତୀୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ ଭାଲୁବସା, କପ୍ତିପଦା ର ଛାତ୍ରୀ ରେଗା ସିଂ ପ୍ରଥମ, ଓଡିଶା ଆଦର୍ଶ ବିଦ୍ୟାଳୟ ଟିଟିଆ ଜି.ବି ନଗର ନିଲେଶ ସାହୁ ଦ୍ୱିତୀୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ହାଟବାଦଡା, କୁସୁମୀ, ଛାତ୍ରୀ ଲକ୍ଷ୍ମୀ ମୁର୍ମୁ ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଏଥିସହିତ ଜିଲ୍ଲାରେ ଭୋଟର ସଂଶୋଧନ ପ୍ରକ୍ରିୟାରେ ଉଲ୍ଲେଖନୀୟ କାର୍ଯ୍ୟକରିଥିବା ୩ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଯଥା ସାରସକଣା ସଂରକ୍ଷୀତ ବିଧାନ ସଭା ମଣ୍ଡଳୀ ଶିକ୍ଷକ ରାଇସେନ ବେଶ୍ରା, କଂରଜିଆ ସଂରକ୍ଷୀତ ବିଧାନସଭା ମଣ୍ଡଳୀର ଶିକ୍ଷକ ଚନ୍ଦ୍ରଶେଖର ମହାନ୍ତ ଓ ସହକାରୀ ଶିକ୍ଷକ ପଦ୍ମିନି ଟିଉ ଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ନିର୍ବାଚନ ବିଭାଗ ଡେପ୍ୟୁଟି କଲେକ୍ଟର ଶ୍ରୀମତୀ ଟୁଡୁଙ୍କ ତତ୍ୱାବଧାନରେ ଆୟୋଜିତ ଉକ୍ତ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ସଂପୃକ୍ତ ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ ।

## ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ




ବାଲେଶ୍ୱର,୨୭/୦୧ (ନି.ପ୍ର): ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ୭୩ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସହରର ରିଜର୍ଭ ପୁଲିସ ପଡ଼ିଆଠାରେ ପାଳିତ ହୋଇଯାଇଛି । ରାଜ୍ୟ ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ ସହ ଉତ୍ସବ ପାଳନର ଯଥାର୍ଥତା ସମ୍ପର୍କରେ ଉଦବୋଧନ ଦେଇଥିଲେ । ଦେଶକୁ ସ୍ୱାଧୀନତା ଆଣିବାରେ ତ୍ୟାଗ ଓ ବଳିଦାନ ଦେଇଥିବା ଭାରତବର୍ଷର ମହାମନୀଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ମୁଖ୍ୟଅତିଥି ଶ୍ରୀ ପଣ୍ଡା ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ବାଲେଶ୍ୱରର ବୀରପୁତ୍ରଙ୍କ ଅବଦାନକୁ ମନେ ପକାଇଥିଲେ । ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଏବଂ ଭାରତଛାଡ ଆନ୍ଦୋଳନ ପ୍ରତିଟି କ୍ଷେତ୍ରରେ ବାଲେଶ୍ୱର ଜିଲା ଆଗରେ ଥିଲା ବୋଲି ସେ କହିଥିଲେ । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ପରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ବାଲେଶ୍ୱର ଜିଲାବାସୀ ପ୍ରଦର୍ଶନ କରିଥିବା ଅସୀମ ଧୈର୍ଯ୍ୟ, ଅନନ୍ୟ ସହନଶୀଳତା ଆଜି ଇତିହାସର ବିଷୟବସ୍ତୁ ହୋଇଛି । ସ୍ୱାଧୀନତା ପରେ ଦେଶୀୟ ରାଜ୍ୟ ମିଶ୍ରଣରେ ତତ୍କାଳୀନ ଗଡ଼ଜାତ ନୀଳଗିରିବାସୀଙ୍କ ମହାନତା ସ୍ମରଣୀୟ ହୋଇଥିବା ବେଳେ ଓଡିଶାର ଭାଷା, ସାହିତ୍ୟ, ସଂସ୍କୃତି, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ବାଲେଶ୍ୱର ମାଟିର ମହତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା କହିଥିଲେ । ୧୯୪୭ ମସିହାରେ ଆମେ ସ୍ୱାଧୀନତା ପାଇଥିଲେ ମଧ୍ୟ ସମ୍ବିଧାନ କାର୍ଯ୍ୟକାରୀ ପରେ ଆମକୁ ପୂର୍ଣ୍ଣ ସ୍ୱାଧୀନତା ମିଳିଥିଲା ବୋଲି ସେ କହିଥିଲେ । ଏହାର ସ୍ମୃତିରେ ପ୍ରତିବର୍ଷ ଜାନୁଆରୀ ୨୬ ତାରିଖକୁ ଆମେ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରିଆସୁଛୁ । ଭାରତୀୟ ସମ୍ବିଧାନର ସଙ୍ଘୀୟ ଶାସନ ବ୍ୟବସ୍ଥା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଛି । ଦେଶର ଅଖଣ୍ଡତା, ସାର୍ବଭୌମତା ଓ ବିବିଧତା ମଧ୍ୟରେ ଏକତା ଆଣି ବିଶ୍ୱର ଏହା ବୃହତ ସମ୍ବିଧାନ ହୋଇ ପାରିଛି ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ବକ୍ତବ୍ୟରେ କହିଥିଲେ ।

## ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ଭାଲୁ : ଆକ୍ରମଣରେ ମହିଳା ଗୁରୁତର

ନୀଳଗିରି, ୨୭/୦୧ (ନି.ପ୍ର): ନୀଳଗିରି ସ୍ୱର୍ଣ୍ଣଚୂଡ଼ ପାହାଡ଼ରେ ଭାଲୁମାନଙ୍କର ଆଶ୍ରୟସ୍ଥଳୀ ପାଲଟିଥିବା ବେଳେ ଏବେ ଜଙ୍ଗଲରେ ଖାଦ୍ୟ ଅଭାବରୁ ଜଙ୍ଗଲରେ ନ ରହି ଦ୍ୱିନ ଦ୍ୱିପ୍ରହରରେ ଗାଁ ମୁହାଁ ହେବାକୁ ଲାଗିଛନ୍ତି । ଗୁରୁବାର ଦିନ ପ୍ରାୟ ୪ଟା ସମୟରେ ୨ଟି ଭାଲୁ ମିତ୍ରପୁରସ୍ଥିତ ଚଣ୍ଡିପୁର ଗାଁରେ ପ୍ରବେଶ କରି ଆତଙ୍କରାଜ ଚଳାଇଥିବା ବେଳେ ଉକ୍ତ ଗ୍ରାମର ଶାନ୍ତିଲତା ପାତ୍ର ନିଜ ବାଡ଼ିରେ କାମ କରୁଥିବା ବେଳେ ହଠାତ୍ ଗୋଟିଏ ଭାଲୁ ଶାନ୍ତିଲତାକୁ ଅତର୍କିତ ଭାବେ ଆକ୍ରମଣ କରିଥିଲା । ଫଳରେ ତାଙ୍କର ବାମ ଗୋଡ଼ଟିକୁ ଗୁରୁତର କରିପକାଇଥିଲା । ପରିବାର ଲୋକ ଚିତ୍କାର ଶୁଣି ବାହାରି ପଡ଼ିବାରୁ ଭାଲୁଟି ଛାଡ଼ି ପଳାଇ ଯାଇଥିଲା । ପରିବାର ଲୋକେ ୧୦୮ ଆମ୍ବୁଲାନ୍ସରେ ନୀଳଗିରି ମେଡିକାଲକୁ ଆଣିଥିଲେ । ବର୍ତ୍ତମାନ ସେ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

## ଅୟେସକାନ୍ତ ବିଶ୍ୱାଳ ସ୍ମାରକୀ ସ୍ମୃତିସଭା ଅନୁଷ୍ଠିତ



ବାଲିଆପାଳ, ୨୭/୦୧ (ନି.ପ୍ର): ବାଲିଆପାଳର ଜଣେ ଦକ୍ଷ ଯୁବସଙ୍ଗଠକ ସ୍ୱର୍ଗତଃ ଅୟେଶକାନ୍ତ ବିଶ୍ୱାଳଙ୍କ ତିରୋଧାନ ଦିବସ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି ।ଅୟେଶ ସ୍ମୃତିକମିଟି ପକ୍ଷରୁ ମଧୁପୁରା ପ ।ୟତ ଧାନହାଟରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବ୍ୟୋମକେଶ ସାହୁ ସଭାପତିତ୍ୱ କରିଥିଲେ ।ଅତିଥି ଭାବରେ ପୂର୍ବତନ ସରପ ମୁରଳୀମୋହନ ସାହୁ,ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ,ସୁଶାନ୍ତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଅୟେଶକାନ୍ତ ଜଣେ ନିର୍ଭୀକ ,ପରୋପକାରୀ ଏବଂ ଦକ୍ଷଯୁବସଙ୍ଗଠକ ଭାବରେ ପ୍ରତିଟି ଯୁବମାନସରେ ସବୁଦିନ ଅମରହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ ।ଅ ଳର ଉନ୍ନତିମୂଳକ କାର୍ଯ୍ୟକ୍ରମରେ ଯୁବସମାଜ ସାମିଲ ହେବାକୁ ବକ୍ତମାନେ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲିଟୁନ ସାହୁ, ସୁଜୟ ପରିଡା, ମନୋରଞ୍ଜନ ଦାସ, ଗୌତମ ପଣ୍ଡା, ସାମ୍ବାଦିକ ପ୍ରଦୀପ ଜେନା, ରଘୁନାଥ ପାତ୍ର, ଅଜିତ କାମିଲା, ରତନ କାମିଲା, କାଳିଚରଣ ପ୍ରମାଣିକ, କବିର ଖାଁ, ନଳୀନ କୁମାର ଦ , ବିଜୁ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଅୟେଶକାନ୍ତଙ୍କ ତୈଳଚିତ୍ରରେ ପୁଷ୍ପଅର୍ଘ୍ୟ ପ୍ରଦାନକରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ । ପ୍ରାରମ୍ଭରେ ଅମର ଅତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବପ୍ରାର୍ଥନା କରାଯାଇଥିଲା ।

## ଘାଗରା ପୋଲ ତଦନ୍ତ କଲେ ଜିଲ୍ଲା ଅଧୀକ୍ଷଣ ଯନ୍ତ୍ରୀ

ନୀଳଗିରି, ୨୭/୦୧ (ନି.ପ୍ର): ନୀଳଗିରି ୧୯ନଂ. ରାଜ୍ୟ ରାଜପଥ ଶେରଗଡ଼-ନୀଳଗିରି-ଝରଣାଘାଟି ରାସ୍ତାର ସଜନାଗଡ଼ ଠାରେ ଥିବା ବଡ଼ପୋଲ ନିର୍ମାଣଧୀନ କାର୍ଯ୍ୟ ଚାଲୁଥିବା ବେଳେ ପୋଲର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରୁ ଅତଡ଼ା ଖସିବା ଯୋଗୁଁ ୨ଦିନ ଧରି ସ୍ଥାନୀୟ ପୂର୍ତ୍ତ ବିଭାଗ ପକ୍ଷରୁ ଭାରୀଯାନ ବନ୍ଦ କରାଯାଇଥିବା ବେଳେ ଅତଡ଼ା ଖସିଥିବା ପାର୍ଶ୍ୱରେ ବାଲିବସ୍ତା ପକାଇ ରାସ୍ତାଟିକୁ ସୁରକ୍ଷିତ ରଖିଛନ୍ତି । ଠିକାଦାର ଜଣଙ୍କର ମନମୁଖ୍ୟ କାର୍ଯ୍ୟ ପାଇଁ ଏପରି ବିପଦ ଉପୁଜିଥିବା ବେଳେ ଆଜି ବାଲେଶ୍ୱର ଅଧୀକ୍ଷଣ ଯନ୍ତ୍ରୀ ରାମଚନ୍ଦ୍ର ସେଠୀ, ନୀଳଗିରି ପୂର୍ତ୍ତବିଭାଗ ସରକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମଣ ସିଂ କୁ ନେଇ ସଜନାଗଡ଼ ବଡ଼ପୋଲ ପରିଦର୍ଶନ କରିଥିଲେ । ପୋଲର ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ଅଧୀକ୍ଷଣ ଯନ୍ତ୍ରୀ ରାମଚନ୍ଦ୍ର ସେଠୀ କାର୍ଯ୍ୟ ନିର୍ମାଣର ମନ୍ଥର କାର୍ଯ୍ୟ ଚାଲୁଥିବାରୁ ବିରକ୍ତିଭାବ ପ୍ରକାଶ କରିବା ସହ ଫେବୃଆରୀ ୧୦ତାରିଖ ସୁଦ୍ଧା ପୋଲର ବେସ୍ କାର୍ଯ୍ୟ ଓ ସମସ୍ତ କଲମ (ପିଲର) ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୋଲ କାର୍ଯ୍ୟ ନ ସରିଲେ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଅଧୀକ୍ଷଣ ଯନ୍ତ୍ରୀ କଡ଼ା ଚେତାବନୀ ଦେଇଛନ୍ତି ।

## ଗଣତନ୍ତ୍ର ଦିବସରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ବନ୍ଦେମାତରମ୍ କାର୍ଯ୍ୟକ୍ରମ

ବାରିପଦା, ୨୭/୦୧ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ୭୩ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ଏକ ମନୋଜ୍ଞ କବିତା ପାଠୋତ୍ସବ 'ବନ୍ଦେମାତରମ୍' ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସଂପାଦକ ମନୋଜ ଦଳବେହେରା, ଉପ ସଭାପତି ଜୟନ୍ତ ଦ୍ୱାରୀ, କାବେରୀ ମିଶ୍ର, କୋଷାଧ୍ୟକ୍ଷ ସମରେନ୍ଦ୍ର ବଶା, ଯୁଗ୍ମ ସଂପାଦିକା ବାସନ୍ତୀଲତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଜାତା ଓତା, ଗୋପାଳ ଚନ୍ଦ୍ର ସାଓ, ସ୍ନେହାଶିଷ ମହାନ୍ତି, ରହିମା ନେଶା, ଭାଗବତ ପଣ୍ଡା, କୈବଲ୍ୟ ପ୍ରସାଦ ମହାପାତ୍ର, ହାରାମଣୀ ଦଳେଇ, ମିନତୀ ବେହେରା, ଡ. ପୁଷ୍ପା ପାତ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଦେଶର ଗଣତନ୍ତ୍ରକୁ ସୁଦୃଢ କରିବା କ୍ଷେତ୍ରରେ ଲେଖକର ଭୂମିକା ଉପରେ ମଧ ଆଲୋଚନା ହୋଇଥିଲା ।

## ନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ପ୍ରଶାସନିକ ପ୍ରସ୍ତୁତି ସମୀକ୍ଷା ବୈଠକ




ଭଦ୍ରକ,୨୭/୦୧ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ବ୍ଲକ ପ୍ରଶାସନ ପ୍ରସ୍ତୁତି ର ସମୀକ୍ଷା ପାଇଁ ଆଜି ଡ଼ି.ଆର.ଡ଼ି.ଏ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏସ୍.ପି. ଚରଣ ସିଂ ମୀନା, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ବଂଶୀଧର ସିଂ, ବୈଷୟିକ ନିର୍ଦ୍ଦେଶକ ଏନ୍.ଆଇ.ସି. ବିଜୟ କୁମାର ମିଶ୍ର ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ମତାମତ ରଖିଥିଲେ । ନିର୍ବାଚନ ଆୟୋଗଙ୍କ ମାର୍ଗ ଦର୍ଶିକା ଅନୁଯାୟୀ ପ୍ରତ୍ୟେକ ମତଦାନ କେନ୍ଦ୍ର, ଗଣତି କେନ୍ଦ୍ର, ଷ୍ଟ୍ରଙ୍ଗରୁମ ଗୁଡ଼ିକର ସ୍ଥିତାବସ୍ଥା ଓ ଆବଶ୍ୟକ ଆନୁଷଙ୍ଗିକ ସମସ୍ତ ବ୍ୟବସ୍ଥା ଉପଲବ୍ଧ କରାଇବା ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ସୂଚନା ଯୋଗ୍ୟକି ଜିଲ୍ଲାର ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ୍ ପାଇଁ ଗୋଟିଏ ଲେଖାଏଁ ଅନ୍ୟ ସମସ୍ତ ବ୍ଲକ ପାଇଁ ଦୁଇଟି ଲେଖାଏଁ ଗଣତିକେନ୍ଦ୍ର ଏବଂ ଗୋଟିଏ ଜୋନ୍‌କୁ ଗୋଟିଏ ଷ୍ଟ୍ରଙ୍ଗରୁମର ବ୍ୟବସ୍ଥା କରାଯାଉଛି । ମତଦାନ ଗ୍ରହଣ କାର୍ଯ୍ୟ ପାଇଁ ନିଯୁକ୍ତ ପୋଲିଂ ଦଳ ମାନଙ୍କର ଯାତାୟତ ବ୍ୟବସ୍ଥା, ଆବଶ୍ୟକ ଯାନବାହାନ, ପୋଲିଂ କର୍ମଚାରୀମାନଙ୍କୁ ତାଲିମ୍ ପାଇଁ ତାରିଖ, କେନ୍ଦ୍ର ଓ ସମୟ ନିର୍ଦ୍ଧାରଣ, ଉତ୍ତେଜନା ପ୍ରବଣ ବୁଥ ଚିହ୍ନଟ, ସେକ୍ଟର ଅଫିସରମାନଙ୍କ ଦାୟିତ୍ୱ ଆଦି ସମ୍ବନ୍ଧରେ ସମୀକ୍ଷା କରାଯାଇ ଆବଶ୍ୟକ ପ୍ରସ୍ତୁତି ପାଇଁ ଯଥାଶିଘ୍ର ପଦକ୍ଷେପ ନେବାକୁ ବୈଠକରେ ଉପସ୍ଥିତ ସମସ୍ତ ବି.ଡ଼ି.ଓ. , ତହସିଲଦାର ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ନିର୍ବାଚନୀ କାର୍ଯ୍ୟ ପରିଚାଳନା ବେଳେ ସମସ୍ତ କ୍ଷେତ୍ରରେ କୋଭିଡ଼ ମାର୍ଗଦର୍ଶିକା ଅନୁପାଳନ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ କୁହାଯାଇଥିଲା ।

## 'ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ'ପକ୍ଷରୁ ମୋତିଆବିନ୍ଦୁ ଚିହ୍ନଟ ଶିବିର

ବାଲେଶ୍ୱର,୨୭/୦୧ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଏସଆରବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ' ପକ୍ଷରୁ ଏକ ନିଃଶୁଳ୍କ ମୋତିଆବିନ୍ଦୁ ଚିହ୍ନଟ ଓ ଡାଇବେଟିସ ପରୀକ୍ଷା ଶିବିର ବାହାନଗା ବ୍ଲକ କୋଚିଆ କୋଇଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟୀ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା ଏହି ଶିବିରକୁ ଉଦଘାଟନ କରିବା ସହିତ ସହ ସଂଗଠନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ । କରୋନା କାଳରେ ଗ୍ରାମାଞ୍ଚଳରେ ଏଭଳି ଶିବିର ଆୟୋଜନ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପାଇଁ ବେଶ ଉପାଦେୟ ହୋଇପାରିଛି ବୋଲି ସେ କହିଥିଲେ । ସଂଗଠନର ମୁଖ୍ୟ ସଂଯୁକ୍ତାରାଣୀ ବେହେରା ଏଥିରେ ପୌରହିତ୍ୱ କରିବା ସହ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଶିବିରରେ ଚିହ୍ନଟ ମୋତିଆ ବିନ୍ଦୁ ଥିବା ବ୍ୟକ୍ତିଙ୍କୁ ବିନା ଖର୍ଚ୍ଚରେ ଅସ୍ତ୍ରୋପଚାର କରାଯିବ ବୋଲି ସେ କହିଥିଲେ । ଲାୟନ୍ସ କ୍ଲବର ଡାକ୍ତର ପିଏସ ସାମନ୍ତ, ଡାକ୍ତର ସନ୍ୟାସ କୁମାର ଦାସ ପ୍ରମୁଖ ଏହି ଶିବିରରେ ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିବା ବେଳେ ଡାକ୍ତର ଅଭିମନ୍ୟୁ ମହାପାତ୍ର ଡାଇବେଟିସ ଓ ରକ୍ତଚାପ ପରୀକ୍ଷା ସହ ଔଷଧ ପ୍ରଦାନ କରିଥିଲେ । ଏଡି ଶିବିରକୁ ନେଇ ସ୍ଥାନୀୟ ଲୋକେ ସଂଗଠନର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ସୁଶାନ୍ତ ବେହେରା, ପୀତାମ୍ବର ସାହୁ, ଜ୍ୟୋତିପ୍ରକାଶ ସେଠୀ, ମାନସ ସାହୁ, ବିବେକ କୁମାର ବାରିକ, ରତିକାନ୍ତ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ବେହେରା, ପ୍ରଫୁଲ୍ଲ ପାରିଗ୍ରାହୀ, ହରେକୃଷ୍ଣ ଶିଅଳ ପ୍ରମୁଖ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଏହି ଶିବିରରେ କୋଚିଆ କୋଇଲି ସମେତ ଆଖପାଖ ଅଞ୍ଚଳର ବହୁ ମହିଳା ଓ ପୁରୁଷ ଡାକ୍ତରଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଇ ଔଷଧ ନେଇଥିଲେ ।

## ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ବଡପୋଖରିଆ ଗ୍ରାମ ପଞ୍ଚାୟତ ଆଦର୍ଶ ପଂଚାୟତ

ଖୋର୍ଦ୍ଧା, ୨୭/୦୧ (ନି.ପ୍ର): ଖୋର୍ଦ୍ଧା ଏହି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୨୨ ପାର୍ଥି ପତ୍ର ଦାଖଲ ଶେଷଦିନ ସୁଦ୍ଧା ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀବ୍ଲକ ବଡପୋଖରିଆ ପଞ୍ଚାୟତ ରେ କୌଣସି ଦଳ କାହା ବିରୋଧରେ ଭୋଟପାଇଁ କେଉଁ ଦଳର ଟିକେଟ ଗ୍ରହଣ କରି ନ ଥିଲେ କି ମାଗି ନ ଥିଲେ । ଉକ୍ତ ପଞ୍ଚାୟତବାସୀ ଧନ୍ୟବାଦର ପାତ୍ର । ବିନା ପ୍ରତିଦ୍ୱନ୍ଦିତାର ସରପଂଚ, ସମିତି ଓ ଜିଲ୍ଲା ପରିଷଦ ସଭ୍ୟ ଓ ୱାର୍ଡ ସଭ୍ୟ ସମସ୍ତେ ନିର୍ବାଚିତ ହୋଇଛନ୍ତି ।

## ସାଧାରଣତନ୍ତ୍ର ଦିବସରେ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଉଡିଲା ତ୍ରିରଙ୍ଗା

ଜଳେଶ୍ୱର, ୨୭/୧(ନିପ୍ର): ଭାରତଭଳି ଏକ ବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନ, କାର୍ଯ୍ୟାଳୟ, ଯୁବକ ସଂଘ ପକ୍ଷରୁ ତ୍ରିରଙ୍ଗା ଫର ଫର ହୋଇ ଉଠିଛି । ପଲ୍ଲିରୁ ଦିଲ୍ଲୀ ଯାଏ ଦେଶପ୍ରେମ, ଜାତୀୟତାଭାବ ଓ ଗଣତାନ୍ତ୍ରୀକ ମୂଲ୍ୟବୋଧ ସହିତ ଦେଶ ସୁରକ୍ଷା ଲାଗି ସଭାସମିତିରେ ମତପ୍ରକାଶ ପାଇଛି । ସର୍ବୋପରି ସାଧାରଣତନ୍ତ୍ରର ପ୍ରତୀକ ତ୍ରୀରଙ୍ଗାର ସମ୍ମାନ ରକ୍ଷା କରିବାଲାଗି କେତେକ ସ୍ଥାନରେ ଶପଥପାଠ ମଧ୍ୟ କରଯାଇଛି । ଏହାଂ ଅବସରରେ ସମାଜ କଲ୍ୟାଣ ବିକାଶ ପରିଷଦ କାର୍ଯ୍ୟାଳୟରେ ଜଳେଶ୍ୱର ରେଳ ପ୍ରବନ୍ଧକ ଖଗେନ୍ଦ୍ର ମଣ୍ଡଳ ପତାକା ଉତ୍ତୋଳନ କରି ଦେଶର ଅଖଣ୍ଡତା, ବନ୍ଧୁତା, ମାନବିକ ଦୃଷ୍ଟିଭଂଗି ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ଅନୁଷ୍ଠାନର ସଂପାଦକ ରାମଚନ୍ଦ୍ର ଜେନା, ଡ. ରମାକାନ୍ତ ଭଂଜ, ଇଂ ରାମଚନ୍ଦ୍ର ସାହୁ, କବି ବ୍ରଜେନ୍ଦ୍ର ଗିରି, ଜିତାରାମ ଦେ, ଶରତ ପରିଡା, ଡ. ଅଜିତ୍ ମହାନ୍ତି, ବିଦ୍ୟାଧର ସାହୁ, କମଳ ଚକ୍ରବର୍ତ୍ତୀ, ସତ୍ୟନାରାୟଣ ଦାସ,ରିଆଜ୍ ଖାଁ, ସିଦ୍ଧେଶ୍ୱର ପଣ୍ଡା, ବନମାଳୀ ଧଳ, ଆଦିତ୍ୟନାରାୟଣ ପାତ୍ର ଓ ଗୋପାଳ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ନେତାଜୀ ଷ୍ଟାଡିୟମ ଠାରେ ମନୋରଂଜନ ଦାସଙ୍କ ସଭାପତିତ୍ୱରେ ଅଗ୍ନିସମ ଅଧିକାରୀ ହରେରାମ ମଣ୍ଡଳ, ଅରୁଣ ବେଜ, ହିମାଂଶୁ ସେନାପତି, ପତିତ ପାବନ ପ୍ରଧାନ, ଫାଲଗୁନୀ ପାଣିଗ୍ରାହୀ, ହେମନ୍ତ ଦାସ, ରବିନ୍ଦ୍ର ବାରିକ, ସୁନୀଲ ନାୟକ, ଚନ୍ଦ୍ରମୋହନ ରାଉଳ, ବିପିନି ବିଶ୍ୱାଳ, ବ୍ରଜେନ୍ଦ୍ର ଗିରି, କମଳ ଚକ୍ରବର୍ତ୍ତୀ, ଜଗଦିଶ ବେହେରା, ଅନନ୍ତ ଦାସ, ମାନସ ପ୍ରଧାନ, ଦେବଯାନୀ ଅଣ୍ଡିଆ, ତାରକ ଜେନା, ସରୋଜ ପାତ୍ର, ଅବିନୀ ଚନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଜଳେଶ୍ୱର ବଣିକ ସଂଘ ପକ୍ଷରୁ ସଭାପତି ସୁଧିର କୁମାର ମହାନ୍ତି ଓ କ୍ଷେତ୍ରମୋହନ ଗିରି ମିଳିତଭାବେ ପତାକା ଉତ୍ତୋଳନ କରିଥିଲେ । ଡ. ରମାକାନ୍ତ ଭଂଜ, ବିଜୟ କାମିଳା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଜଳେଶ୍ୱର ମହୋତ୍ସବ କମିଟି ପଡିଆରେ ଶିଶିର ହୁଇ ପତାକା ଉତ୍ତୋଳନ କରିଥିଲେ । ଏଥିରେ ସତ୍ୟସୁନ୍ଦର ଦାସ, କନିଷ୍କ ବୋଧିସତ୍ୱ ଦାସ, ଦିଲ୍ଲିପ ଗିରି, ରାମଚନ୍ଦ୍ର ସାହୁ, ଗୋବିନ୍ଦ ସାହୁ, ଡ. ଅଜିତ୍ ମହାନ୍ତି, ସମୀର ପାତ୍ର, ସୁଶାନ୍ତ ଦାସ, ପାର୍ଥସାରଥି କର, ସବ୍ୟସାଚୀ ଦାସ, ଜିତାଂଶୁ ନନ୍ଦି ପ୍ରମୁଖ ତ୍ରିରଙ୍ଗାର ଗାରିମା, ସ୍ୱାଧିନତା ସଂଗ୍ରାମ ଓ ସାମ୍ପ୍ରତିକ ପରିସ୍ଥିତିରେ ଭାରତୀୟଙ୍କ କର୍ତ୍ତବ୍ୟ ସଂପର୍କରେ କହିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo